76th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

The Prajatantra

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୬ବର୍ଷ ❑ ସଂଖ୍ୟା-୨୭୨ ● କଟକ ●ଶନିବାର ● ୨୦ ମଇ-୨୦୨୩ ● ବୃଷ ୪ ● ସାଲ୍ ୧୪୩୦

CUTTACK ● SATURDAY ● 20 MAY-2023 ● RNI Regd.No.4001/57

ମୂଲ୍ୟ : ₹୫ ଟଙ୍କା

# ଦୁଇ ହଜାର ଟଙ୍କିଆ ନୋଟ ହେଲା ପ୍ରତ୍ୟାହାର

## ସେପ୍ଟେମ୍ବର ୩୦ ସୁଦ୍ଧା ବଦଳାଇବାର ସୁଯୋଗ

ମୁମ୍ବାଇ : ରିଜର୍ଭ ବ୍ୟାଙ୍କ ପକ୍ଷରୁ ଶୁକ୍ରବାରଦିନ ଏକ ବଡ଼ ଘୋଷଣା କରାଯାଇଛି । ବଜାରରୁ ଧୀରେ ଧୀରେ ୨ ହଜାର ଟଙ୍କିଆ ନୋଟ୍ ପ୍ରତ୍ୟାହାର କରାଯିବ । ତେବେ ଏବେ ବଜାରରେ ଉପଲବ୍ଧ ୨ ହଜାର ଟଙ୍କିଆ ନୋଟ ବୈଧ ରହିବ। ଏହା ପୂର୍ବ ଭଳି କାରବାରରେ ବ୍ୟବହାର ହୋଇପାରିବ। ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ ଲୋକମାନେ ଆସନ୍ତା ମେ ୨୩ରୁ ସେପ୍ଟେମ୍ବର ୩୦ ମଧ୍ୟରେ ବ୍ୟାଙ୍କରେ ବଦଳାଇ ପାରିବେ । ଏହି ନୋଟ ବଦଳାଇବାକୁ ବ୍ୟାଙ୍କ ଶାଖା ଓ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ଶାଖା ଗୁଡ଼ିକରେ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯିବ । ଏଣୁ ଲୋକମାନେ ବ୍ୟସ୍ତ ନହୋଇ ସୁବିଧା ଅନୁସାରେ ଏହି ତାରିଖ ମଧ୍ୟରେ ୨ ହଜାର ଟଙ୍କିଆ ନୋଟ ବଦଳାଇ ୫ ଶହ କିମ୍ବା ଅନ୍ୟ ନୋଟ ନେଇପାରିବେ । ଗୋଟିଏ ଥରରେ ୨୦ ହଜାର ଟଙ୍କା ମୂଲ୍ୟର ୨ ହଜାର ଟଙ୍କିଆ ନୋଟ



ବଦଳାଇ ହେବ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। କେନ୍ଦ୍ର ସରକାର ନଭେମ୍ବର ୮, ୨୦୧୬ରେ ବିମୁଦ୍ରୀକରଣ ଘୋଷଣା କରି ୫୦୦ ଟଙ୍କିଆ ଓ ୧ ହଜାର ଟଙ୍କିଆ ନୋଟ ପ୍ରଚଳନ ବନ୍ଦ କରିଦେଇଥିଲେ ଓ ନୂଆ ୨ ହଜାର ଟଙ୍କିଆ ନୋଟ ଓ ୫୦୦ ଟଙ୍କିଆ ନୋଟ ପ୍ରଚଳନ କରିଥିଲେ । ସେତେବେଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨ ହଜାର ଟଙ୍କିଆ ନୋଟ ବଜାରକୁ ଛଡ଼ାଯାଇଥିଲା । କିନ୍ତୁ ଏବେ ବଜାରରେ ଅନ୍ୟ ନୋଟ ଯଥେଷ୍ଟ ପରିମାଣରେ ଥିବାରୁ ଏହାର ଆବଶ୍ୟକତା ଶେଷ ହୋଇଯାଇଛି। ଏଣୁ ଗତ ୨୦୧୮-୧୯ ଆର୍ଥିକ ବର୍ଷରୁ ହିଁ ଏହି ନୋଟର ମୁଦ୍ରଣ ବନ୍ଦ ହୋଇଯାଇଛି ବୋଲି ରିଜର୍ଭ ବ୍ୟାଙ୍କ ପ୍ରକାଶ କରିଛି। ଅନ୍ୟପଟେ ଗ୍ରାହକମାନଙ୍କୁ ଆଉ ୨ ହଜାର ଟଙ୍କିଆ ନୋଟ୍ ନଦେବାକୁ ବ୍ୟାଙ୍କମାନଙ୍କୁ ନିର୍ଦ୍ଦେଶ ହୋଇଛି।

ସୂଚନା ଥାଉକି, ୨୦୧୬ ନୋଟ୍‌ବନ୍ଦି ପରେ ରିଜର୍ଭ ବ୍ୟାଙ୍କ ୨ ହଜାର ଟଙ୍କିଆ ନୂଆ ନୋଟ୍ ଜାରି କରିଥିଲା। ଦେଶରେ ୨୦୧୭-୧୮ ଆର୍ଥିକ ବର୍ଷରେ ୨ ହଜାର ଟଙ୍କିଆ ଅଧିକ ନୋଟ୍ ବଜାରକୁ ଛଡ଼ା ଯାଇଥିଲା। ଏହି ବର୍ଷ ୩୩ ହଜାର ୬୩୦ ଲକ୍ଷ ୨ ହଜାର ଟଙ୍କିଆ ନୋଟ୍ ବଜାରକୁ ଆସିଥିଲା। ଯାହାର ମୋଟ ମୂଲ୍ୟ ୬.୭୨ ଲକ୍ଷ କୋଟି ଟଙ୍କା ଥିଲା। ସେପଟେ ରିଜର୍ଭ ବ୍ୟାଙ୍କ ତାହାର ବାର୍ଷିକ ରିପୋର୍ଟରେ ୨୦୧୯-୨୦, ୨୦୨୦-୨୧ ଓ ୨୦୨୧-୨୨ରେ ୨ ହଜାର ଟଙ୍କିଆ ନୋଟ୍ ଗୋଟିଏ ବି ଛାପି ନଥିବା ତାହାର ବାର୍ଷିକ ରିପୋର୍ଟରେ ଉଲ୍ଲେଖ କରିଥିଲା। ତେଣେ ବଜାରରେ ୨ ହଜାର ଟଙ୍କିଆ ନୋଟ୍ ନେଣଦେଣ କମିଥିବା ଦେଖିବାକୁ ମିଳିଥିଲା। ଏଟିଏମ୍‌ରେ ମଧ୍ୟ ଏହି ନୋଟ୍ ଦେଖିବାକୁ ମିଳୁ ନ ଥିଲା।

## ଜୁନ ୪ରେ କେରଳ ଛୁଇଁବ ମୌସୁମୀ

ଭୁବନେଶ୍ୱର: ପାଣିପାଗ ବିଭାଗର ପୂର୍ବାନୁମାନ ସୂଚନା ଅନୁସାରେ ପୂର୍ବ ବର୍ଷ ଗୁଡ଼ିକ ତୁଳନାରେ ଚଳିତ ବର୍ଷ ସାମାନ୍ୟ ବିଳମ୍ବରେ ଅର୍ଥାତ୍ ଜୁନ୍ ୪ ସୁଦ୍ଧା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଶୀଘ୍ର କେରଳ ଛୁଇଁବ । ମୌସୁମୀ କେରଳ ଛୁଇଁବା ନେଇ ପାଣିପାଗ ବିଭାଗ ପକ୍ଷରୁ ଟୁଇଟ୍‌ରେ ସୂଚନା ଦିଆଯାଇଛି । ଜୁନ୍ ୧ ବଦଳରେ ସାମାନ୍ୟ ବିଳମ୍ବରେ ତଥା ୪ରେ କେରଳ ଛୁଇଁବ ମୌସୁମୀ ବାୟୁ । କେରଳ ଛୁଇଁବାର ଏକ ସପ୍ତାହ ପରେ ମୌସୁମୀ ଓଡ଼ିଶାକୁ ପ୍ରବେଶ କରିଥାଏ । ଫଳରେ ମୌସୁମୀ ଜୁନ୍ ୧୩ ତାରିଖ ପୂର୍ବରୁ ଓଡ଼ିଶାରେ ପ୍ରବେଶ କରିବା ସମ୍ଭାବନା ରହିଛି । ଚାଷୀମାନେ ଅଖିମୁଠି ଅନୁକୂଳ କରି ବର୍ଷାକୁ ଅପେକ୍ଷା କରି ରହିଛନ୍ତି । ପ୍ରାକ୍ ମୌସୁମୀ ବର୍ଷା ହେଲେ ଧାନବୁଣା ଆରମ୍ଭ ହେବ । ଡିଜି ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ପୂର୍ବାନୁମାନ ଅନୁଯାୟୀ ଚଳିତ ବର୍ଷ ମୌସୁମୀ ବର୍ଷା ସ୍ୱାଭାବିକ ହେବ ।

# ଆଦାନୀ ଗ୍ରୁପକୁ ସୁପ୍ରିମକୋର୍ଟ କମିଟିର କ୍ଲିନ୍ ଚିଟ୍




ନୂଆଦିଲ୍ଲୀ: ହିଣ୍ଡେନବର୍ଗ ଅଭିଯୋଗ ସହ ଜଡ଼ିତ ତଦନ୍ତରେ ଭାରତର ନିୟାମକ ବ୍ୟବସ୍ଥାର ଯାଞ୍ଚ କରୁଥିବା ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଏକ ବିଶେଷଜ୍ଞ ପ୍ୟାନେଲ୍ ଆଦାନୀ ଗ୍ରୁପକୁ କ୍ଲିନ୍ ଚିଟ୍ ଦେଇଛନ୍ତି। ପ୍ୟାନେଲ କହିଛନ୍ତି ଯେ ଏହି ମାମଲାରେ ବଜାର ନିୟାମକ ସିକ୍ୟୁରିଟିଜ୍ ଆଣ୍ଡ୍ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ (ସେବି)ର କୌଣସି ନିୟାମକ ବିଫଳତା ନାହିଁ। ଡୋମେନ୍ ବିଶେଷଜ୍ଞଙ୍କୁ ନେଇ ଗଠିତ ବିଶେଷଜ୍ଞ କମିଟି ମଧ୍ୟ କହିଛି ଯେ ଆଦାନୀ ଗ୍ରୁପ୍ ତରଫରୁ କୌଣସି ମୂଲ୍ୟ ହେରଫେର ହୋଇନାହିଁ ଏବଂ ଖୁଚୁରା ନିବେଶକମାନଙ୍କୁ ଆଶ୍ୱସ୍ତି ଦେବା ପାଇଁ କମ୍ପାନି ଆବଶ୍ୟକ ପଦକ୍ଷେପ ନେଇଛି। ଗ୍ରୁପ୍ ଦ୍ୱାରା ନିଆଯାଇଥିବା ନିୟନ୍ତ୍ରଣ ପଦକ୍ଷେପ ଷ୍ଟକ୍ ଉପରେ ଆତ୍ମବିଶ୍ୱାସ ସୃଷ୍ଟି କରିବାରେ ସହାୟକ ହୋଇଛି ଏବଂ ଷ୍ଟକଗୁଡ଼ିକ ବର୍ତ୍ତମାନ ସ୍ଥିର ରହିଛି ବୋଲି ପ୍ୟାନେଲ କହିଛି। ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିବା ରିପୋର୍ଟରେ ପ୍ୟାନେଲ କମିଟି କହିଛି ଯେ, ବର୍ତ୍ତମାନ ସମୟରେ ସେବି ପକ୍ଷରୁ ଦିଆଯାଇଥିବା ସ୍ପଷ୍ଟୀକରଣକୁ ବିଚାରକୁ ନେଲେ ପ୍ରାଥମିକ ଦୃଷ୍ଟିରୁ ମୂଲ୍ୟ କାରବାର ଅଭିଯୋଗରେ ନିୟାମକ ତ୍ରୁଟି ରହିଛି ବୋଲି କମିଟି ପାଇଁ ନିଷ୍ପତ୍ତି ନେବା ସମ୍ଭବ ହେବ ନାହିଁ। ସେବି ଦ୍ୱାରା ଗ୍ରହଣ କରାଯାଇଥିବା ଆଇନଗତ ଆଭିମୁଖ୍ୟ ସହିତ ସୁସଙ୍ଗତ ଏବଂ ଏକ ପ୍ରଭାବଶାଳୀ ପ୍ରବର୍ତ୍ତନ ନୀତିର ଆବଶ୍ୟକତା ରହିଛି ବୋଲି ଏଥିରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଆଦାନୀ ଗ୍ରୁପ୍ ବିରୋଧରେ ହିଣ୍ଡେନବର୍ଗଙ୍କ ଅଭିଯୋଗ ଉପରେ ସେବି ଯେଉଁ ତଦନ୍ତ କରୁଛି, ତାହାର ତଦନ୍ତ ସହିତ ସୁପ୍ରିମକୋର୍ଟ ଅନ୍ୟ ଏକ ଡୋମେନ୍ ବିଶେଷଜ୍ଞଙ୍କ କମିଟି ନିଯୁକ୍ତ କରିଥିଲେ। ନିକଟରେ ସୁପ୍ରିମକୋର୍ଟରେ ରିପୋର୍ଟ ଦାଖଲ କରିଥିବା କମିଟି କହିଛି ଯେ ସେବି ଜାଣିବାକୁ ପାଇଛି ଯେ ହିଣ୍ଡେନବର୍ଗ ରିପୋର୍ଟ ପୂର୍ବରୁ କିଛି ସଂସ୍ଥା ଏକ କ୍ଷୁଦ୍ର ଆଭିମୁଖ୍ୟ ଗ୍ରହଣ କରିଥିଲେ ଏବଂ ରିପୋର୍ଟ ପରେ ମୂଲ୍ୟ ହ୍ରାସ ପାଇବା ପରେ ସେମାନେ ଲାଭବାନ ହୋଇଥିଲେ।

## ୨୨ରୁ ହାଇକୋର୍ଟର ଗ୍ରୀଷ୍ମାବକାଶ

କଟକ: ଓଡ଼ିଶା ହାଇକୋର୍ଟର ଗ୍ରୀଷ୍ମକାଳୀନ ଛୁଟି ଆସନ୍ତା ୨୨ତାରିଖରୁ ଜୁନ୍ ୨୦ତାରିଖ ପର୍ଯ୍ୟନ୍ତ ହେବ । ତେବେ ଏହି ଛୁଟି ମଧ୍ୟରେ ଜରୁରୀ ମାମଲାର ଶୁଣାଣି ନିମନ୍ତେ ହାଇକୋର୍ଟଙ୍କ ଅବକାଶକାଳୀନ ଖଣ୍ଡପୀଠ କାର୍ଯ୍ୟ କରିବେ ଓ ଏଥିପାଇଁ ଆଜି ହାଇକୋର୍ଟଙ୍କ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି । ଏହି ଛୁଟି ଦିନଗୁଡ଼ିକରେ ଅବକାଶକାଳୀନ ଖଣ୍ଡପୀଠ ମେ' ୨୩,୨୫,୩୦ ଓ ଜୁନ୍ ୧,୬,୮,୧୨ ଓ ୧୩ତାରିଖରେ ଜରୁରୀମାମଲାର ଶୁଣାଣି କରିବେ । ସୂଚନା ଅନୁସାରେ ମେ' ୨୩ ଓ ୨୫ତାରିଖରେ ଜଷ୍ଟିସ କେଆର ମହାପାତ୍ର ଓ ଜଷ୍ଟିସ ଏମଏସ ସାହୁଙ୍କ ଦୁଇଜଣିଆ ଖଣ୍ଡପୀଠ ସମେତ ଜଷ୍ଟିସ ଭି ନରସିଂହ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କ ଜଣକିଆ ଖଣ୍ଡପୀଠରେ ଜରୁରୀ ମାମଲାର ଶୁଣାଣି ହୋଇପାରିବ । ସେହିପରି ମେ' ୩୦ତାରିଖରେ ଦୁଇଜଣିଆ ଖଣ୍ଡପୀଠ ଜଷ୍ଟିସ କେଆର ମହାପାତ୍ର ଓ ଜଷ୍ଟିସ ଏମଏସ୍ ସାହୁ ଏବଂ ଜଷ୍ଟିସ ଭି ନରସିଂହ ଓ ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କ ଜଣକିଆ ଖଣ୍ଡପୀଠରେ ମାମଲାର ଶୁଣାଣି ହେବ ।

## ହୀରାକୁଦ ଆସିବେ ମହାନଦୀ ଟ୍ରିବ୍ୟୁନାଲ ଟିମ୍

ଭୁବନେଶ୍ୱର(ପିପିଏସ୍) :ମହାନଦୀ ଜଳବିବାଦ ମାମଲାରେ ହୀରାକୁଦ ଆସୁଛନ୍ତି ମହାନଦୀ ଟ୍ରିବ୍ୟୁନାଲ ଟିମ୍ । ନିକଟରେ ୨ ଟି ପର୍ଯ୍ୟାୟରେ ମହାନଦୀ ଟ୍ରିବ୍ୟୁନାଲ ଟିମ୍‌ରେ ୫୦ ଜଣିଆ ଟିମ ଛତିଶଗଡରେ କ୍ଷେତ୍ର ପରିଦର୍ଶନ କରିଥିଲେ । ଶନିବାରଠାରୁ ଟ୍ରିବ୍ୟୁନାଲ ଟିମ୍ ଓଡିଶାରେ କ୍ଷେତ୍ର ପରିଦର୍ଶନ ଆରମ୍ଭ କରିବେ । ମହାନଦୀ ଜଳବିବାଦ ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲ ଟିମ୍ ତାର ତୃତୀୟ ପ୍ରଯ୍ୟାୟ କ୍ଷେତ୍ର ପରିଦର୍ଶନ ପାଇଁ ହୀରାକୁଦରେ ପହଂଚିଛନ୍ତି । ଆସନ୍ତା ୨୪ ତାରିଖ ଯାଏଁ ଏହି ଟିମ୍ ହୀରାକୁଦ ବନ୍ଧ ସମେତ ଏହାର ଉଭୟ ତଳ ଓ ଉପରମୁଣ୍ଡର ସଂଲଗ୍ନ ଅଂଚଳ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ସନ୍ଧ୍ୟା ସୁଦ୍ଧା ଛତିଶଗଡର ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସମେତ ଅନ୍ୟ



ଅଧିକାରୀ , ବୈଷୟିକ ଦଳ ଓ ଆଇନଜୀବୀ ମଧ୍ୟ ବୁର୍ଲାରେ ପଂହଚିବାର କାର୍ଯ୍ୟକ୍ରମ ରହିଛି । ଏଠାରେ ପୁରା ଟିମ ୨୪ ତାରିଖ ଯାଏଁ ହେବାକୁ ଥିବା କ୍ଷେତ୍ର ପରିଦର୍ଶନ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରିବେ ବୋଲି ସୂଚନା ମିଳିଛି ।

## ଓପିଏସ୍‌ସିର ମେରିଟ୍ ଲିଷ୍ଟକୁ ଖାରଜ କଲେ ହାଇକୋର୍ଟ

କଟକ(ପିପିଏସ୍) : ଏଏସଓ ନିଯୁକ୍ତି ନେଇ ଓପିଏସସିର ମେରିଟ୍ ଲିଷ୍ଟକୁ ଖାରଜ କରିଛନ୍ତି ଓଡ଼ିଶା ହାଇକୋର୍ଟ ୨ ମାସ ମଧ୍ୟରେ ସାନି ତାଲିକା ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଓଡ଼ିଶା ହାଇକୋର୍ଟ ।ଓପିଏସସି ପକ୍ଷରୁ ଏ ଏସ ଓ ପରୀକ୍ଷାରେ ଅନିୟମିତତା ମାମଲା ରିଟ୍ ଆବେଦନରେ ପିଟିସନରଙ୍କ ପକ୍ଷରୁ ଦର୍ଶାଯାଇଥିବା ଯୁକ୍ତିକୁ ବୈଧ ବୋଲି ଦର୍ଶାଇଛନ୍ତି କୋର୍ଟ ।ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଶୁଣାଣି କରି କହିଛନ୍ତି ଯେ ପ୍ରକାଶ ପାଇବା ମେରିଟ୍ ଲିଷ୍ଟ ଗ୍ରହଣୀୟ ନୁହେଁ। ଏଣୁ ଓପିଏସସି ନିୟମ ଅନୁଯାୟୀ ଲିଖିତ ପରୀକ୍ଷା ଆଧାରରେ ଆଉ ଥରେ ନଜର ମେରିଟ୍ ଲିଷ୍ଟ ପ୍ରକାଶ କରିବାକୁ ଓପିଏସସିକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାର ଶୁଣାଣି ଶେଷ ହୋଇ ରାୟ ସଂରକ୍ଷିତ ଥିଲା ।ସୂଚନାଯୋଗ୍ୟ, ଗତ ଅଗଷ୍ଟ ମାସରେ ୭୯୬ଟି ଏଏସଓ ପଦବି ଲାଗି ଓପିଏସସି ପକ୍ଷରୁ ପରୀକ୍ଷା କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମନୋଜ ମିଶ୍ର ମାମଲାର ପରିଚାଳନା କରୁଥିଲେ ।ଏଠାରେ ଉଲ୍ଲେଖଯୋଗ୍ୟ, ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ରଜତ କୁମାର ମିଶ୍ର ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ଏ ସଂପର୍କିତ ମାମଲାର ଶୁଣାଣି କରିଥିଲେ। ମାମଲାର ବିବରଣୀରୁ ପ୍ରକାଶ ଯେ ବିବାଦରେ ରହିଥିବା ଏଏସ୍‌ଓ ପରୀକ୍ଷାକୁ ନେଇ କେତେକ ପ୍ରାର୍ଥୀ ଧାରଣା ଦେଇଥିଲେ। ହାଇକୋର୍ଟଙ୍କ



ନଭେମ୍ବର ୧୪ର ରାୟ ଅନୁସାରେ ଓପିଏକସି ଲିଖିତ ପରୀକ୍ଷାଫଳ ପ୍ରକାଶ କରିଥିଲା। କିନ୍ତୁ ଏହା ପରେ ମଧ୍ୟ ଏଏସ୍ ?ଓ ନିଯୁକ୍ତି ପ୍ରକ୍ରିୟାର ବିବାଦ ପିଛା ଛାଡ଼ି ନଥିଲା। ଏଏସ୍ ?ଓ ପରୀକ୍ଷାରେ ନିୟମ ଉଲ୍ଲଂଘନ ହୋଇଛି। ନିୟମ ଅନୁସାରେ ମେଧା ତାଲିକା ପ୍ରସ୍ତୁତ କରାଯାଇ ନାହିଁ ବୋଲି ଅଭିଯୋଗ ହୋଇଥିଲା। ବିଷୟଭିତ୍ତିକ ସର୍ବନିମ୍ନ ନମ୍ବର ନିୟମ ଲାଗୁ କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ। ପ୍ରାର୍ଥୀ ବିଭିନ୍ନ ବିଷୟରେ ରଖି ଥିବା ସର୍ବମୋଟ ନମ୍ବରକୁ ନେଇ ମେଧା ତାଲିକା ପ୍ରକାଶ କରାଯିବା କଥା। ଏପରି ନିୟମ ୨୦୧୮-୧୯ରେ ଅନୁଷ୍ଠିତ ନିଯୁକ୍ତି ପରୀକ୍ଷାରେ ମଧ୍ୟ ଲାଗୁ କରାଯାଇଥିଲା। କିନ୍ତୁ ଏଥର ନୂଆ ନିୟମ ଲାଗୁ କରି ଲିଖିତ ପରୀକ୍ଷାଫଳ ପ୍ରକାଶ କରାଯାଇଥିଲା।

## ସରକାରୀ ବସ ଉପରକୁ ଗୁଳି ମାଡ଼

ଜୟପୁର:ସରକାରୀ ବସ ଉପରକୁ ଗୁଳି ମାଡ଼ । କୋରାପୁଟ ଜିଲ୍ଲା ବୈପାରିଗୁଡା ଥାନା ଠାରୁ ମାତ୍ର୧୦୦ ମିଟର ଦୂରରେ ଘଟିଛି ଘଟଣା । ବାଲିମେଳା ଠାରୁ ବ୍ରହ୍ମପୁର ଯାଉଥିଲା ସରକାରୀ ବସ । କାହିଁକି ଓ କିଏ ଗୁଳି କଲା ବସ ଉପରକୁ ତାହା ଜଣାପଡିନି । ଥାନା ରେ ରହିଛି ବସ ଟି । ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି ।ବୈପାରୀଗୁଡା ଥାନା ନିକଟରେ ଚଳନ୍ତା ବସରେ ଗୁଳି ଫୁଟିବା ଘଟଣାକୁ ନେଇ ଘଟଣା ସ୍ଥଳରେ ପହଂଚିଲେ କୋରାପୁଟ ସ୍ଥିତ ସାଇଂଟିଫିକ ଟିମ ଏବଂ ବୋମସ୍କାର୍ଡ । ଗତ କାଲି ରାତିରେ ବୈପାରୀଗୁଡା ଥାନା ଠାରୁ ମାତ୍ର ୧୦୦ ମିଟର ଦୂରରେ ଏହି ଘଟଣା ଘଟିଥିବା ବେଳେ ତନାଘନା ଆରମ୍ଭ ହୋଇଛି ।

## ବମ୍ପର ରେଜଲ୍ଟ ପରେ ବଢ଼ିଲା ଯୁକ୍ତ ଦୁଇ ଆଡମିଶନ୍ ଟେନ୍‌ସନ୍

ଭୁବନେଶ୍ୱର: ରାଜ୍ୟରେ ବଢ଼ିଲା ମାଟ୍ରିକ ପାସ୍ ହାର। ତା'ସହ ବଢ଼ିଲା ଯୁକ୍ତ ଦୁଇ ଆଡମିଶନ୍ ଟେନ୍‌ସନ୍। ଏଥର ବଢିପାରେ ଯୁକ୍ତ ଦୁଇ କଟ୍‌ଅଫ୍ ମାର୍କ। କାରଣ ରାଜ୍ୟରେ କଲେଜ ଗୁଡିକର ସିଟ୍ ସଂଖ୍ୟା ଯେତିକି ରହିଛି, ତା'ଠୁ ଅଧିକ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ତେଣୁ ମାଟ୍ରିକରେ ରେକର୍ଡ ୯୬.୪୦ ପ୍ରତିଶତ ପାସ୍ ହାର ରହିବା ପରେ କଲେଜ୍ ଗୁଡିକରେ କଟ୍‌ଅଫ୍ ମାର୍କ ଚଳିତ ବର୍ଷ ଯଥେଷ୍ଟ ବଢ଼ିପାରେ। ଯେଉଁଥିଲାଗି ଅନେକ ମେଧାବୀ ଛାତ୍ରଛାତ୍ରୀ ଅଗ୍ରଣୀ କଲେଜରେ ପଢିବାର ସୁଯୋଗ ନପାଇପାରନ୍ତି।

ରାଜ୍ୟରେ ମୋଟ ଦୁଇ ହଜାର ୬୭ଟି ଯୁକ୍ତ ଦୁଇ କଲେଜ ରହିଛି। ଯେଉଁଥିରେ ସିଟ୍ ସଂଖ୍ୟା ହେଲା ୫ ଲକ୍ଷ ୯ ହଜାର ୩୫୮। କିନ୍ତୁ ଏଥର ପାସ୍ କରିଛନ୍ତି ୫ ଲକ୍ଷ ୧୨ ହଜାର ୪୬୦ ଜଣ। ଏହାବାଦ ସିବିଏସ୍‌ଇ ଓ ଆଇସିଏସ୍‌ଇ ବୋର୍ଡରୁ ପ୍ରତିବର୍ଷ ପ୍ରାୟ ୧୫ ହଜାର ଛାତ୍ରଛାତ୍ରୀ ରାଜ୍ୟ ବୋର୍ଡକୁ ଆସିପାରନ୍ତି। ସବୁକୁ ହିସାବ କଲେ ରାଜ୍ୟରେ ପ୍ରାୟ ୧୮ ହଜାର ସିଟ୍‌ର ଅଭାବ ରହିଛି। ତେବେ ବଡ଼ କଥା ହେଉଛି, ପାଖାପାଖି ୧୮ଟି ଜିଲ୍ଲାରେ କମ୍ କଲେଜ ଥିବାରୁ ସେ ଅଞ୍ଚଳ ଛାତ୍ରଛାତ୍ରୀ ଅଧିକ ପ୍ରଭାବିତ ହୋଇପାରନ୍ତି। ସୀମିତ ସିଟରେ କୃତୀ ଛାତ୍ରଛାତ୍ରୀ କିପରି ଆଡମିଶନ କରିବେ ତାହା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗଣଶିକ୍ଷା ବିଭାଗ ସିଟ୍ ସମସ୍ୟା ଦୂର ଲାଗି ବିଚାର ବିମର୍ଷ ଆରମ୍ଭ କରିଥିଲେ ସୁଦ୍ଧା ଏଯାଏଁ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ସରକାରଙ୍କ ନିଷ୍ପତ୍ତିକୁ କଲେଜ କର୍ତ୍ତୃପକ୍ଷମାନେ ଅପେକ୍ଷା କରିଥିବା ବେଳେ ଶିକ୍ଷାବିତଙ୍କ ମତ ହେଲା, ସରକାର ବୈଷୟିକ ଶିକ୍ଷାନୁଷ୍ଠାନ ସଂଖ୍ୟା ବଢାଇଲେ ଏ ସମସ୍ୟାର ସମାଧାନ ହୁଅନ୍ତା।

## ସିମ୍‌କାର୍ଡ ପାଇଁ ଆସିଲା ଗାଇଡ୍‌ଲାଇନ୍

ଭୁବନେଶ୍ୱର: ଫେକ୍ ସିମ୍ ରୋକିବା ପାଇଁ ଗାଇଡଲାଇନ ଜାରି କଲା କ୍ରାଇମବ୍ରାଞ୍ଚ। କ୍ରାଇମବ୍ରାଞ୍ଚ ଏଡିଜିଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକ ପରେ ଜାରି ହେଲା ନିୟମ। କେବଳ ଆଧାର ସହ ଲିଙ୍କ ନମ୍ବରରେ କଲ କରିବେ ଟେଲି ଭେରିଫିକେସନ। ସ୍ଥାୟୀ ଦୋକାନ ଥିବା ଡିଲରମାନେ ବିକ୍ରି କରିପାରିବେ ସିମ୍ କାର୍ଡ। ଫେକ୍ ? ସିମ୍ ସଂପର୍କୀତ ଅଭିଯୋଗ ଗ୍ରହଣ ପାଇଁ ବ୍ୟବସ୍ଥା କରିବେ। ଅଭିଯୋଗ ଗ୍ରହଣ ଓ ଡିଆକ୍ଟିଭେଟ୍ ? ବ୍ୟବସ୍ଥା କରିବେ ସର୍ଭିସ ପ୍ରୋଭାଇଡର୍। ସିମ୍ ଆକ୍ଟିଭେସନ ନିୟମ ଉଲ୍ଲଂଘନକାରୀ ପିଓଏସ୍ ବ୍ଲାକ ଲିଷ୍ଟେଡ ହେବେ।

## ସିମ୍‌କାର୍ଡର ପାକିସ୍ତାନ ଲିଙ୍କ୍ ମାମଲା

## ମାଷ୍ଟରମାଇଣ୍ଡ ପଠାଣି ସାମନ୍ତ ଲେଙ୍କା ବିରୋଧରେ ଲାଗିବ ଦେଶଦ୍ରୋହ ଅପରାଧ ଦଫା

ଭୁବନେଶ୍ୱର:ଓଡିଶା ସିମକାର୍ଡର ପାକିସ୍ତାନ ଲିଙ୍କ ନେଇ ସ୍ପେଶାଲ ଟାସ୍କ ଫୋର୍ସ (ଏସଟିଏଫ)କୁ ସାଂଘାତିକ ତଥ୍ୟ ମିଳିବା ପରେ ତନାଘନା ଚଳାଇଛି ଏସଟିଏଫ୍ । ଏହି ମାମଲାରେ ମାଷ୍ଟରମାଇଣ୍ଡ ପଠାଣୀ ସାମନ୍ତ ଲେଙ୍କାଙ୍କ ବିରୋଧରେ ଦେଶଦ୍ରୋହ ଅପରରାଧ ଦଫା ଲାଗିବ ବୋଲି ସୂଚନା ରହିଛି ।ଆସନ୍ତା କାଲିଠାରୁ ପଠାଣି ସାମନ୍ତ ଲେଙ୍କାକୁ ୫ ଦିନିଆ ରିମାଣ୍ଡରେ ନେଇ ଆତଙ୍କୀ ଲିଙ୍କ ବାବାଦରେ ଖୋଳତାଡ କରିବ ଏସଟିଏଫ୍ ।ସୂଚନା ମୁତାବକ, ଦିଲ୍ଲୀ, ରାଜସ୍ଥାନ, ଗୁଜରାଟ, ଓ ପଶ୍ଚିମବଙ୍ଗରେ ଥିବା ଆଇଏସଆଇ ଏଜେଣ୍ଟଙ୍କ ସମ୍ପର୍କରେ ଥିଲା ପଠାଣୀ ସାମନ୍ତ । ତେବେ ଅତଙ୍କବାଦୀଙ୍କ ସହ ଲିଙ୍କ ରଖିବାକୁ କେଉଁକେଉଁ ଅଞ୍ଚଳରୁ ସିମକାର୍ଡ କିଣାହୋଇଥିଲା ସେ ନେଇ ତଦନ୍ତ ଚାଲିଛି । ପୂର୍ବରୁ ପଠାଣୀଙ୍କ ବିରୋଧରେ ଅଫିସିଆଲ ଡାଟା ଲିକ୍ ନେଇ ଜଳପାଇଗୁଡି ଥାନାରେ ଅଭିଯୋଗ ରହିଛି ।


## ବୋଲେରୋ-ବାଇକ୍ ଧକ୍କା : ୩ ମୃତ

ବଲାଙ୍ଗିର: ସାବିତ୍ରୀ ଅମାବାସ୍ୟାରେ ଅଘଟଣ। ବୋଲେରୋ ଧକ୍କାରେ ତିନି ଜଣ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ଭିତରେ ଅଛନ୍ତି ଦୁଇ ଜଣ ଶଳା ଭିଣୋଇ। ଘଟଣା ଘଟିଛି ବଲାଙ୍ଗିର ଜିଲ୍ଲା ଲୋଇସିଂହା-ଭରସୁଜା ରାସ୍ତାର କରକଟିଆ ଛକ ନିକଟରେ। ଶୁକ୍ରବାର ଦିନ ପ୍ରାୟ ୧ଟା ୩୦ ସମୟରେ ତିନି ଜଣ ଏକ ବାଇକ ଯୋଗେ ବଲାଙ୍ଗିର ଆସୁଥିବା ବେଳେ ବୋଲେରୋ ଧକ୍କା ଦେଇଥିଲା । ଶାଳକ ରାଜେଶ ପଟେଲ, ଭିଣୋଇ ତୁଳସିରାମ ପଟେଲ ଏବଂ ସୁରଞ୍ଜନ ପଟେଲ ଏକ ବାଇକରେ ରୋତରୁ ବଲାଙ୍ଗିର ଅଭିମୁଖେ ବାହାରିଥିଲେ। କରକଟିଆ ଛକ ନିକଟରେ ସାମ୍ନା ପଟରୁ ଦ୍ରୁତ ଗତିରେ ଆସୁଥିବା ଏକ ବୋଲେରୋ ବାଇକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ତିନି ଜଣ ଯାକ ବାଇକରୁ ଛିଟିକି ପଡିଥିଲେ। ନିକଟରେ ଥିବା କରକଟିଆ ର ତ୍ରିବେଣୀ ସ୍ୱୟଂ ସହାୟକ ଦଳର ସଦସ୍ୟ ଓ ବିଦ୍ୟୁତ ବିଭାଗର କର୍ମଚାରୀ ଗୁରୁତର ତିନିଜଣଙ୍କୁ ଉଦ୍ଧାର କରି ଲୋଇସିଂହା ହସ୍ପିଟାଲକୁ ଆଣିଥିଲେ। ହସ୍ପିଟାଲରେ ଡାକ୍ତର ତିନିଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭିତରେ ରୋତ ଗାଁର ଶାଳକ ରାଜେଶ ପଟେଲ, ସଦେଇପାଲି ଗାଁର ଭିଣୋଇ ତୁଳସିରାମ ପଟେଲ ଏବଂ କୁଶଙ୍ଗ ଗାଁ ର ସୁରଞ୍ଜନ ପଟେଲ ବୋଲି ଜଣାପଡିଛି। ତିନିଜଣ ଯାକ ରୋତ ରୁ ବଲାଙ୍ଗିରକୁ କୌଣସି କାମରେ ଆସୁଥିଲେ। ତିନିଜଣଙ୍କୁ ହସପିଟାଲରେ ପହଂଚାଇଥିବା ତ୍ରିବେଣୀ ସ୍ୱୟଂ ସହାୟକ ଦଳର ସଦସ୍ୟ ମାନେ ବୋଲେରୋ ଧକ୍କା ଦେଇଥିବା କହୁଛନ୍ତି। ଲୋଇସିଂହା ପୋଲିସ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି।

### ସପ୍ତାହାନ୍ତ ବିଚାର

କଂଗ୍ରେସକୁ ମିଳିଲା ରାଜନୈତିକ ସଂଜୀବନୀ

### ବାଟେଘାଟେ



ଶ୍ରୀକ୍ଷେତ୍ର ପୁରୀରେ ବନ୍ଦେ ଭାରତ<br>
ରେଳ ହେଲା ଉଦ୍‌ଘାଟନ<br>
ଦିଲ୍ଲୀରୁ ମୋଦିଜୀ ଭୁବନେଶ୍ୱରରୁ<br>
ଯୋଗ ଦେଲେଟି ନବୀନ<br>
ନବୀନ ବାବୁଙ୍କୁ ମିତ୍ର ବୋଲି କହି<br>
ମୋଦି କଲେ ସମ୍ବୋଧନ<br>
ନବୀନ କହିଲେ ଆମେ ଦୁହେଁ ପୁଣି<br>
କରିବା ଏଠି ଶାସନ<br>
ଲୋକେ କହୁଥିଲେ ଚାଲିବକି ପୁଣି<br>
ଡବଲ ଇଞ୍ଜିନି ଗାଡି<br>
ବିଜେପି ବିଜେଡ଼ି ଓଡିଶା ରାଇଜେ<br>
ପୁଣି ହେବେ ଯୋଡ଼ା ଯୋଡ଼ି ।

-ରାହୀ

## ଗଞ୍ଜାମ ଜିଲ୍ଲାରେ ୨୦୦ ଆନ୍ଧ୍ର ଡ଼ିଗ୍ରୀ ଧାରୀ ଚିହ୍ନଟ

ଗଞ୍ଜାମ: ଗଞ୍ଜାମ ଜିଲ୍ଲାରେ ୨୦୦ ଆନ୍ଧ୍ର ଡ଼ିଗ୍ରୀ ଧାରୀ ଚିହ୍ନଟ ହେଲେଣି । ଗଞ୍ଜାମ ଜିଲ୍ଲାରେ ବହୁ ସଂଖ୍ୟାରେ ଆନ୍ଧ୍ର ଡ଼ିଗ୍ରୀ ଧାରୀ ରହିଥିବାର ସୂଚନା ମିଳିଛି । ଶିକ୍ଷକ ମାନଙ୍କ ଠାରୁ ଆରମ୍ଭ କରି ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟରେ ଏଭଳି କର୍ମଚାରୀ କାର୍ଯ୍ୟ କରୁଛନ୍ତି । ଏବେ ସୁଦ୍ଧା ଗଞ୍ଜାମ ଜିଲ୍ଲାରୁ ୨୦୦ ରୁ ଅଧିକ ଶିକ୍ଷକ ଚିହ୍ନଟ ହୋଇସାରିଲେଣି । ଡାକ ବିଭାଗର ଜିଡିଏସ ପଦରେ ନକଲି ସାର୍ଟିଫିକେଟ ଦେଇ ଆବେଦନ ଘଟଣାର ତଦନ୍ତ ପରେ ଏହା ଜଣାପଡିଛି । ଗଞ୍ଜାମ ଜିଲ୍ଲାରେ ନକଲି ଶିକ୍ଷା ପ୍ରମାଣପତ୍ର ଯାଂଚ୍ ପ୍ରକ୍ରିୟା ଜାରୀ ରହିଛି । ବର୍ତ୍ତମାନ ସୁଦ୍ଧା ଆସିଥିବା ଅଭିଯୋଗ ଅନୁସାରେ ନକଲି ଶିକ୍ଷକଙ୍କ ତାଲିକା ୪୪୧ ରେ ପହଂଚିଛି । ସେଥିମଧ୍ୟରୁ ୯୬ ଜଣଙ୍କ ନାମରେ ଏତଲା ଦିଆଯାଇଥିବା ବେଳେ ୪୭ ଜଣ ଚାକିରୀରୁ ବିଦା ହୋଇସାରିଲେଣି । ସୂଚନା ଅଧିକାର କର୍ମୀ ସମରଜିତ ମହାନ୍ତି ଆରଟିଆଇ ବଳରେ ବିଭିନ୍ନ ବ୍ଲକର ଶିକ୍ଷା ଅଧିକାରୀଙ୍କୁ ଅନ୍ୟ ରାଜ୍ୟର ଶିକ୍ଷା ପ୍ରମାଣପତ୍ର ବିଇଡି ଦାଖଲ କରି ଚାକିରୀ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତାଲିକା ମାଗିଥିଲେ । ବର୍ତ୍ତମାନ ସୁଦ୍ଧା ୧୨ଟି ବ୍ଲକରୁ ମିଳିଥିବା ତଥ୍ୟ ଅନୁସାରେ ଏହି ସଂଖ୍ୟା ୨୦୦ ଟପି ସାରିଲାଣି । ସେଥିମଧ୍ୟରୁ ସାନଖେମୁଣ୍ଡି ବ୍ଲକରେ ସର୍ବାଧିକ ୬୧ ଜଣ ଶିକ୍ଷକ ଶିକ୍ଷୟତ୍ରୀ ରହିଛନ୍ତି । ଦିଗପହଣ୍ଡି ବ୍ଲକରେ ୪୩ ଜଣ ରହିଛନ୍ତି । ଏହି ସୂଚନା ଅନୁସାରେ ହିଞ୍ଜିଳିକାଟୁ ବ୍ଲକରେ ୧୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ବାହାର ରାଜ୍ୟର ବିଇଡ଼ି ସାର୍ଟିଫିକେଟ ଦେଇ ଚାକିରୀ କରୁଥିବା ବେଳେ ବେଲେଗୁଣ୍ଠା ବ୍ଲକର ୧୯ ଜଣ, ଖଲ୍ଲିକୋଟ ବ୍ଲକରେ ୭ ଜଣ, କୁକୁଡ଼ାଖଣ୍ଡି ବ୍ଲକରେ ୧୯ ଜଣ, ସୋରଡ଼ା ବ୍ଲକରେ ୨୧ ଜଣ ଓ ରଙ୍ଗେଇଲୁଣ୍ଡା ବ୍ଲକରେ ୩୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ବାହାର ରାଜ୍ୟର ବିଇଡ଼ି ପ୍ରମାଣପତ୍ର ଦେଇ ଚାକିରୀ କରୁଛନ୍ତି । ଅଧିକାଂଶ ଶିକ୍ଷକ ଶିକ୍ଷୟତ୍ରୀ ଆନ୍ଧ୍ରର ବିଭିନ୍ନ ବିଶ୍ୱବିଦ୍ୟାଳୟର ଶିକ୍ଷା ପ୍ରମାଣପତ୍ର ଦେଇ ଚାକିରୀ କରୁଛନ୍ତି । ଆନ୍ଧ୍ର ବିଶ୍ୱବିଦ୍ୟାଳୟ ସମେତ ସିକାକୁଲମ ସ୍ଥିତ ବି.ଆର. ଆମ୍ବେଦକର ବିଶ୍ୱବିଦ୍ୟାଳୟ, ହରିୟାଣା ସ୍ଥିତ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟ, ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟ, ଗୁଂଟୁର ସ୍ଥିତ ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟ, କର୍ଣ୍ଣାଟକ ଗୁଲବର୍ଗ ବିଶ୍ୱବିଦ୍ୟାଳୟ, ବାଙ୍ଗାଲୁରୁ ବିଶ୍ୱବିଦ୍ୟାଳୟ, ମଦୁରାଇ, ମୁମ୍ବାଇ, ଭୋପାଳ, ତିରୁପତି ଭଳି ବିଭିନ୍ନ ବିଶ୍ୱବିଦ୍ୟାଳୟର ବିଇଡ଼ି ପ୍ରମାଣପତ୍ର ଦେଇ ବହୁ ଶିକ୍ଷକ ଶିକ୍ଷୟତ୍ରୀ ଚାକିରୀ କରୁଛନ୍ତି । ଏମାନଙ୍କ ସାର୍ଟିଫିକେଟ ଯାଂଚ୍ ପରେ ବହୁ ଜାଲ୍ ଶିକ୍ଷକ ଶିକ୍ଷୟତ୍ରୀ ବାହାରିବେ, ଏଣୁ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

## ଅଏଲ୍ ପାମ୍ ଜିଲ୍ଲା ଭାବରେ ନୂଆପଡ଼ା ସାମିଲ

ଭୁବନେଶ୍ୱର:ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ନ୍ୟାସନାଲ୍ ମିଶନ ଅଫ୍ ଏଡିବୁଲ୍ ଅଏଲ୍-ଅଏଲ୍ ପାମ୍ କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲାକୁ ସମ୍ଭାବ୍ୟ ଅଏଲ୍ ପାମ୍ ଜିଲ୍ଲା ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି । ଏହି ମର୍ମରେ କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗ ପକ୍ଷରୁ ଅନୁମୋଦନ ମିଳିଛି ।

ଚଢ଼ା କମିଟି-୨୦୦୬ ଏବଂ ରେଥିୟମ୍ କମିଟି-୨୦୦୭ର ରିପୋର୍ଟ ଅନୁଯାୟୀ ରାଜ୍ୟରେ ଅଏଲ୍ ପାମ୍ ଚାଷର ସଂପ୍ରସାରଣ ନିମନ୍ତେ ୨୩ ଗୋଟି ଜିଲ୍ଲାକୁ ସମ୍ଭାବ୍ୟ ଅଏଲ୍ ପାମ୍ ଜିଲ୍ଲା ଭାବରେ ଚିହ୍ନଟ କରାଯାଇ କେନ୍ଦ୍ର ସରକାରଙ୍କ ଉକ୍ତ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବାବେଳେ ନୂଆପଡ଼ା ଜିଲ୍ଲାକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇ ନଥିଲା । ମୃତ୍ତିକା ଓ ପରିବେଶ ଅନୁକୂଳକୁ ଦୃଷ୍ଟିରେ ରଖି ଏବଂ ନୂଆପଡ଼ା ଜିଲ୍ଲାର ଚାଷୀମାନଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ଯୋଗୁଁ ଅଏଲ୍ ପାମ୍ ଉନ୍ନୟନ କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲାକୁ ସମ୍ଭାବ୍ୟ ଜିଲ୍ଲା ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଭାରତ ସରକାରଙ୍କୁ ଅନୁରୋଧ କରାଯାଇଥିଲା । ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗ ଏହି ପ୍ରସ୍ତାବକୁ ସ୍ୱୀକୃତି ପ୍ରଦାନ କରି କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କୁ ପତ୍ର ଲେଖି ଅବଗତ କରିଛନ୍ତି । ୨୦୨୩-୨୪ ବର୍ଷ ପାଇଁ ରାଜ୍ୟରେ ଅଏଲ୍ ପାମ୍ ଚାଷର ସଂପ୍ରସାରଣ କାର୍ଯ୍ୟକ୍ରମ ନିମନ୍ତେ ଆଗ୍ରହୀ ଅଏଲ୍ ପାମ୍ କମ୍ପାନୀଗୁଡ଼ିକ ମଧ୍ୟରେ ଜିଲ୍ଲା ଆବଂଟନ ପ୍ରକ୍ରିୟାକୁ ଚୂଡ଼ାନ୍ତ କରାଯାଉଥିବା ପରିପ୍ରେକ୍ଷୀରେ ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଥିଲା ।

## ମାଟ୍ରିକ୍ ପରୀକ୍ଷାରେ ୯୦ ପ୍ରତିଶତ ରଖିଲେ

## ରେଜଲ୍ଟ ଶୁଣିବାକୁ ନାହାନ୍ତି ସ୍ୱାତୀ



ଅନୁଗୋଳ: ଅନୁଗୋଳ ଗାନ୍ଧିମାର୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଥିଲେ ଦଶମ ଶ୍ରେଣୀର ଛାତ୍ରୀ। ତାଙ୍କ ନିଜ ଘର ଢେଙ୍କାନାଳ ଜିଲ୍ଲା ପର୍ଜଙ୍ଗ ବ୍ଲକ୍ ଅଞ୍ଚଳରେ। ସେ ଥିଲେ ବାପା ମା'ଙ୍କର ଏକମାତ୍ର ଅଲିଅଳି ଝିଅ। ବାପା ଅଭିରାମ ଜେନା ଅନୁଗୋଳ ସହରରେ ଏକ ଘରୋଇ ଅନୁଷ୍ଠାନରେ ଚାକିରି କରୁଥିଲେ। ମାଟ୍ରିକ୍ ପରୀକ୍ଷାରେ ବି ଭଲ କରିଥିଲେ ଏବଂ ୬୦୦ ମାର୍କରୁ ୫୦୦ରୁ ଊର୍ଦ୍ଧ୍ୱ ନମ୍ବର ଆସିବ ବୋଲି ଆଶା ରଖିଥିଲେ। ମାର୍ଚ୍ଚ ୨୦ରେ ପରୀକ୍ଷା ସରିଥିଲା। ପରୀକ୍ଷା ଶେଷ ହେବାର କିଛିଦିନ ପରେ ସେ ବାପା ମା'ଙ୍କ ସହିତ ମାମୁଁ ଘରକୁ ବାହାରି ଯାଇଥିଲେ। କିନ୍ତୁ, କିଏ ଜାଣିଥିଲା ମାମୁଁ ଘର ବୁଲା ତାଙ୍କ ଜୀବନର ଅନ୍ତିମ ଯାତ୍ରା ହେବ ବୋଲି। ଏକ ମର୍ମନ୍ତୁଦ ଦୁର୍ଘଟଣାରେ ସ୍ୱାତୀଙ୍କ ମୃତ୍ୟୁ ହୋଇଥିଲା। ଏବେ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ପ୍ରାୟ ୨ ମାସ ତଳର ଏହି ଦୁର୍ଘଟଣା ପୁଣି ତାଜା ହୋଇଛି। ସ୍ୱାତୀଙ୍କ ପରିଶ୍ରମ ମୁତାବକ ପରୀକ୍ଷାରେ ୯୦ ପ୍ରତିଶତ ମାର୍କ ମିଳିଛି। ଅନୁଗୋଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୩ ଜଣ ଏ-୧ ବିଦ୍ୟାର୍ଥୀଙ୍କ ମଧ୍ୟରେ ସ୍ୱାତୀଙ୍କ ନାଁ ଆସିଛି। କିନ୍ତୁ, ଏ ଖୁସି ମନାଇବା ପାଇଁ ସ୍ୱାତୀ ନାହାନ୍ତି। ମାଟ୍ରିକ ପରୀକ୍ଷାରେ ତାଙ୍କ କୃତିତ୍ୱକୁ ଦେଖି ପରିବାର ବର୍ଗ, ଗୁରୁଜୀ, ଗୁରୁମା ଓ ସହପାଠୀମାନେ ସ୍ୱାତୀଙ୍କୁ ମନେ ପକାଇଛନ୍ତି ଓ ଦୁଃଖରେ ମ୍ରିୟମାଣ ହୋଇ ପଡୁଛନ୍ତି।




# ୧୨୮ ବର୍ଷୀୟ ମହିଳା, କ୍ଷୀର-ପାଳଙ୍ଗ ଖାଇ ହୋଇପାରିଛନ୍ତି ଦୀର୍ଘାୟୁ

ହଁ ଜୀବନ ମନ୍ତ୍ର। ଦୀର୍ଘ ବର୍ଷ ସୁସ୍ଥ ଜୀବନ ବଞ୍ଚିବାର ମନ୍ତ୍ର। କେତେ ପୀଢି ଗଲେଣି ସେ କିନ୍ତୁ ବଞ୍ଚିଛନ୍ତି। ଦକ୍ଷିଣ ଆଫ୍ରିକାର ୧୨୮ ବର୍ଷୀୟା ମହିଳା। କ୍ଷୀର ଓ ପାଳଙ୍ଗ ଶାଗ ତାଙ୍କର ଆହାର। ଆଶ୍ଚର୍ଯ୍ୟ, ଅବିଶ୍ୱସନୀୟ କିନ୍ତୁ ସତ ତାଙ୍କ କଥା। ଦକ୍ଷିଣ ଆଫ୍ରିକାର ଏହି ମହିଳା ହେଲେ ଜୋହାନା ମାଜିବୁକୋ। ମେ ୧୧ ତାରିଖ ଦିନ ସେ ତାଙ୍କର ୧୨୮ ତମ ଜନ୍ମଦିନ ପାଳନ କରିଛନ୍ତି। ଜୋହାନା ମାଇଜେଙ୍କର ୧୨ ଭଉଣୀ। ସେମାନଙ୍କ ମଧ୍ୟରେ ଏବେବି ୩ ଜଣ ଜୀବିତ ଅଛନ୍ତି। ଜୋହାନାଙ୍କୁ ଜୀବିତ ଥିବା ସବୁଠୁ ବୟସ୍କ ମହିଳା ବୋଲି କୁହାଯାଉଛି। ପିଲାଦିନୁ ଜୋହାନା କୃଷି ଫାର୍ମରେ କାମ କରନ୍ତି।ତାହାହିଁ ତାଙ୍କ ଶ୍ରମ ଓ ରୋଜଗାର। ଖୁବ୍ କମ୍ ବୟସରେ ତାଙ୍କର ବିବାହ ହୋଇଗଲା। ଷ୍ଟାଓ୍ୱାନା ମାଜିବୁକୋଙ୍କୁ ବିବାହ କରିଛନ୍ତି ଜୋହାନା। ଷ୍ଟାଓ୍ୱାନାଙ୍କ ପ୍ରଥମ ପତ୍ନୀଙ୍କ ଦେହାନ୍ତ ପରେ ସେ ଜୋହାନାଙ୍କ ସହ ଦ୍ୱିତୀୟ ବିବାହ କରିଥିଲେ। ଷ୍ଟାଓ୍ୱାନାଙ୍କର ଘୋଡା ଏବଂ ଗାଇ ଫାର୍ମ ଥିଲା। ଏହି ଫାର୍ମରେ କାମ କରୁଥିଲେ ଜୋହାନା। ସେଠାରୁ ତାଙ୍କୁ ତାଜା କ୍ଷୀର ମିଳୁଥିଲା। ଏଥିସହ ସେ ପାଳଙ୍ଗ ଶାଗ ଚାଷ କରୁଥିଲେ। ବହୁଳ ମାତ୍ରାରେ କ୍ଷୀର ଏବଂ ପାଳଙ୍ଗ ଶାଗ ଜାତୀୟ ଖାଦ୍ୟ କାଇ ଦୀର୍ଘାୟୁ ହୋଇପାରିଥିବା କହିଛନ୍ତି। ଜୋହାନାଙ୍କର ନିଜର ଏବଂ ସମ୍ପର୍କୀୟଙ୍କୁ ମିଶାଇ ୫୦ଜଣ ନାତି ନାତୁଣୀ ଅଛନ୍ତି। କ୍ଷୀର ଏବଂ ପାଳଙ୍ଗ ଶାବ ବ୍ୟତୀତ ଏବେ ଅନ୍ୟାନ୍ୟ ଖାଦ୍ୟ ଖାଉଛନ୍ତି ଜୋହାନା। ବୟସର ସାୟାହ୍ନରେ ବି ସେ ଏବେ ଚଲାବୁଲା କରିପାରୁଛନ୍ତି। ଜୋହାନାଙ୍କୁ ଏବେ ସଠିକ୍ ଭାବେ ଶୁଣା ଯାଉନଥିଲେ ବି ସେ ପରିଷ୍କାର ଦେଖିପାରୁଛନ୍ତି। ମଣିଷ ଆୟୁଷ କେତେ ହୋଇପାରେ କାହା ନାମରେ ଅଧିକ ଦିନ ବଞ୍ଚିବାର ରେକର୍ଡ କିଏ ସବୁ ଜୀବିତ ବୟସ୍କ ନା ବୟସ୍କା ଏ ପ୍ରଶ୍ନ ଓ ଖବର ସାଧାରଣ।


# ନଡ଼ିଆ ବେସନ ବର୍ଫି



ଆବଶ୍ୟକ ସାମଗ୍ରୀ: ବେସନ, ନଡ଼ିଆ କୋରା, ଗୁଆ ଘିଅ, ସୁଜି, କ୍ଷୀର, ଚିନି, କିସମିସ୍, ଆଲମଣ୍ଡ, ଗୁଜୁରାତି ଗୁଣ୍ଡ, ବାଦାମ ପ୍ରଭୃତି


ପ୍ରଣାଳୀ: ପ୍ରଥମେ କରେଇରେ ଗୁଆ ଘିଅ ପକାଇ ଗରମ କରନ୍ତୁ। ସେଥିରେ ବେସନ ଓ ସୁଜିକୁ ପକାନ୍ତୁ ।ଏହାପରେ ସେଥିରେ ନଡ଼ିଆ କୋରା ପକାଇ ଭଲ ଭାବେ ଭାଜନ୍ତୁ। ଏହାର ରଙ୍ଗ ହାଲକା ବାଦାମୀ ହେବା ପର୍ଯ୍ୟନ୍ତ ଭାଜନ୍ତୁ । ତା' ପରେ ସେଥିରେ କ୍ଷୀର, ଚିନି ଓ ଗୁଜୁରାତି ଗୁଣ୍ଡ ପକାଇ ଗୋଳାଇ ଦିଅନ୍ତୁ। ଏହା ଟିକେ ଶୁଖିଲା ହେବା ପର୍ଯ୍ୟନ୍ତ ମିଶ୍ରଣକୁ ଭଲଭାବେ ଜନ୍ତନ୍ତୁ । ଏହା ଶୁଖିଲା ହୋଇ ଆସିଲା ପରେ ଏହାକୁ ପ୍ଲେଟକୁ କାଢ଼ି ଖେଳାଇ ଦିଅନ୍ତୁ। ଏହାପରେ ସେଥିରେ ଆଲମଣ୍ଡ, କିସମିସ ଓ ବାଦାମକୁ ଛୋଟ ଛୋଟ କରି କାଟି ମିଶ୍ରଣ ଉପରେ ପକାଇ ସଜାନ୍ତୁ।ଏହାପରେ ବେସନ ଓ ନଡିଆର ମିଶ୍ରଣକୁ ଫ୍ରିଜ୍ ରେ ୨ରୁ ୩ ଘଣ୍ଟା ପର୍ଯ୍ୟନ୍ତ ରଖି ଦିଅନ୍ତୁ। ତା' ପରେ ମିଶ୍ରଣକୁ ପ୍ଲେଟକୁ କାଢି ବର୍ଫି ଆକାରର ସେପ୍ ଦେଇ ଏହାକୁ କାଟି ରଖନ୍ତୁ । ପ୍ରସ୍ତୁତ ହୋଇଗଲା 'ନଡ଼ିଆ ବେସନ ବର୍ଫି'

# ସକାଳ ଜଳଖିଆ ଯଦି ନକରୁଥାନ୍ତି ତେବେ ପଡ଼ିବେ ଅସୁବିଧାରେ



ଶରୀରରେ ଶକ୍ତିସ୍ତର ବଜାୟ ରହିବା ପାଇଁ ଏବଂ ସମସ୍ତ କ୍ରିୟା ଠିକ୍ ଭାବେ ସଞ୍ଚାଳିତ ହେବା ପାଇଁ ଅଧିକାଂଶ ଲୋକ ଦିନକୁ ୨-୩ଥର ଖାଇଥାଆନ୍ତି। କିନ୍ତୁ ସବୁଠାରୁ ଜରୁରୀ ହେଉଛି ସକାଳର ଜଳଖିଆ କାରଣ ରାତ୍ର ଭୋଜନରେ ମିଳିଥିବା ଶକ୍ତି ଏବଂ ପୋଷକ ତତ୍ତ୍ୱ ଶରୀରର ସମସ୍ତ କ୍ରିୟାରେ ଖର୍ଚ୍ଚ ହୋଇଯାଇଥାଏ ।ଯେଉଁଥିପାଇଁ ସକାଳେ ପୁଣି ଥରେ ଶକ୍ତିର ଆବଶ୍ୟକତା ପଡ଼ିଥାଏ ।ସେଥିପାଇଁ ଭୋକ ଲାଗିଥାଏ। ସକାଳେ ଅଫିସ୍ ଯିବା ପାଇଁ ହେଉ,ସ୍କୁଲ୍ ଯିବା ପାଇଁ ହେଉ କିମ୍ବା ଘରର କାମ କରିବା ପାଇଁ ହେଉ ଅଧିକାଂଶ ଲୋକ ସକାଳେ ଜଳଖିଆ କରିପାରନ୍ତି ନାହିଁ। ଏଥିରେ ଶରୀର ଉପରେ ତୁରନ୍ତ କେ ?ାଣସି ପ୍ରଭାବ ପଡ଼ିବାର ନ ଦେଖାଗଲେ ମଧ୍ୟ ସକାଳେ ଜଳଖିଆ ନ କରିବା ଭବିଷ୍ୟତରେ ସ୍ୱାସ୍ଥ୍ୟ ପ୍ରତି ଅନେକ ବଡ଼ କ୍ଷତି ହେବାର ଆଶଙ୍କା ଦେଖାଯାଇଥାଏ। କିପରି ଆସନ୍ତୁ ଜାଣିବା ୧.ମୁଣ୍ଡବ୍ୟଥା: ଯଦି ଆପଣ ସକାଳେ ଜଳଖିଆ କରୁନାହାନ୍ତି ତେବେ ଆପଣଙ୍କ ବ୍ଲଡରେ ସୁଗାର ଲେବେଲ ଅତ୍ୟଧିକ ବଢ଼ିଯାଇଥାଏ କାରଣ ୮/୧୦ଘଣ୍ଟା ଧରି ଆପଣ କିଛି ଖାଇନଥାନ୍ତି। ବ୍ଲଡ୍ ସୁଗାର ବଢ଼ିଯିବା ଫଳରେ ମସ୍ତିଷ୍କରେ ହରମୋନ୍ ନିଃସରଣ ହୋଇଥାଏ ଯାହା ଦ୍ୱାରା ମୁଣ୍ଡବ୍ୟଥା ହୋଇଥାଏ। ୨.ଟାଇପ୍-୨ ମଧୁମେହର ଆଶଙ୍କା: ଯେଉଁମାନେ ଅଧିକାଂଶ ସକାଳ ଜଳଖିଆ ଛାଡ଼ିଦେଇଥାନ୍ତି କିମ୍ବା ତରତରରେ ଅଧା ଖାଇ ଉଠିଯାନ୍ତି ଏହା ଦ୍ୱାରା ଟାଇପ-୨ ମଧୁମେହର ଆଶଙ୍କା ବଢ଼ିଯାଇଥାଏ। ଏହାଦ୍ୱାରା ଆପଣଙ୍କ ବ୍ଲଡ ସୁଗାର ସ୍ତର ପ୍ରଭାବିତ ହୋଇଥାଏ ଏବଂ ବ୍ଲଡ ସୁଗାର ପ୍ରଭାବରେ ଆପଣ ଅବସାଦଗ୍ରସ୍ତ ଏବଂ ଚିନ୍ତାଗ୍ରସ୍ତ ରହିଥାନ୍ତି। ବ୍ଲଡ ସୁଗାର ଅତ୍ୟଧିକ ହେବାରୁ ଶକ୍ତି ସ୍ତର ପ୍ରଭାବିତ ହୋଇଥାଏ ଯାହା କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ୩.ଦିନସାରା ଶକ୍ତିହୀନତା ଏବଂ ଥକ୍କାପଣ: ଯଦି ଆପଣ ଜଳଖିଆ ଖାଉନାହାନ୍ତି ତେବେ ଆପଣଙ୍କୁ ଦିନସାରା ଶକ୍ତିହୀନତା ଏବଂ ଥକ୍କାପଣ ଅନୁଭବ ହୋଇଥାଏ। ସକାଳେ ପେଟ ପୋଷକ ତତ୍ତ୍ୱ ଅବଶୋଷିତ କରିବାକୁ ପ୍ରସ୍ତୁତ ଥାଏ ।ଜଳଖିଆ ନ ଖାଇଲେ ଦିନସାରା କାମ କରିବାକୁ ଶକ୍ତି ମିଳିନଥାଏ। ୪.ଶରୀର ପୃଥୁଳକାୟ ହୋଇଥାଏ: କେତେକ ଲୋକ ଭାବିଥାନ୍ତି କିଛି ନଖାଇବା ଏବଂ କମ୍ ଖାଇବା ଦ୍ୱାରା ମେଦବହୁଳତା ହ୍ରାସ ହୋଇଥାଏ ତେଣୁ ସେମାନେ ଡାଏଟିଂ କରିଥାନ୍ତି। କିନ୍ତୁ ଜଳଖିଆ ନ ଖାଇଲେ କିମ୍ବା ଅଧା ଖାଇଲେ ଆପଣଙ୍କ ଶରୀର ପୃଥୁଳକାୟ ହୋଇଯିବାର ସମ୍ଭାବନା ବଢ଼ିଯାଇଥାଏ। ଏହା ମେଦବହୁଳତାରୁ ମଧ୍ୟ ଖରାପ ହୋଇଥାଏ କାରଣ ମେଦବହୁଳତାରେ ପେଟ ବାହାରି ଯାଇଥାଏ କିମ୍ବା ଶରୀରର ଚର୍ବି ବଢ଼ିଥାଏ କିନ୍ତୁ ଜଳଖିଆ ନ ଖାଇବା ଦ୍ୱାରା ଯେଉଁ ପୃଥୁଳକାୟ ଶରୀର ହୋଇଥାଏ ତାହା ଦ୍ୱାରା ଶରୀର ଦୁର୍ବଳ ହୋଇଯାଇଥାଏ।

# ଆପଣ ଚାହା କରିସାରିବା ପରେ ଚାହା ପତିକୁ ଫୋପାଡ଼ିଦେଉଛନ୍ତି କି



ସମସ୍ତଙ୍କ ଘରେ ଚାହା ହୋଇଥାଏ। ସମସ୍ତେ ଚାହାକୁ ପସନ୍ଦ କରିଥାଆନ୍ତି। ଏହା ଯେତିକି ଲାଭଦାୟକ ହୋଇଥାଏ ସେତିକି ହାନିକାରକ ମଧ୍ୟ ହୋଇଥାଏ। କିନ୍ତୁ ଆମେ ଆଲୋଚନା କରିବୁ ଚାହା ପତି ବିଷୟରେ ଯାହାକୁ ଆମେ ପ୍ରସ୍ତୁତ କରିବା ପରେ ଫୋପାଡ଼ି ଦେଇଥାଉ। କିନ୍ତୁ ଏହି ଚାହା ପତିର ମଧ୍ୟ ଅନେକ ଉପଯୋଗିତା ଥାଏ ବୋଲି ଖୁବ୍ କମ୍ ଲୋକ ଜାଣିଥାନ୍ତି। ଆଜି ଆମେ ଜାଣିବା ଚାହା ପତିର ଉପଯୋଗିତା ବିଷୟରେ; ୧.ଚାହା ପତିରେ ଆଣ୍ଟି ଅକ୍ସିଡାଣ୍ଟ ମିଳିଥାଏ। କୋଣସି କାରଣରୁ ଖଣ୍ଡିଆ ହୋଇଗଲେ କ୍ଷତ ସ୍ଥାନରେ ଚାହା ପତିର ଲେପ ଦେଲେ ଏହା ଲାଭଦାୟକ ହୋଇଥାଏ। ଫୁଟାଯାଇଥିବା ଚାହା ପତିକୁ ଭଲଭାବେ ଧୋଇ ଦିଅନ୍ତୁ। ଏହାକୁ କ୍ଷତ ସ୍ଥାନରେ ଲଗାଇଲେ ଘା ଶୀଘ୍ର ଭଲ ହୋଇଯାଇଥାଏ। ୨. ଚାହା ପତିର ପାଣି ଏକ ଲାଭଦାୟକ କଣ୍ଡିସନର ହୋଇଥାଏ। ଚାହା ପତିକୁ ଧୋଇ ଆଉଥରେ ଫୁଟାଇଦିଅନ୍ତୁ। ଏହି ପାଣିରେ ବାଳକୁ ଧୋଇଲେ ବାଳ ଚିକଚିକ୍ କରିଥାଏ। ୩.କୁଣ୍ଡରେ ଲଗାଯାଇଥିବା ଗଛରେ ମଝିରେ ମଝିରେ ସାର ଦେବା ଉଚିତ୍। ସେଥିପାଇଁ ବଞ୍ଚିଥିବା ଚାହା ପତିକୁ କୁଣ୍ଡରେ ପକାଇ ଦିଅନ୍ତୁ। ଏହା ଉପଯୁକ୍ତ ସାର ଭାବେ କାମ କରିବ। ୪.ଚାହା ପତିକୁ ଆମେ କାଠରେ ନିର୍ମିତ ହୋଇଥିବା ଆସବାବ ପତ୍ରକୁ ଚିକଚିକ୍ କରିବା ପାଇଁ ବ୍ୟବହାର କରିଥାଉ। ଚାହା ପତିକୁ ପୁନର୍ବାର ଫୁଟାଇ ଏହାର ପାଣିକୁ ସ୍ପ୍ରେ ବୋତଲରେ ରଖି ଦିଅନ୍ତୁ। ଏହା ପରେ କାଠର ଆସବାବପତ୍ରକୁ ଏହା ଦ୍ୱାରା ଚମକ ଆଣନ୍ତୁ। ୫.ପ୍ରସ୍ତୁତ ହୋଇଥିବା ଚାହା ପତିକୁ ଆଉ ଥରେ ପାଣିରେ ଫୁଟାନ୍ତୁ। ଏହି ପାଣି ଦ୍ୱାରା ଘିଅ ଓ ତେଲ ଡବାକୁ ସଫା କରନ୍ତୁ। ଏହା ଦ୍ୱାରା ଡବାରୁ ଦୁର୍ଗନ୍ଧ ଦୂର ହୋଇଯିବ।

# ଆଜିର ରାଶିଫଳ

**ମେଷ** – ପାରିବାରିକ କ୍ଷେତ୍ରରେ ସାଧାରଣ ଚଳଣି ଅତୁଟ ରହିବ । ପରୀକ୍ଷା, ପ୍ରତିଯୋଗିତା, ସାକ୍ଷାତକାରରେ ବିଜୟୀ ହେବେ । ବାଣିଜ୍ୟ କ୍ଷେତ୍ରରେ ଉଚିତ ପନ୍ଥା ଗ୍ରହଣ କରି ଉନ୍ନତମାନର ଫଳ ପାଇବେ ।

**ବୃଷ** – ସନ୍ତାନଙ୍କ ଉନ୍ନତିରେ ଖୁସି ହେବେ । ଭାତୃ ବିବାଦ, ଜମିବାଡ଼ି ଓ ଘର ଜାଗା ନେଇ ଥିବା ଦ୍ୱନ୍ଦ୍ୱର ସମାଧାନ ହୋଇପାରେ । କର୍ମକ୍ଷେତ୍ରରେ ସମୟଗୁଡ଼ିକ ହସଖୁସିରେ ବିତିବ ।

**ମିଥୁନ** – ଶାରୀରିକ ସୁସ୍ଥତା ସହ ମାନସିକ ଶାନ୍ତି ଦେଖାଦେବ । କର୍ମକ୍ଷେତ୍ରରେ ଅନେକ ଦିନର ଅଭିଳାଷ ପୂର୍ଣ୍ଣ ହେବ । ବ୍ୟବସାୟୀମାନେ ନୂତନ ବାଣିଜ୍ୟର ପରିକଳ୍ପନା କରିବେ ।

**କର୍କଟ** – ସାମାଜିକ ପତିଆରା ଅମଳିନ ରହିବ । ଆୟ ଉପାର୍ଜନ ବୃଦ୍ଧି ହେବ । ପରିବାରରେ ଆର୍ଥିକ ସମସ୍ୟା ସମାଧାନ ହେବ । ବାଦବିବାଦ, ମାଲିମୋକଦ୍ଦମା, ପ୍ରତିଯୋଗିତା ପରୀକ୍ଷା ଓ ସାକ୍ଷାତକାରରେ ବିଜୟୀ ହେବେ।

**ସିଂହ** – ସମାଜ ସେବାରେ ସୁନାମ ଅର୍ଜନ କରିପାରିବେ । ବ୍ୟବସାୟରେ ସହନଶୀଳତା ଯୋଗେ ଯଶ ମିଳିବ । ଧାର୍ମିକ କାର୍ଯ୍ୟରେ ମନ ବଳାଇବେ

**କନ୍ୟା** – ସମ୍ମାନର ସହ ଦିନଚର୍ଯ୍ୟା ସମ୍ପାଦନ କରିବେ । ଛାତ୍ରଛାତ୍ରୀମାନଙ୍କର ପରୀକ୍ଷା ପରିଣାମ ଅନୁକୂଳ ହେବ । ରାଜନୀତିରେ କମ୍ ପରିଶ୍ରମରେ ଆଶାଜନକ ଫଳପ୍ରାପ୍ତି ହେବ ।

**ତୁଳା** – ଶାରୀରିକ ଓ ମାନସିକ ସ୍ଥିରତା ଦେଖାଦେବ । ନୂଆ ନିଯୁକ୍ତି ଯୋଗ ଅଛି । ମିତ୍ରଙ୍କଠାରୁ ବହୁତ ସାହାଯ୍ୟ ସହଯୋଗ ମିଳିବ । ପରିବାରରେ ସୁଖଶାନ୍ତି ଯୋଗେ ସମସ୍ତ ଚିନ୍ତା ଦୂର ହେବ ।

**ବିଛା** – ବ୍ୟବସାୟରେ ଦୂରଯାତ୍ରାର ସୁଯୋଗ ପାଇ ସଫଳତା ଅର୍ଜନ କରିବେ । ବ୍ୟବସାୟିକ ସ୍ଥିତି ସନ୍ତୋଷଜନକ ହେବ । କର୍ମକ୍ଷେତ୍ରରେ ଉପରିସ୍ଥ ବ୍ୟକ୍ତିଙ୍କଠାରୁ ସମ୍ମାନ ମିଳିବ ।

**ଧନୁ** – ଶତ୍ରୁ ଓ ବିରୋଧୀମାନେ ପରାସ୍ତ ହେବେ । ନିର୍ମାଣ ମୂଳକ ଯୋଜନାରେ ଆଗେଇ ପାରିବେ । ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ସହ ସୁସମ୍ପର୍କ ରହିବ । ବୁଦ୍ଧିମତ୍ତା କାରଣରୁ ସମସ୍ତ କ୍ଷେତ୍ରରେ ଲାଭ ମିଳିବ ।


**ମକର** – ସନ୍ତାନ ସନ୍ତତିଙ୍କ ମର୍ଜି ରକ୍ଷାକରି ଶାନ୍ତି ପାଇବେ । ସାଧୁସନ୍ଥ ଗୁରୁଜନଙ୍କ ଶୁଭାଶୀର୍ବାଦ ପ୍ରାପ୍ତ ହେବ । ବ୍ୟବସାୟରେ ବକେୟା ଅର୍ଥ ଆଦାୟ ହବା ଫଳରେ ଇଚ୍ଛା ମୁତାବକ ଲାଭ ପାଇବେ ।

**କୁମ୍ଭ** – ବିଦ୍ୟା କ୍ଷେତ୍ରରେ ଆଶା ମୁତାବକ ଫଳ ପାଇବେ । ପାରିବାରିକ ସ୍ନେହ ସହାନୁଭୂତି ପ୍ରାପ୍ତି ହେବ । ଶତ୍ରୁମାନେ ମଥାନତ କରିବେ । ପୁରାତନ ରୋଗର ଉପଶମ ଓ ବନ୍ଧୁ ସମାଗମ ହେବ ।

**ମୀନ** – ଆୟବୃଦ୍ଧି, ଋଣମୁକ୍ତି ଓ କର୍ମ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ହେବ । ବ୍ୟବସାୟରେ ଆଶାତୀତ ଲାଭ କରି କିଛି ନୂତନ ପଦାର୍ଥ ସଂଗ୍ରହ କରିହେବ । ପୁଞ୍ଜି ଲଗାଣ, ଉଦ୍ୟୋଗରେ ସଫଳ।

# ପେଟରୋଗ ହିଁ ସବୁ ଅସୁବିଧାର ମୂଳ କାରଣ

ଗ୍ୟାସ୍ ହେବା, କୋଷ୍ଠକାଠିନ୍ୟ, ପେଟ ବ୍ୟଥା, ଅମ୍ଳପିତ୍ତ,ମୁ ହଁରେ ଛାଲ ପଡ଼ିବାଆଦି ପେଟ ସହ ଜଡ଼ିତ ସମସ୍ୟା ଖାଇବା ପିଇବାରେ ଅନିୟମିତତା ଏବଂ ଆମ ଖରାପ ଅଭ୍ୟାସ ଯୋଗୁଁ ହୋଇଥାଏ। ସବୁଠୁ ବଡ଼ କଥା ହେଲା ଶରୀରର ବାକି ସମସ୍ୟାଗୁଡ଼ିକ ମଧ୍ୟ ପେଟ ପାଇଁ ହୋଇଥାଏ। ତେଣୁ ଯଦି ଆପଣଙ୍କ ପେଟ ସୁସ୍ଥ ରହିବ ତେବେ ଆପଣ ମଧ୍ୟ ସୁସ୍ଥ ରହିବେ। ଯଦି ଆପଣଙ୍କ ଖାଦ୍ୟ ହଜମ ହେଉନାହିଁ ଏବଂ ବାରମ୍ବାର ଗ୍ୟାସ୍ ହେଉଛି ତେବେ ସାବଧାନ ହୋଇଯାନ୍ତୁ। ଆପଣଙ୍କ ଡାୟେଟରେ ଏହି ୫ଟି ନିୟମ ସାମିଲ କଲେ ଆପଣଙ୍କୁ ଲାଭ ମିଳିବ। ୧.ସକାଳେ ପ୍ରଚୁର ପାଣି ପିଅନ୍ତୁ: ପ୍ରତିଦିନ ସକାଳେ ଉଠି ପ୍ରତିଦିନ ଏକ ଗ୍ଲାସ୍ ନଖ ଉଷୁମ ପାଣି ପିଅନ୍ତୁ। ଏହା ଦ୍ୱାରା ପେଟ ପରିଷ୍କାର ରହିଥାଏ ଏବଂ ଗ୍ୟାସ୍ ହୋଇନଥାଏ। ଏହା ବ୍ୟତୀତ ଜଳଖିଆ ଏବଂ ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ନ ରଖିବା ଉଚିତ୍। ଯଦି ଆପଣ ଗ୍ୟାସ ସମସ୍ୟା ଭୋଗୁଛନ୍ତି ତେବେ ଢିଲା ପୋଷାକ ପିନ୍ଧନ୍ତୁ। ୨. ପନିପରିବା ଖାଆନ୍ତୁ: ପେଟକୁ ସୁସ୍ଥ ରଖିବାକୁ ଚାହୁଁଛନ୍ତି ଯଦି ନିଜ ଖାଦ୍ୟରେ ଲାଉ, ବାଦାମ, କଖାରୁ, କୋବି ଏବଂ ଗାଜର ଭଳି ଖାଦ୍ୟକୁ ସାମିଲ କରନ୍ତୁ। ତରଭୁଜ ରସ ମଧ୍ୟ ଅମ୍ଳପିତ୍ତ ସମସ୍ୟାରୁ ମୁକ୍ତି ଦେଇଥାଏ ଏବଂ ହଜମ କ୍ରିୟାକୁ ନିୟନ୍ତ୍ରଣ କରିଥାଏ। ୩.ଚୋବାଇ ଚୋବାଇ ଖାଆନ୍ତୁ: ହଜମର ଅର୍ଥ ହେଉଛି ଖାଦ୍ୟରେ ଥିବା କାର୍ବୋହାଇଡ୍ରେଟ୍ କିମ୍ବା ଷ୍ଟାର୍ଚ ସୁଗାରର ପାଚନ ଯାହାର ଆରମ୍ଭ ପାଟିରୁ ହୋଇଥାଏ। ପାଟିରେ ଥିବା ସାଲାଇଭା ଏବଂ ଏନଜାଇମ୍ ଖାଦ୍ୟକୁ ଛୋଟ ଛୋଟ ଟୁକରାରେ ପରିଣତ କରିଥାଏ ତେଣୁ ଖାଦ୍ୟକୁ ଚୋବାଇ ଚୋବାଇ ଖାଇବା ଉଚିତ୍। ଏହା ଦ୍ୱାରା ଖାଦ୍ୟ ଶୀଘ୍ର ହଜମ ହୋଇଥାଏ। ୪. ରସୁଣ ଖାଆନ୍ତୁ: ଫାଇବର ଯୁକ୍ତ ଖାଦ୍ୟକୁ ନିଜ ଦୈନନ୍ଦିନ ଖାଦ୍ୟରେ ସାମିଲ କରନ୍ତୁ। ଖାଦ୍ୟରେ ୨କୋଳା ରସୁଣ ଖାଆନ୍ତୁ ଏବଂ ଫଳ ମଧ୍ୟରେ କଦଳୀ, ଅମୃତଭଣ୍ଡା ଏବଂ ପିଜୁଳି ଖାଆନ୍ତୁ। ଧୂମପାନ କରନ୍ତୁ ନାହିଁ ଏହା ଦ୍ୱାରା ହଜମ କ୍ରିୟା ବାଧାପ୍ରାପ୍ତ ହୋଇଥାଏ। ୫. ମୋସୁମ୍ବୀ ଫଳ ଖାଆନ୍ତୁ: ପ୍ରତିଦିନ ନିଜ ଖାଦ୍ୟରେ ମେ ?ସୁମ୍ବୀ ଫଳ ଖାଆନ୍ତୁ। ଚର୍ବିଜାତୀୟ ଖାଦ୍ୟ ବା ତେଲ ମସଲାଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ।



# ରାତିରେ କେବଳ ଦୁଇଟି ଅଳେଇଚ ଖାଆନ୍ତୁ

ଅଳେଇଚର ଅନେକ ଫାଇଦା ରହିଛି ବୋଲି ସମସ୍ତେ ଜାଣିଛନ୍ତି। ଆପଣ ଥଣ୍ଡାହେଲେ ଅଳେଇଚରେ ପ୍ରସ୍ତୁତ ଚାହା ପିଇଥିବେ ଏବଂ ଏହା ସହିତ ହାଲୁଓ୍ୱା ଏବଂ କ୍ଷୀରିରେମଧ୍ୟ ଅଳେଇଚର ସ୍ୱାଦ ଚାଖିଥିବେ। ଅଳେଇଚ ଖାଇବାରେ ଯେତିକି ସ୍ୱାଦିଷ୍ଟ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେତିକିଲାଭଦାୟକ। ଆପଣ ଠିକ୍ ସମୟ ପୂର୍ବରୁ ଅଳେଇଚ ଖାଇ ରୋଗର ପ୍ରଭାବକୁ କମ୍ କରିପାରିବେ। ରାତିରେ ଶୋଇବା ପୂର୍ବରୁ ଅଳେଇଚ ଖାଅନ୍ତୁ। ଯେଉଁମାନଙ୍କୁ ବ୍ରଣର ସମସ୍ୟାଥାଏ ସେମାନଙ୍କୁ ପ୍ରତିଦିନ ଗରମ ପାଣି ସହିତ ଅଳେଇଚ ଖାଇବା ଫଳରେ ଚର୍ମ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତିମିଳିଥାଏ । କେତେକ ଲୋକ ପ୍ରାୟ ପେଟ ସମ୍ବନ୍ଧୀୟସମସ୍ୟା ଭୋଗିଥାନ୍ତି। ପେଟ ଠିକ୍ ନ ରହିବା କାରଣରୁ ବାଳ ଝଡ଼ିଥାଏ। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ସକାଳେ ଖାଲି ପେଟରେ ଗୋଟିଏ ଅଳେଇଚ ନଖଉଷୁମ ପାଣିରେ ଖାଆନ୍ତୁ। କିଛି ଦିନ ଏପରି କରିବା ଦ୍ୱାରା ଲାଭ ମିଳିଥାଏ। କେତେକ ଲୋକଙ୍କୁ ଦିନ ସାରା କଠିନ ପରିଶ୍ରମ କଲେ ସୁଦ୍ଧା ରାତିରେ ନିଦହୋଇନଥାଏ। ନିଦ ଭଲ ହେବା ପାଇଁ ଲୋକମାନେ ଔଷଧ ଖାଇଥାନ୍ତି। ଯାହା ଦ୍ୱାରା ଶରୀରରେ କ୍ଷତିକାରକପ୍ରଭାବ ପଡ଼ିଥାଏ। ପ୍ରାକୃତିକ ଉପାୟରେ ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଅଳେଇଚକୁ ଗରମ କରିପାଣି ସହ ଖାଆନ୍ତୁ। ଏହା ଦ୍ୱାରା ନିଦ ଭଲ ହେବ ଏବଂ ଘୁଙ୍ଗୁଡ଼ି ସମସ୍ୟାରୁ ମୁକ୍ତି ମିଳିବ। ଗ୍ୟାସ୍,ଅମ୍ଳପିତ୍ତ,କୋଷ୍ଠକାଠିନ୍ୟ,ତଳିପେଟରେ କୁଞ୍ଚନ ଆଦି ସମସ୍ୟାକୁଅଳେଇଚ ଦ୍ୱାରା ଦୂର କରାଯାଇପାରିବ। ଏହା ସହିତ ହାକୁଟୀ ମଧ୍ୟ ବନ୍ଦ ହୋଇଯାଇଥାଏ। ପାଟିରୁ ବାହାରୁଥିବା ଦୁର୍ଗନ୍ଧକୁ ମଧ୍ୟ ଅଳେଇଚ ଦ୍ୱାରା ଦୂର କରାଯାଇପାରିବ ।ପ୍ରତିଦିନ ଏଥିରୁ ପ୍ରସ୍ତୁତ କାଢ଼ା ପିଇବା ଦ୍ୱାରା ମଧ୍ୟ ମାନସିକ ଚିନ୍ତା ଦୂର ହୋଇଥାଏ। ଏଥିରୁକାଢ଼ା ପ୍ରସ୍ତୁତ କରିବା ପାଇଁ ଅଳେଇଚ ପାଉଡରକୁ ପାଣିରେ ଫୁଟାନ୍ତୁ। ତାପରେ କାଢ଼ାରେ ମହୁ ମିଶାଇପିଅନ୍ତୁ। କିଛି ଦିନ ଏପରି ପିଇଲେ ଲାଭ ମିଳିଥାଏ।




# ଇଣ୍ଡିଗୋ ଏୟାରଲାଇନର୍ସ ନୂଆ ସିଇଓ ହେବେ ପିଟର

ଭାରତରେ ବିମାନ ସେବା ପ୍ରଦାନ କରୁଥିବା କମ୍ପାନୀ ଇଣ୍ଡିଗୋକୁ ମିଳିବେ ନୂଆ ସିଇଓ ଅର୍ଥାତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ । ପିଟର ଏଲ୍‌ବର୍ସଙ୍କୁ କମ୍ପାନୀ ଏହି ପଦରେ ନିଯୁକ୍ତି ଦେବା ପାଇଁ ବୁଧବାର ଘୋଷଣା କରିଛି । ଏଲବର୍ସ ଚଳିତ ବର୍ଷ ଅକ୍ଟୋବର ୧ କିମ୍ବା ଏହା ପୂର୍ବରୁ କାର୍ଯ୍ୟରେ ଯୋଗଦେବା ନେଇ କମ୍ପାନୀ କହିଛି । ତାଙ୍କ ନିଯୁକ୍ତିକୁ ବୋର୍ଡ ମଞ୍ଜୁରୀ ଦେଇଛି । ୨୦୧୪ ମସିହାରୁ ଏଲବର୍ସ କେଏଲ୍‌ଏମ୍ ଡଚ୍ ଏୟାରଲାଇନ୍ସର ସଭାପତି ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରିଆସୁଛନ୍ତି । ବର୍ତ୍ତମାନ ଇଣ୍ଡିଗୋର ପରିଚାଳନା ଭାର ସମ୍ଭାଳୁଥିବା ରୋନୋଜୟ ଦତ୍ତ ସେପ୍ଟେମ୍ବର ମାସ ୩୦ ତାରଖରେ ଅବସର ନେବା ନେଇ ନିଷ୍ପତ୍ତି ନେଇଛନ୍ତି । କୋଭିଡ୍ ଭଳି ବିଷମ ସ୍ଥିତିର ସଫଳ ମୁକାବିଲା କରି ସେ କମ୍ପାନୀକୁ ଏବେବି ସମ୍ଭାଳିଥିବା ଇଣ୍ଡିଗୋ ଏକ ଷ୍ଟେଟ୍‌ମେଣ୍ଟ ଜାରି କରି କହିଛି । ବୋର୍ଡ ଅଫ୍ ଡିରେକ୍ଟର୍ସ ଏବଂ ମୁଁ ରୋନୋଙ୍କ ପ୍ରତି କୃତଜ୍ଞ । କାରଣ ସେ ଆମର ବ୍ୟବସାୟକୁ ସଫଳାତପୂର୍ଣ୍ଣ ପରିଚାଳନା କରି ଆସିଛନ୍ତି । ପାଖାପାଖି ୪ ବର୍ଷ ସେ କମ୍ପାନୀକୁ ତାଙ୍କର ଗୁରୁତ୍ୱପୂର୍ଣ୍ଣ ସମୟ ଦେଇଛନ୍ତି । କୋଭିଡ୍ ଭଳି ପରିସ୍ଥିତି ଯାହାକି ଏୟାରଲାଇନ୍ସ ଇତିହାସରେ ଏକ କଳଙ୍କିତ ସମୟ ଏବଂ ବିଶ୍ୱ ପାଇଁ ଏକ ଚ୍ୟାଲେଞ୍ଜର ସମୟ ସେତେବେଳେ ସେ କମ୍ପାନୀକୁ ସମ୍ଭାଳିଛନ୍ତି । ଅବସର ନେଇ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ରାହୁଲ୍ ଭାଟିଆ ଏପରି ଦୁଃଖ ପ୍ରକାଶ କରିଛନ୍ତି ।

## ଫିଲ୍ମ ଟକ୍

# କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଯୋଗ ଦେବେ ମାନୁଷି

ପୂର୍ବତନ ମିସ୍ ଓ୍ୱାର୍ଲ୍ଡ ତଥା ଅଭିନେତ୍ରୀ ମାନୁଷି ଚିଲ୍ଲର। ସେ ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ୍ । ବର୍ତ୍ତମାନ ସେ କାନ୍ସ ୨୦୨୩ ଫିଲ୍ମ ଫେଷ୍ଟିଭାଲ ରେଡ୍ କାର୍ପେଟ୍ ଡେବ୍ୟୁ କରିବାକୁ ପ୍ରସ୍ତୁତ ଅଛନ୍ତି । କାନ୍ସ ଫିଲ୍ମ ଫେଷ୍ଟିଭାଲର ୭୬ତମ ସଂସ୍କରଣ ଫ୍ରାନ୍ସରେ ଅନୁଷ୍ଠିତ । ଯାହା ମେ' ୧୬ ରୁ ୨୭' ମେ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମରେ ଅଭିନେତ୍ରୀ ଅନୁଷ୍କା ଶର୍ମା ମଧ୍ୟ ଯୋଗଦେବେ। କହିବାକୁ ଗଲେ ଐଶ୍ୱର୍ଯ୍ୟା ରାୟ ବଚ୍ଚନ, ବିଦ୍ୟା ବାଲାନ, ଶର୍ମିଳା ଟାଗୋର ଏବଂ ଦୀପିକା ପାଦୁକୋନଙ୍କ ପରି ଅନେକ ବଲିଉଡ ସେଲିବ୍ରିଟି ଫ୍ରାନ୍ସର ଏହି ଫିଲ୍ମ ଫେଷ୍ଟିଭାଲ୍ ପାଇଁ ସାମିଲ ଅଛନ୍ତି। ପ୍ରିୟଙ୍କା ଚୋପ୍ରା, ସୋନମ କପୁର, ପୂଜା ହେଗଡେ, ହିନା ଖାନ, ତମନ୍ନା ଭାଟିଆ ଏବଂ ଆଦିତ୍ୟ ରାଓ ହାଇଦରୀ ମଧ୍ୟ ରେଡ କାର୍ପେଟରେ ଚାଲିଛନ୍ତି।






# ହିରୋସୀମା ଜି-୭ ଶିଖର ସମ୍ମିଳନୀରେ କିଛି ନେତାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ଜି -୭ ଶିଖର ସମ୍ମିଳନୀକୁ ଯିବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଜାପାନରେ ଅନୁଷ୍ଠିତ ଜି-୭ ଶିଖର ସମ୍ମିଳନୀରେ ତାଙ୍କର ଉପସ୍ଥିତି ବିଶେଷ ମହତ୍ତ୍ୱ ରହିଛି, କାରଣ ଭାରତ ବର୍ତ୍ତମାନ ଜି -୨୦ ଗୋଷ୍ଠୀର ଅଧ୍ୟକ୍ଷତା କରୁଛି। ଛଅ ଦିନିଆ ତିନି ଦେଶ ଗସ୍ତକୁ ଯିବା ପୂର୍ବରୁ ଏକ ବିବୃତ୍ତିରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ସେ ଜି-୭ ଦେଶ ତଥା ଅନ୍ୟ ଆମନ୍ତ୍ରିତ ଅଂଶୀଦାରମାନଙ୍କ ସହ ବିଶ୍ୱ ସମ୍ମୁଖୀନ ହେଉଥିବା ଆହ୍ୱାନ ଏବଂ ସାମୂହିକ ଭାବରେ ଏହାର ମୁକାବିଲା କରିବାର ଆବଶ୍ୟକତା ଉପରେ ମତ ବିନିମୟ କରିବାକୁ ଚାହୁଁଛନ୍ତି। ସେ କହିଛନ୍ତି ଯେ ମୁଁ ହିରୋସିମା ଜି ୭ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରୁଥିବା କିଛି ନେତାଙ୍କ ସହ ଦ୍ୱିପାକ୍ଷିକ ବୈଠକ ମଧ୍ୟ କରିବି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଜାପାନର ପ୍ରଧାନମନ୍ତ୍ରୀ ଫୁମିଓ କିଶିଡାଙ୍କୁ ଭେଟି ସେ ବହୁତ ଖୁସି ହେବେ। ଜାପାନ ଯିବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଏକ ଟୁଇଟରେ କହିଛନ୍ତି ଯେ ମୁଁ ବିଭିନ୍ନ ବିଶ୍ୱସ୍ତରୀୟ ପ୍ରସଙ୍ଗରେ ମତ ବିନିମୟକୁ ଅପେକ୍ଷା କରିଛି। ପ୍ରଶାନ୍ତ ମହାସାଗରରେ ଥିବା ଏହି ଦ୍ୱୀପ ଦେଶକୁ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ସରକାରୀ ଗସ୍ତ ହେବ। ୨୨ ମଇରେ ପୋର୍ଟ ମୋରେସବିରେ ପାପୁଆ ନ୍ୟୁ ଗିନି ପ୍ରଧାନମନ୍ତ୍ରୀ ଜେମସ ମାରାପେଙ୍କ ସହ ଭାରତ-ପ୍ରଶାନ୍ତ ମହାସାଗରୀୟ ସହଯୋଗ ଶିଖର ସମ୍ମିଳନୀରେ ପିଏମ ମୋଦୀ ଆୟୋଜନ କରିବେ। ସେ କହିଛନ୍ତି ଯେ ମୁଁ କୃତଜ୍ଞ ଯେ ସମସ୍ତ ୧୪ ପ୍ରଶାନ୍ତ ଦ୍ୱୀପପୁଞ୍ଜ ଦେଶ ଏହି ଗୁରୁତ୍ୱପୂର୍ଣ୍ଣ ଶିଖର ସମ୍ମିଳନୀରେ ଭାଗ ନେବାକୁ ଆମନ୍ତ୍ରଣ ଗ୍ରହଣ କରିଛନ୍ତି। ଫିଜି ଗସ୍ତ ସମୟରେ ୨୦୧୪ରେ ଆରମ୍ଭ ହୋଇଥିଲା । ଜଳବାୟୁ ପରିବର୍ତ୍ତନ ଏବଂ ସ୍ଥାୟୀ ବିକାଶ, ଦକ୍ଷତା ବିକାଶ ଏବଂ ତାଲିମ, ସ୍ୱାସ୍ଥ୍ୟ ଏବଂ କଲ୍ୟାଣ, ଭିତ୍ତିଭୂମି ଏବଂ ଅର୍ଥନୈତିକ ବିକାଶ ଭଳି ଆମକୁ ନେତାମାନଙ୍କ ସହ



ଜଡିତ ହେବାକୁ ମୁଁ ଅପେକ୍ଷା କରିଛି। ପାପୁଆ ନ୍ୟୁ ଗିନି ଠାରୁ ଅଷ୍ଟ୍ରେଲିଆ ପର୍ଯ୍ୟନ୍ତ। ସିଡନୀ ସହରକୁ ଯିବା ପୂର୍ବରୁ ଅନେକ ଦ୍ୱିପାକ୍ଷିକ ବୈଠକ ମଧ୍ୟ କରିବେ । ଅଷ୍ଟ୍ରେଲୀୟ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିଜଙ୍କ ସହ ତାଙ୍କର ଦ୍ୱିପାକ୍ଷିକ ବୈଠକ ମଧ୍ୟ ହେବ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ମାର୍ଚ୍ଚରେ ନୂଆଦିଲ୍ଲୀରେ ଆୟୋଜିତ ହୋଇଥିବା ପ୍ରଥମ ଭାରତ-ଅଷ୍ଟ୍ରେଲିଆ ବାର୍ଷିକ ସମ୍ମିଳନୀର ପ୍ରଭାବ ଉପରେ ଆମର ଦ୍ୱିପାକ୍ଷିକ ସମ୍ପର୍କ ତଥା ଏହାର ପ୍ରଭାବ ଉପରେ ନଜର ରଖିବା ପାଇଁ ଏକ ସୁଯୋଗ ହେବ। ସେ କହିଛନ୍ତି ଯେ ମୁଁ ଅଷ୍ଟ୍ରେଲିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ବରିଷ୍ଠ ଶିଳ୍ପପତିଙ୍କ ସହ ଯୋଗାଯୋଗ କରିବି ଏବଂ ସିଡନୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାରତୀୟ ସମ୍ପ୍ରଦାୟର ସଦସ୍ୟଙ୍କ ସହ ମଧ୍ୟ ଯୋଗାଯୋଗ କରିବି। ପ୍ରଧାନମନ୍ତ୍ରୀ ମୋଦୀ ଏକ ଟୁଇଟରେ କହିଛନ୍ତି ଯେ ଏହି ଗସ୍ତ ଭାରତ-ଅଷ୍ଟ୍ରେଲିଆ ସମ୍ପର୍କକୁ ଆହୁରି ମଜବୁତ କରିବ ।

## ଆସନ୍ତା ସପ୍ତାହରେ ମହାରାଷ୍ଟ୍ରରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

ମୁମ୍ବାଇ : ମହାରାଷ୍ଟ୍ରରେ କ୍ୟାବିନେଟ ସମ୍ପ୍ରସାରଣ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଆସନ୍ତା ସପ୍ତାହରେ ଏକନାଥ ଶିନ୍ଦେ ସରକାର କ୍ୟାବିନେଟକୁ ସମ୍ପ୍ରସାରଣ କରି ଏହାକୁ କାର୍ଯ୍ୟକାରୀ କରିବେ। ଏଥିରେ ଶିନ୍ଦେ ଶିବିରର ୮ ଜଣ ନେତା ମନ୍ତ୍ରୀ ହୋଇପାରନ୍ତି। ମହାରାଷ୍ଟ୍ରରେ ୯ ଅଗଷ୍ଟ ୨୦୨୨ରେ ଏକନାଥ ଶିନ୍ଦେଙ୍କ କ୍ୟାବିନେଟ ସମ୍ପ୍ରସାରିତ ହୋଇଥିଲା। ୧୮ ଜଣ ବିଧାୟକ ଶପଥ ଗ୍ରହଣ କରିଥିଲେ। ଏଥିମଧ୍ୟରୁ ୯ ଜଣ ମନ୍ତ୍ରୀ ଭାଜପା ଏବଂ ୯ ଜଣ ମନ୍ତ୍ରୀ ଶିନ୍ଦେଙ୍କ ଦଳର ଥିଲେ। ଜୁନ ୩୦ରେ ଏକନାଥ ଶିନ୍ଦେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ। ତାଙ୍କ ସହ ଭାଜପା ନେତା ଦେବେନ୍ଦ୍ର ଫଡ୍ନାବିସଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଥିଲା।

# ଆଧୁନିକ ଭାରତ ଇତିହାସ ପ୍ରତି ୪ ଗୁଜରାଟୀଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି: ଶାହ

ନୂଆଦିଲ୍ଲୀ: ଆଧୁନିକ ଭାରତର ଇତିହାସ ପ୍ରତି ୪ଜଣ ଗୁଜରାଟୀଙ୍କର ଅବଦାନ ଉଲ୍ଲେଖନୀୟ ବୋଲି ଗୁରୁବାର ଦିନ କେନ୍ଦ୍ର ଗୃହ ବ୍ୟାପାର ମନ୍ତ୍ରୀ ଅମିତ ଶାହ କହିଛନ୍ତି। 'ଶ୍ରୀ ଦିଲ୍ଲୀ ଗୁଜରାଟୀ ସମାଜ'ର ୧୨୫ ବର୍ଷ ପୂର୍ତ୍ତୀ ଅବସରରେ ନୂଆଦିଲ୍ଲୀରେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶାହ କହିଲେ, ଏ ଚାରିଜଣ ହେଉଛନ୍ତି, ମହାତ୍ମା ଗାନ୍ଧୀ, ସର୍ଦ୍ଦାର୍ ଭଲ୍ଲଭଭାଇ ପଟେଲ୍, ମୋରାର୍ଜୀ ଦେଶାଇ ଏବଂ ନରେନ୍ଦ୍ର ମୋଦୀ। ନରେନ୍ଦ୍ର ମୋଦୀଙ୍କ ପାଇଁ ହିଁ ଭାରତର ପ୍ରସିଦ୍ଧି ସମଗ୍ର ବିଶ୍ୱରେ ବିସ୍ତାରିତ ହେଉଛି। ଏହି ୪ଜଣ ଗୁଜରାଟୀ ଖୁବ୍ ଗୁରୁତ୍ୱପୂର୍ଣ୍ଣ କୃତିତ୍ୱ ଅର୍ଜନ କରିଛନ୍ତି। ତେଣୁ ସେମାନେ ସମଗ୍ର ଦେଶର ଗେ ?ରବ ବୋଲି ଶାହ କହିଛନ୍ତି। ଗୃହମନ୍ତ୍ରୀ ଶାହ ଆହୁରି ମଧ୍ୟ କହିଲେ, ଗାନ୍ଧୀଜୀଙ୍କ ଉଦ୍ୟମ ଫଳରେ ଦେଶ ସ୍ୱାଧୀନ ହେଲା, ସର୍ଦ୍ଦାର୍ ପଟେଲ୍ଙ୍କ ପ୍ରଚେଷ୍ଟାରେ ଦେଶ ଏକତ୍ର ହେଲା, ମୋରାର୍ଜୀ ଦେଶାଇଙ୍କ ପାଇଁ ଦେଶରେ ଗଣତନ୍ତ୍ର ପୁନର୍ଜୀବନ ପାଇଲା ଏବଂ ନରେନ୍ଦ୍ର ମୋଦୀଙ୍କ କାରଣରୁ ସମଗ୍ର ବିଶ୍ୱରେ ଭାରତ ପ୍ରଶଂସାଭାଜନ ହୋଇପାରିଛି। ନରେନ୍ଦ୍ର ମୋଦୀଙ୍କ ୯ ବର୍ଷ ଶାସନକାଳ ପ୍ରସଙ୍ଗ ଦର୍ଶାଇ ସେ କହିଛନ୍ତି ଯେ, ଏହି ସମୟ ମଧ୍ୟରେ ଦେଶ ଅନେକ କୃତିତ୍ୱ ହାସଲ କରିଛି। ୨୦୧୪ରେ ମୋଦୀ ପ୍ରଧାନମନ୍ତ୍ରୀ ହେବା ବେଳେ ଦେଶର ଅର୍ଥନୀତି ବିଶ୍ୱ ଅର୍ଥନୀତିର ୧୧ଶ ସ୍ଥାନରେ ଥିଲା। ୯ ବର୍ଷ ପରେ ଭାରତୀୟ ଅର୍ଥନୀତି ବିଶ୍ୱରେ



୫ମ ବୃହତ୍ ଅର୍ଥନୀତିରେ ପରିଗଣିତ ହେଉଛି। ମୋଦୀ ସମସ୍ତଙ୍କର, ସମସ୍ତେ ମୋଦୀଙ୍କର ଏବଂ ଏହା ସମସ୍ତଙ୍କ ପାଇଁ ଗେ ?ରବର ବିଷୟ। ସେ ପୁଣି ମଧ୍ୟ କହିଛନ୍ତି, ସମଗ୍ର ଦେଶ ଓ ବିଶ୍ୱରେ ଗୁଜରାଟୀ ସମ୍ପ୍ରଦାୟ ଅଛନ୍ତି ଏବଂ ସେମାନେ ଯେକେ ?ଣସି ସମାଜରେ ଭଲରୂପେ ମିଶିଯିବା ସହିତ ତା'ର ସେବା ବି କରନ୍ତି।

# କୁନୋ ଜାତୀୟ ଉଦ୍ୟାନରୁ ଚିତାଙ୍କୁ ରାଜସ୍ଥାନ ସ୍ଥାନାନ୍ତରଣ କରିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ: କୁନୋ ଜାତୀୟ ଉଦ୍ୟାନରେ ୩ଟି ଚିତାଙ୍କ ମୃତ୍ୟୁ ଘଟଣାରେ ଉଦ୍ବେଗ ପ୍ରକାଶ କରିବା ସହିତ ସେମାନଙ୍କୁ ରାଜସ୍ଥାନ ସ୍ଥାନାନ୍ତରଣ କରିବା ପ୍ରସ୍ତାବ ଉପରେ ବିଚାର କରିବା ଲାଗି ଗୁରୁବାର ଦିନ ସୁପ୍ରିମ୍ କୋର୍ଟ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ଦକ୍ଷିଣ ଆଫ୍ରିକା ଏବଂ ନାମିବ୍ୟାରରୁ ମଧ୍ୟପ୍ରଦେଶର 'କୁନୋ ଜାତୀୟ ଉଦ୍ୟାନ'କୁ ସ୍ଥାନାନ୍ତରିତ ହେବାର ୨ ମାସ ମଧ୍ୟରେ ୩ଟି ଚିତା ମୃତ୍ୟୁ ଘଟଣାରେ ବିସ୍ମିତ ହୋଇଥିବା ସୁପ୍ରିମ୍ କୋର୍ଟ କେନ୍ଦ୍ର ସରକାରଙ୍କୁ ଆହୁରି ମଧ୍ୟ ପରାମର୍ଶ ଦେଇ କହିଛନ୍ତି ଯେ, ଚିତା ସ୍ଥାନାନ୍ତରଣ ପ୍ରସଙ୍ଗରେ ରାଜନେ ?ତିକ ବିଚାରବୋଧ ରଖା ନ ଯିବା ଉଚିତ। ବିଚାରପତି ବି.ଆର୍. ଗଭ୍ଇ ଏବଂ ସଞ୍ଜୟ କାରୋଲ୍ଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ବିଶେଷଜ୍ଞମାନଙ୍କ ରିପୋର୍ଟ ଏବଂ



ଗଣମାଧ୍ୟମ ରିପୋର୍ଟ ସୂଚାଉଛି ଯେ, ଏତେ ସଂଖ୍ୟକ ଚିତାଙ୍କ ପାଇଁ 'କୁନୋ ଜାତୀୟ ଉଦ୍ୟାନ'ରେ ଯଥେଷ୍ଟ ସ୍ଥାନ ହେଉନାହିଁ। ସେମାନଙ୍କୁ ଅନ୍ୟାନ୍ୟ ଅଭୟାରଣ୍ୟକୁ ନିଆଯିବା ପ୍ରସଙ୍ଗରେ କେନ୍ଦ୍ର ସରକାର ବିଚାର କରିବା ଉଚିତ। ଖଣ୍ଡପୀଠ କହିଛନ୍ତି, ୨ ମାସରୁ କମ୍ ସମୟ ମଧ୍ୟରେ ୩ ଚିତାଙ୍କ ମୃତ୍ୟୁ ବଡ଼ ଚିନ୍ତାର ବିଷୟ। ବିଶେଷଜ୍ଞ ଓ ଗଣମାଧ୍ୟମ ଆଲେଖ୍ୟରେ ବିଭିନ୍ନ ମତ ପ୍ରକାଶ ପାଉଛି। ଯାହା ଜଣାପଡୁଛି, ଏତେ ସଂଖ୍ୟକ ଚିତାଙ୍କ ପାଇଁ କୁନୋ ଯଥେଷ୍ଟ ନୁହେଁ। ସେଠାରେ ଗୋଟାଏ ସ୍ଥାନରେ ଗୁଡ଼ାଏ ଚିତା ରହୁଛନ୍ତି। ରାଜସ୍ଥାନରେ ସେମାନଙ୍କ ପାଇଁ ଉପଯୁକ୍ତ ଜାଗାଟିଏ ଖୋଜୁନାହଁ କାହିଁକି ? ରାଜସ୍ଥାନରେ ବିରୋଧୀ ଦଳ ଶାସନ କରୁଥିବା ଅର୍ଥ ନୁହେଁ ଯେ, ଆପଣ ସେଠାକୁ ଚିତା ସ୍ଥାନାନ୍ତରଣ କଥା ବିଚାର କରିବେ ନାହିଁ। କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର୍ ଜେନେରାଲ୍ ଐଶ୍ୱର୍ଯ୍ୟା ଭାଟୀ ଅଦାଲତଙ୍କୁ ସୂଚନା ଦେଲେ ଯେ, ଟାସ୍କ୍ ଫୋର୍ସ ଚିତା ମୃତ୍ୟୁ ତଦନ୍ତ ଆରମ୍ଭ କରିସାରିଛି ଏବଂ ଅନ୍ୟାନ୍ୟ ଅଭୟାରଣ୍ୟକୁ ସମ୍ଭାବ୍ୟ ଚିତା ସ୍ଥାନାନ୍ତରଣ କଥା ମଧ୍ୟ ବିଚାର ଚାଲିଛି।

## ଶାସ୍ତି ନୁହେଁ, ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି : ରିଜିଜୁ

ନୂଆଦିଲ୍ଲୀ: ଏ ସ୍ଥାନାନ୍ତରଣ ଶାସ୍ତି ନୁହେଁ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୂରଦୃଷ୍ଟି ବୋଲି ଆଜି ପୂର୍ବାହ୍ନ ୧୧ଟା ବେଳେ ଲୋଧି ରୋଡ୍ରେ ଅବସ୍ଥିତ 'ପୃଥ୍ୱୀ ଭବନ'ରେ ପୃଥ୍ୱୀ ବିଜ୍ଞାନ ମନ୍ତ୍ରାଳୟର ଦାୟିତ୍ୱ ଗ୍ରହଣ କରି କେନ୍ଦ୍ରମନ୍ତ୍ରୀ କିରେଣ ରିଜିଜୁ କହିଛନ୍ତି। କେନ୍ଦ୍ର ଆଇନ ମନ୍ତ୍ରୀ ପଦରୁ ଆକସ୍ମିକ ସ୍ଥାନାନ୍ତରିତ ହେବାର ଦିନକ ପରେ ଆଜି ଗଣମାଧ୍ୟମକୁ ରିଜିଜୁ କହିଛନ୍ତି, ଏ ସ୍ଥାନାନ୍ତରଣ ଶାସ୍ତି ନୁହେଁ, ଏହା ହେଉଛି ସରକାରଙ୍କ ଯୋଜନା। ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୂରଦୃଷ୍ଟି ବା ପରିକଳ୍ପନା। ଅଦଳବଦଳ ଚିରାଚରିତ ପ୍ରକ୍ରିୟା। କାହାକୁ ନା କାହାକୁ ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ। କେ ?ଣସି ତ୍ରୁଟି ହୋଇନାହିଁ। ମୋ ବିରୋଧରେ କହିବା ବିରୋଧୀମାନଙ୍କ କର୍ତ୍ତବ୍ୟ, ସେମାନେ କହୁ ଥାଆନ୍ତୁ। ନ୍ୟାୟିକ ବ୍ୟବସ୍ଥା ସହିତ ତାଙ୍କର ମତଭେଦ ସଂକ୍ରାନ୍ତରେ ପଚରାଯିବାରୁ ସେ କହିଲେ ଯେ, ଆଜି ରାଜନୀତି ବିଷୟରେ କହିବା ଦିନ ନୁହେଁ। ସୂଚନାଯୋଗ୍ୟ, ରବିଶଙ୍କର ପ୍ରସାଦ ମନ୍ତ୍ରୀପଦ ଛାଡ଼ିବା ପରେ ୨୦୨୧ ଜୁଲାଇ ୭ରେ ରିଜିଜୁ ଆଇନ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଆଇନ ମନ୍ତ୍ରୀ ଥିବା ସମୟରେ ରିଜିଜୁ ବାରମ୍ବାର ନ୍ୟାୟିକ ବ୍ୟବସ୍ଥା ବିରୋଧରେ ଟିପ୍ପଣୀ ଦେବା ସହିତ କଲିଜିୟମ୍ ନିଯୁକ୍ତି ବ୍ୟବସ୍ଥାକୁ ସମାଲୋଚନା କରୁଥିଲେ। ତାଙ୍କ ଟିପ୍ପଣୀ ଯୋଗୁଁ ବିଚାରପତି ନିଯୁକ୍ତି କ୍ଷେତ୍ରରେ ସବୁବେଳେ ନ୍ୟାୟିକ ବ୍ୟବସ୍ଥା ଓ କାର୍ଯ୍ୟପାଳିକା ମଧ୍ୟରେ ବିବାଦ ଲାଗୁଥିଲା।

# ଶପଥ ନେଲେ ସୁପ୍ରିମକୋର୍ଟର ୨ ବିଚାରପତି



ନୂଆଦିଲ୍ଲୀ : ସୁପ୍ରିମକୋର୍ଟର ବିଚାରପତି ଭାବେ ଶପଥ ନେଲେ ଆନ୍ଧ୍ରପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ପ୍ରଶାନ୍ତ କୁମାର ମିଶ୍ରା ଏବଂ ବରିଷ୍ଠ ଓକିଲ କେ.ଭି ବିଶ୍ୱନାଥନ। ଶୁକ୍ରବାର ଭାରତର ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼ ୨ ବିଚାରପତିଙ୍କୁ ଶପଥ ଗ୍ରହଣ କରାଇଛନ୍ତି। ମେ' ୧୬ ତାରିଖରେ ପ୍ରଧାନ ବିଚାରପତି ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ବସିଥିବା ସୁପ୍ରିମକୋର୍ଟ କଲେଜିୟମ ଜଷ୍ଟିସ ମିଶ୍ରା ଓ ବିଶ୍ୱନାଥନଙ୍କ ନାଁ ବିଚାରପତି ପଦ ପାଇଁ ସୁପାରିସ କରିଥିଲେ। ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ନିଯୁକ୍ତି ଉପରେ ମୋହର ମାରିଥିଲେ। ଗୁରୁବାର ନୂଆ ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲା ଟୁଇଟ କରି ଏ ସମ୍ପର୍କରେ ସୂଚନା ଦେଇଥିଲେ। ବିଶ୍ୱନାଥନ ଆଇନଜୀବୀରୁ ସିଧାସଳଖ ବିଚାରପତି ହୋଇଥିବା ବେଳେ ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ର ଆନ୍ଧ୍ର ପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଥିଲେ। ଏହି ଦୁଇ ଜଣଙ୍କୁ ମିଶାଇ ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୪ରେ ପହଞ୍ଚିଛି। ତେବେ ଜଷ୍ଟିସ ଜେବି ପାରଡିୱାଲାଙ୍କ ଅବସର ପରେ ବିଶ୍ୱନାଥନ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ହେବେ। ଜଷ୍ଟିସ ପାରଡିୱାଲା ୨୦୩୦ ଅଗଷ୍ଟ ୧୧ରେ ଅବସର ନେବେ। ସେତେବେଳକୁ ବରିଷ୍ଠତା ଦୃଷ୍ଟିରୁ ବିଶ୍ୱନାଥନ ହିଁ ସିଜେଆଇ ହେବେ। ସେ ଏହି ପଦରେ ୨୦୩୧ ମସିହା ମେ' ୨୫ ଯାଏ କାର୍ଯ୍ୟ କରିବେ।

## ରାମ ମନ୍ଦିରରେ ରହିବ ହିନ୍ଦୁ ଶାସ୍ତ୍ରରେ ବର୍ଣ୍ଣିତ ୩,୬୦୦ ଦେବଦେବୀଙ୍କ ପ୍ରତିମା

ଅଯୋଧ୍ୟା: ପ୍ରଭୁ ରାମ ଲଲ୍ଲାଙ୍କ ପ୍ରତିମା ସମେତ ଅଯୋଧ୍ୟାର ରାମ ମନ୍ଦିରକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ହିନ୍ଦୁ ଶାସ୍ତ୍ରମାନଙ୍କରେ ବର୍ଣ୍ଣିତ କଥା ଆଧାରରେ ଆହୁରି ୩,୬୦୦ ଦେବାଦେବୀ ଓ ଅନ୍ୟାନ୍ୟ ପ୍ରତିମା ବା ବିଗ୍ରହ ସ୍ଥାପନା କରାଯିବ ବୋଲି ଗୁରୁବାର ଦିନ 'ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ୍' କହିଛି। ଅଯୋଧ୍ୟାରେ ନିର୍ମାଣାଧୀନ ରାମ ମନ୍ଦିରଠାରେ ଚାଲିଥିବା ପ୍ରତିମା ବା ବିଗ୍ରହ ଖୋଦେଇର ଫଟୋ ଟୁଇଟର୍ରେ ସେୟାର୍ କରି 'ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ୍' ଲେଖିଛି, ଆମ ଶାସ୍ତ୍ରରେ ବର୍ଣ୍ଣିତ କାହାଣୀ ଆଧାରରେ ସୁନ୍ଦର ପ୍ରତିମା ସବୁ ପଥରରେ ଖୋଦେଇ ହେଉଛି। ପରେ ସେଗୁଡ଼ିକୁ ଶ୍ରୀରାମ ଜନ୍ମଭୂମି



ମନ୍ଦିରର ସ୍ତମ୍ଭ, ପୀଠିକା ଏବଂ ଅନ୍ୟାନ୍ୟ ନିର୍ଦ୍ଧାରିତ ସ୍ଥାନମାନଙ୍କରେ ଲଗାଯିବ। ସୂଚନାଯୋଗ୍ୟ, ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ଅଧାରୁ ଅଧିକ ଶେଷ ହୋଇଗଲାଣି। ୨୦୨୩ ଶେଷ ଆଡ଼କୁ ରାମ ମନ୍ଦିର ଆଂଶିକ ଭାବେ ପ୍ରସ୍ତୁତ ହୋଇଯାଇଥିବ। ୨୦୨୩ ଡିସେମ୍ବର ସୁଦ୍ଧା ଗର୍ଭଗୃହରେ ପ୍ରଭୁ ରାମଙ୍କ ବେଦୀ ପ୍ରସ୍ତୁତ ହୋଇଯାଇଥିବ। ଏହି ବେଦୀ ଉପରେ ରାମ ଲଲ୍ଲାଙ୍କର ୫୧ ଇଞ୍ଚ ଉଚ୍ଚ ପ୍ରତିମା ସ୍ଥାପନା କରାଯିବ। ୨୦୨୪ ଜାନୁଆରି ମକର ସଂକ୍ରାନ୍ତିରେ ଏହା ଭକ୍ତଙ୍କ ପାଇଁ ଉନ୍ମୁକ୍ତ କରାଯିବ। ମନ୍ଦିର ନିର୍ମାଣ ପାଇଁ ଟ୍ରଷ୍ଟ୍ ପ୍ରଥମେ ୬୭ ଏକର ଜମି ଦଖଲ କରିଥିଲା, କିନ୍ତୁ ଏହାର ପରିସର ଆହୁରି ବୃଦ୍ଧି କରିବା ଲାଗି ଜମି ପରିମାଣ ୧୧୦ ଏକରକୁ ବୃଦ୍ଧି କରାଯାଇଥିବା କଥା ବିଶେଷସୂତ୍ରରୁ ପ୍ରକାଶ।

## ଭାରତ-ଚୀନ୍ ସୀମା ବିବାଦ ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର (ମେ ୧୯) ଭାରତ-ଚୀନ୍ ସୀମା ବିବାଦ ଏବଂ ପାକିସ୍ତାନ ସହ ତିନି ଦେଶ (ଜାପାନ, ପାପୁଆ ନ୍ୟୁ ଗିନି ଏବଂ ଅଷ୍ଟ୍ରେଲିଆ) କୁ ଯିବା ପୂର୍ବରୁ ଏକ ସାକ୍ଷାତକାରରେ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତି ଦେଇଛନ୍ତି। । ଚୀନ୍ ସହ ସୀମା ବିବାଦ ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ସାର୍ବଭ ଷ୍ୱକ୍ଟଙ୍ଗରକ୍ସରସଶଭଷ୍ୱଛ ମତ୍ୱ ତଥା ସମ୍ମାନ ରକ୍ଷା ପାଇଁ ଭାରତ ସମ୍ପୂର୍ଣ୍ଣ ପ୍ରସ୍ତୁତ ଏବଂ ପ୍ରତିବଦ୍ଧ। ନିକ୍କେ ଏସିଆକୁ ଦେଇଥିବା ଏକ ସାକ୍ଷାତକାରରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଚୀନ୍ ସହ ସାଧାରଣ ଦ୍ୱିପାକ୍ଷିକ ସମ୍ପର୍କ ପାଇଁ ସୀମା ଅଞ୍ଚଳରେ ଶାନ୍ତି ଏବଂ ଶାନ୍ତି ଆବଶ୍ୟକ। ସମ୍ବେଦନଶୀଳତା ଏବଂ ପାରସ୍ପରିକ ସ୍ୱାର୍ଥ ଉପରେ ଆଧାର କରାଯାଇପାରିବ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସମ୍ପର୍କ ସ୍ୱାଭାବିକ ହେବା ଦ୍ୱାରା ବ୍ୟାପକ ଅଞ୍ଚଳ ତଥା ବିଶ୍ ଭରଭରଲସଷ୍ୱ ଉପକୃତ ହେବ। ଏଥି ସହ ପାକିସ୍ତାନ ସହ ଆଲୋଚନା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଭାରତ ଏହା ସହ ସ୍ୱାଭାବିକ ତଥା ପଡ଼ୋଶୀ ସମ୍ପର୍କ ଚାହୁଁଛି। ତଥାପି, ଆତଙ୍କବାଦ ଏବଂ ଶତ୍ରୁତା ମୁକ୍ତ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ଆବଶ୍ୟକ । ଏ ଦିଗରେ ପଦକ୍ଷେପ ନେବା ପାକିସ୍ତାନର ଦାୟିତ୍ୱ । ଜଙ୍କଷ୍ୱଷ୍ୱସବ ଷ-ୟୁକ୍ରେନ ଯୁଦ୍ଧରେ ଭାରତ ମଧ୍ୟସ୍ଥି ଭୂମିକା ଗ୍ରହଣ କରିପାରିବ କି? ପଚରାଯିବାରୁ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ୟୁକ୍ରେନ ବିବାଦ ଉପରେ ଭାରତର ଆଭିମୁଖ୍ୟ ସ୍ୱଷ୍ଟ ଏବଂ ଦୃ ଲସକ୍ସଞ୍ଜ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଭାରତ ଶାନ୍ତି ସପକ୍ଷରେ ଅଛି ଏବଂ ନିଜ ଆଭିମୁଖ୍ୟରେ ଦୃ ଲସକ୍ସଞ୍ଜ ରହିବ। ଯେଉଁମାନେ ମ ଭବଷ୍ୱସମ ଲିକ ଆବଶ୍ୟକତା, ବିଶେଷକରି ଖାଦ୍ୟ, ଇନ୍ଧନ ଏବଂ ସାରର ମୂଲ୍ୟ ବୃଦ୍ଧି ହେତୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି ସେମାନଙ୍କୁ ସାହାଯ୍ୟ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ । ଆମେ ଉଭୟ ଜଙ୍କଷ୍ୱଷ୍ୱସବ ଷ ଏବଂ ୟୁକ୍ରେନ ସହ ସମ୍ପର୍କ ବଜାୟ ରଖିଛୁ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ସହଯୋଗ ଏବଂ ସହଭାଗିତା ଆମର ସମୟକୁ ବ୍ୟାଖ୍ୟା କରିବା ଉଚିତ, ବିବାଦ ନୁହେଁ।

# ଇମ୍ରାନଙ୍କ ପିଟିଆଇକୁ ଆତଙ୍କବାଦୀ ସଂଗଠନ ଘୋଷଣା କରିବ ପାକ୍

ଶାହବାଜ ସରିଫ ସରକାର ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଦଳ ପାକିସ୍ତାନ ତେହେରିକ-ଇ-ଇନସାଫ (ପିଟିଆଇ) କୁ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା କରିବାକୁ ଯୋଜନା କରୁଛନ୍ତି। ପାକିସ୍ତାନୀ ନ୍ୟୁଜ୍ ଚ୍ୟାନେଲ ସାମା ଟିଭିକୁ ଏକ ସାକ୍ଷାତକାର ଦେବାବେଳେ ଗୃହମନ୍ତ୍ରୀ ରାଣା ସାନୁଲ୍ଲା ଏହି ସୂଚନା ଦେଇଛନ୍ତି। ପାକିସ୍ତାନର ଆଭ୍ୟନ୍ତରୀଣ ମନ୍ତ୍ରୀ ରାଣା ସାନୁଲ୍ଲା କହିଛନ୍ତି ଯେ ପିଟିଆଇ ଦଳକୁ ଆତଙ୍କବାଦୀ ଗୋଷ୍ଠୀ ଘୋଷଣା କରିବାକୁ କ୍ୟାବିନେଟ ବିଚାର କରିବ। ସେ ଦାବି କରିଛନ୍ତି ଯେ ଲାହୋରର ଜମାନ ପାର୍କରେ ଥିବା ତାଙ୍କ ବାସଭବନରେ ପ୍ରାୟ ୨୫୦ ଆଫଗାନିସ୍ତାନ ନାଗରିକ ଇମ୍ରାନ ଖାନଙ୍କ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ତାଙ୍କ ବାସଭବନରେ ଲୁଚି ରହିଥିବା ସନ୍ଦିଗ୍ଧମାନଙ୍କୁ ପୋଲିସକୁ ହସ୍ତାନ୍ତର କରିବା ପାଇଁ ପାକିସ୍ତାନ ସରକାର ଇମ୍ରାନ ଖାନଙ୍କୁ ଅଲ୍ଟିମେଟମ୍ ଦେଇସାରିଛନ୍ତି। ପାକିସ୍ତାନର ଆଭ୍ୟନ୍ତରୀଣ ମନ୍ତ୍ରୀ ମଧ୍ୟ ଦାବି କରିଛନ୍ତି ଯେ ଆଫଗାନିସ୍ତାନ ସାଧାରଣ ନାଗରିକଙ୍କୁ ସୁଚିନ୍ତିତ ଭାବେ ନିୟୋଜିତ କରାଯାଇଛି।



ଆମର ଏହାର ପ୍ରମାଣ ଅଛି । ସେମାନେ ମଧ୍ୟ ପୋଲିସ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ଥିଲେ। ସେ କହିଛନ୍ତି ଯେ ସେହି ଆଫଗାନିସ୍ତାନ ସାଧାରଣ ନାଗରିକଙ୍କୁ କର୍ପସ କମାଣ୍ଡର ହାଉସ ଏବଂ ଆସ୍କାରି ଟାୱାର ଉପରେ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ବ୍ୟତୀତ ଗୃହମନ୍ତ୍ରୀ କହିଛନ୍ତି ଯେ ସେମାନଙ୍କ ବିରୋଧରେ ପଞ୍ଜୀକୃତ ମାମଲା ଆଧାରରେ ପିଟିଆଇର ଅନେକ ସଦସ୍ୟଙ୍କୁ ଗିରଫ କରାଯାଉଛି। ଗୁରୁବାର (ମେ ୧୮) ରେ ଲାହୋରରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଘରକୁ ପଞ୍ଜାବ ପୋଲିସ କର୍ମଚାରୀ ଘେରି ରହିଛନ୍ତି। ପଞ୍ଜାବର କାର୍ଯ୍ୟକାରୀ ସୂଚନା ମନ୍ତ୍ରୀ ଆମୀର ମିର ଦାବି କରିଛନ୍ତି ଯେ ପ୍ରାୟ ୩୦ ରୁ ୪୦ ଆତଙ୍କବାଦୀ ଇମ୍ରାନ ଖାନଙ୍କ ଜମାନ ପାର୍କ ବାସଭବନରେ ଲୁଚି ରହିଥିଲେ ଏବଂ ସେମାନଙ୍କୁ ହସ୍ତାନ୍ତର କିମ୍ବା କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ତାଙ୍କୁ ୨୪ ଘଣ୍ଟାର ଅଲ୍ଟିମେଟମ ଦିଆଯାଇଥିଲା। ଇମ୍ରାନ ଖାନଙ୍କ ଭଣଜା ହାସନ ନିଆଜୀଙ୍କ ସମେତ ଆତଙ୍କବାଦୀଙ୍କୁ ଗିରଫ କରିବା ପାଇଁ ଅଲ୍ଟିମାଟମ୍ ଶେଷ ହେବା ପରେ ପୋଲିସ ଯେକ ଷ୍ୱସଙ୍କର ଣସି ସମୟରେ ଜମାନ ପାର୍କ ଉପରେ ଆକ୍ରମଣ କରିପାରିବ।

# ଜ୍ଞାନବ୍ୟାପୀ ମସଜିଦରୁ ମିଳିଥିବା ଶିବଲିଙ୍ଗର ବୈଜ୍ଞାନିକ ପରୀକ୍ଷଣ ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ବାରାଣସୀର ଜ୍ଞାନବ୍ୟାପୀ ମସଜିଦରୁ ମିଳିଥିବା ଶିବଲିଙ୍ଗକୁ ନେଇ ବୈଜ୍ଞାନିକ ପରୀକ୍ଷଣ ଉପରେ ଶୁକ୍ରବାର ସୁପ୍ରିମକୋର୍ଟ ରୋକ ଲଗାଇଛନ୍ତି। ଏବେ ମୁଖ୍ୟ ମାମଲା ସହ ପରବର୍ତ୍ତି ଶୁଣାଣି ହେବ। ଆଲ୍ଲାହାବାଦ ହାଇକୋର୍ଟଙ୍କ ବୈଜ୍ଞାନିକ ଯାଞ୍ଚ ନିର୍ଦ୍ଦେଶ ପରେ ମସଜିଦ କମିଟି ରୋକ ଲଗାଇବାକୁ ଦାବି କରିଥିଲେ। ଉତ୍ତର ପ୍ରଦେଶ ସରକାର ବି ମାମଲାକୁ ଗମ୍ଭିରତାର ସହ ଦେଖିବାକୁ କହିଥିଲେ। ଏହି ଶୁଣାଣି ସମୟରେ ମସଜିଦ କମିଟିର ପ୍ରତିନିଧିତ୍ୱ କରୁଥିବା ଓକିଲ ହୁଜାଇଫା ଅହମ୍ମଦ କହିଛନ୍ତି ଯେ ସୋମବାରଠାରୁ ବୈଜ୍ଞାନିକ ପରୀକ୍ଷା ଆରମ୍ଭ ହେବ। ଏପରି ପରିସ୍ଥିତିରେ ଏହାକୁ ବନ୍ଦ କରିବା ଆବଶ୍ୟକ। ଏହି ମାମଲାରେ ନାଗରିକ ମକଦ୍ଦମା ସହ ଜଡିତ ନିୟମ ପାଳନ କରାଯାଉ ନାହିଁ। ଏଥି ସହ ହିନ୍ଦୁ ପକ୍ଷର ଓକିଲ ବିଷ୍ଣୁ ଜୈନ କହିଛନ୍ତି ଯେ ଏହି ସ୍ଥାନର କୌଣସି କ୍ଷତି ହେବ ନାହିଁ



ବୋଲି ଏଏସଆଇ ଆମକୁ ଏକ ରିପୋର୍ଟ ଦେଇଛି। ଏହା ଉପରେ ସିଜେୱାଇ ଡିୱାଇ ଚନ୍ଦ୍ରଚୁଡ କହିଛନ୍ତି ଯେ ଆମେ ମଧ୍ୟ ଏଏସଆଇରୁ ରିପୋର୍ଟ ନେଇପାରିବା। କେଉଁ ପଦ୍ଧତି ଗ୍ରହଣ କରାଯାଇପାରିବ ତାହା ମଧ୍ୟ ସରକାର ବିଚାର କରନ୍ତୁ। ଆମେ ପରେ ଶୁଣିବା। ସେ କହିଛନ୍ତି ଯେ ସମସ୍ତ ପକ୍ଷ ଏହାକୁ ଗ୍ରହଣ କରିଥିବାରୁ ଆମେ ଏହି ବିଜ୍ଞପ୍ତି ପ୍ରଦାନ କରୁଛୁ। ବର୍ତ୍ତମାନ ହାଇକୋର୍ଟଙ୍କ ଆଦେଶର ସମୀକ୍ଷା କରାଯିବା ଆବଶ୍ୟକ। ଏଭଳି ପରିସ୍ଥିତିରେ ଏହାକୁ କାର୍ଯ୍ୟକାରୀ କରାଯିବା ଉଚିତ ନୁହେଁ।

## ବ୍ରିଟେନରେ ରିଲିଜ୍ ହେବ 'ଦି କେରଲା ଷ୍ଟୋରି'

ଲଣ୍ଡନ : ବିବାଦୀୟ ଫିଲ୍ମ କେରଲା ଷ୍ଟୋରି ବକ୍ସ ଅଫିସରେ ଧମାକା କରୁଛି। ଅନେକ ବିବାଦ ସତ୍ତ୍ୱେ ଫିଲ୍ମର ରୋଜଗାର ଉପରେ କୌଣସି ପ୍ରଭାବ ପଡ଼ି ନାହିଁ। ତେବେ ଅନେକ ରାଜ୍ୟ ଫିଲ୍ମ ଉପରେ ପ୍ରତିବନ୍ଧକ ଲଗାଇଥିଲେ ହେଁ ଏହା ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ଫିଲ୍ମ ବ୍ରିଟେନରେ ମୁକ୍ତିଲାଭ କରିବାକୁ ଯାଉଛି। ତେବେ ପୂର୍ବରୁ ଫିଲ୍ମ ମେ ୧୨ରେ ରିଲିଜ୍ ହେବାର ଥିଲା। ଫିଲ୍ମ ହାଉସ୍ଫୁଲ୍ ହୋଇଥିଲେ ମଧ୍ୟ ବ୍ରିଟେନ୍ ଫିଲ୍ମର ସ୍କ୍ରିନିଂ ବନ୍ଦ କରିଦେଇଥିଲା। କାରଣ ବ୍ରିଟେନର ସେନ୍ସର ବୋର୍ଡ ଫିଲ୍ମକୁ ରିଲିଜ ସାର୍ଟିଫିକେଟ ଦେଇ ନଥିଲେ। ଫିଲ୍ମ ଏବେ ବ୍ରିଟେନରେ ରିଲିଜ୍ ହେବାକୁ ଯାଉଛି। ଏନେଇ ଫିଲ୍ମ ନିର୍ଦ୍ଦେଶକ ସୁଦୀପ୍ତୋ ସେନ୍ ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ନିର୍ଦ୍ଦେଶକ ଟ୍ୱିଟ୍ କରି କହିଛନ୍ତ ଯେ, ଗ୍ରେଟ ବ୍ରିଟେନକୁ ଅଭିନନ୍ଦନ। ଆପଣ ଜିତିଛନ୍ତି। ଆତଙ୍କବାଦୀ ହାରି ଯାଇଛନ୍ତି। ଦେଶବାସୀଙ୍କ ପ୍ରତିକ୍ରିୟାକୁ ଆପକ୍ଷା ରହିବ। ବର୍ତ୍ତମାନ ବ୍ରିଟିଶ ଲୋକମାନେ ଆତଙ୍କବାଦ ବିରୋଧରେ ସବୁଠାରୁ ବଡ ବିପ୍ଳବର ସାକ୍ଷୀ ହେବେ।

# କାଶ୍ମୀରରେ ଜି-୨୦ ବୈଠକରେ ଯୋଗ ଦେବେନି ଚୀନ୍, ତୁର୍କୀ

ନୂଆଦିଲ୍ଲୀ : ଆସନ୍ତା ୨୨ ତାରିଖରେ କାଶ୍ମୀରରେ ଜି-୨୦ ଟୁରିଜିମ ସମ୍ମିଳନୀ ଅନୁଷ୍ଠିତ ହେବ । ଧାରା ୩୭୦ ଉଚ୍ଛେଦ ହେବାପରେ କାଶ୍ମୀରରେ ଏହା ସବୁଠାରୁ ବଡ଼ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ। ତେବେ ଶ୍ରୀନଗରରେ ଅନୁଷ୍ଠିତ ହେବାକୁ ଥିବା ଜି-୨୦ ବୈଠକରେ ଚୀନ୍ ଏବଂ ତୁର୍କୀ ଯୋଗ ଦେବେନି ବୋଲି ଜଣାପଡ଼ିଛି। ସେହିପରି ଅନ୍ୟ ରାଷ୍ଟ୍ରରୁ ବି କମ୍ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ମେ' ୨୨-୨୪ ପର୍ଯ୍ୟନ୍ତ ଏହି ବୈଠକ ହେବ। ଜି-୨୦ ବୈଠକ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଜମ୍ମୁ କାଶ୍ମୀର ଏବଂ ଲଦାଖରେ ଜି-୨୦ ବେ ?ଠକକୁ ପାକିସ୍ତାନ ବିରୋଧ କରିଛି। ଗତ ମାର୍ଚ୍ଚରେ ଅରୁଣାଚଳ ପ୍ରଦେଶରେ ହୋଇଥିବା ଜି-୨୦ ବୈଠକରେ ବି ଚୀନ୍ ଯୋଗ ଦେଇନଥିଲା। ତେବେ ଶ୍ରୀନଗରରେ ଜି-୨୦ ବୈଠକକୁ ପାକିସ୍ତାନ ବିରୋଧ କରୁଥିବାରୁ ଚୀନ୍ ମଧ୍ୟ ଏହାକୁ ବିରୋଧ କରିଛି। ଅନ୍ୟପକ୍ଷେ ଭାରତର କାଶ୍ମୀର ନୀତିକୁ ଗତ କିଛି ବର୍ଷ ଧରି ତୁର୍କୀ ସମାଲୋଚନା କରି ଆସୁଛି।

## ବାବା ଅମରେଶ୍ୱରଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ

କନ୍ଧମାଳ, (ହି.ସ.): କନ୍ଧମାଳ ଜିଲ୍ଲା ସଦରମହକୁମା ଫୁଲବାଣୀରେ ପିଅନପଡା ସ୍ଥିତ ସାଲୁଙ୍କି ନଦୀ ତଟରେ ଶ୍ରୀ ଶ୍ରୀ ଶ୍ରୀ ବାବା ଅମରେଶ୍ୱରଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା ଓ ଶୁଭ ଦେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର କର୍ତା ଭାବରେ ସରୋଜ କୁମାର ତ୍ରିପାଠୀ କାର୍ଯ୍ୟ ସମ୍ପାଦନ କରିଥିବାବେଳେ ପୂଜକ ଭାବେ ସୂର୍ଯ୍ୟ ନାରାୟଣ ମିଶ୍ର, ଶିବ ପ୍ରସାଦ ପଣ୍ଡା,ରବି ନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ରହି ନାମଯଜ୍ଞ, ଘୃତଯଜ୍ଞ, ଅର୍ଣ୍ଣଯଜ୍ଞ ସମେତ ସମସ୍ତ ରୀତି ନୀତି ପୂର୍ବକ ଆୟୋଜନ କରାଯାଇ ମନ୍ଦିର ନିର୍ମାଣ ନିମନ୍ତେ ଶୁଭ ଦିଆଯାଇଛି । ମନ୍ଦିର ପରିଚାଳନା କମିଟିର ଉପଦେଷ୍ଟା ଲଡ୍ଡୁ କିଶୋର ମିଶ୍ର ଓ ସଭାପତି ଶ୍ରୀକାନ୍ତ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏଥି ସହିତ ମନ୍ଦିର ପରିଚାଳନା କମିଟିର ଉପ ସଭାପତି ମୃତ୍ୟୁଞ୍ଜୟ ପେରା ଓ ଶ୍ରୀନିବାଶ ପଟ୍ଟନାୟକ, ସମ୍ପାଦକ ସୂର୍ଯ୍ୟ କାନ୍ତ ଦାଶ, ଉପଦେଷ୍ଟା ଅଶୋକ କୁମାର ମହାନ୍ତି, ଆଦିତ୍ୟ ପ୍ରସାଦ ତ୍ରିପାଠୀଙ୍କ ସମେତ ସମସ୍ତ କମିଟି ସଦସ୍ୟ ଉପସ୍ଥିତ ହଜାର ହଜାର ଭକ୍ତ ଅର୍ଣ୍ଣ ପ୍ରସାଦ ପାଇ ମହାଦେବଙ୍କ ଆଶିଷ ଲାଭ କରିଥିଲେ ।

## ଗଜପତି ଷ୍ଟେସନଠାରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ 'ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍'ର ସିଧା ପ୍ରସାରଣ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, (ପିପିଏସ୍): କୋଲକାତା (ହାୱଡା) ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ଚଳାଚଳର ଶୁଭାରମ୍ଭ ନରେନ୍ଦ୍ର ମୋଦୀ ଜୀଙ୍କ ଦ୍ୱାରା ଆଭାଷୀ ମୋଡରେ ଅନୁଷ୍ଠିତ ହୋଇଛି । ଜଗନ୍ନାଥ ଧାମ ପୁରୀ ଠାରେ ଏହି ବର୍ଣ୍ଣାଢ଼୍ୟପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହି ଅବସରରେ ପାରଳାଖେମୁଣ୍ଡି ସ୍ଥିତ ରେଳ ଷ୍ଟେସନ ଠାରେ ପୂର୍ବତଟ ରେଳ ଡିଭିଜନ ବିଶାଖାପାଟନାମ ପକ୍ଷରୁ ଏହାର ସିଧା ପ୍ରସାରଣ କାର୍ଯ୍ୟକ୍ରମ ଦେଖାଇବା ଉଦ୍ଦେଶ୍ୟରେ ବହୁ ଆଡମ୍ବର ବ୍ୟବସ୍ଥା କରା ଯାଇଥିଲା । ବଡ଼ ଏଲ୍ଇଡି ଟିଭି ପରଦାରେ ଜନସାଧାରଣ ଏହି ଶୁଭାରମ୍ଭ କାର୍ଯ୍ୟକ୍ରମକୁ ଦୀର୍ଘ ୩ ଘଣ୍ଟା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମ ଦେଖି ଉପଭୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବିଜେପି କର୍ମୀ ଓ ଜନସାଧାରଣ



ଉପସ୍ଥିତ ଥିଲେ । ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ଚଳାଚଳ ଶୁଭାରମ୍ଭ ସହିତ ଅନେକ ଷ୍ଟେସନର ପୁନଃ ଉନ୍ନତିକରଣ, ନୂତନ ରେଲଲାଇନ ଏବଂ ସମସ୍ତ ରେଲଷ୍ଟେସନ ବିଦ୍ୟୁତିକରଣ ଶିଳାନ୍ୟାସ ମଧ୍ୟ ଯଶସ୍ୱି ପ୍ରଧାନମନ୍ତ୍ରୀ ଭର୍ତୁଆଲ ମୋଡରେ କରିଥିଲେ । ଏହି ଅବସରରେ ପୁରୀ ଠାରେ ଅନୁଷ୍ଠିତ ଏହି ଶୁଭ-ମୁହୁର୍ତ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ରେଳ ବିଭାଗ ଜେନେରାଲ ମ୍ୟାନେଜର ଶ୍ରୀ ମନୋଜ ଶର୍ମା ପ୍ରମୁଖ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନରେ ରହିଥିବା ବିଭିନ୍ନ ବ୍ୟବସ୍ଥା ଉପରେ ସେମାନଙ୍କ ବକ୍ତବ୍ୟ ରଖିଥିବା ଓ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଏହି ଉଦ୍ଦେଶ୍ୟରେ ଓଜସ୍ୱୀ ଅଭିଭାଷଣ'କୁ ଉପଭୋଗ କରିଥିଲେ । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମର ସିଧାପ୍ରସାରଣ କାର୍ଯ୍ୟକ୍ରମ ଦେଖିବା ପରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପାରଳା ବାସୀ ଭୂୟସୀ ପ୍ରଶଂସା କରିବା ସହିତ ସାଧୁବାଦ୍ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ପୂର୍ବତଟ ରେଳ ଡିଭିଜନ'ର କମର୍ସିଆଲ ମ୍ୟାନେଜର ଶ୍ରୀ ଗଣେଶ ଥାସ୍ପା ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡଃ ସିଦ୍ଧେଶ୍ୱର ମିଶ୍ର , ଶ୍ରୀଜଗନ୍ନାଥ ମହାପାତ୍ର , ପ୍ରଶାନ୍ତ ପାଳ, ଚିତ୍ରି ସିମାଦ୍ରି ପ୍ରମୁଖ ଯୋଗଦେଇ ଏହି ଉଦ୍ଦେଶ୍ୟରେ ସେମାନଙ୍କ ବକ୍ତବ୍ୟ ରଖିଥିଲେ ।

## ବାପାନୀଗୁଡ଼ାରେ ଆଇନ୍ ସଚେତନତା ଶିବିର

ଜୟପୁର, (ହି.ସ.): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଜୟପୁର ଆନୁକୂଲ୍ୟରେ ଆଜି ମହୁଳି ଗ୍ରାମପଂଚାୟତର ବାପାନିଗୁଡ଼ା ଗ୍ରାମରେ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ଥାନୀୟ ନାଏବ ସରପଂଚ ଏବଂ ଆଖପାଖ ଗ୍ରାମର ଜନସାଧାରଣଙ୍କ ଉପସ୍ଥିତରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ତଥା ଲୋକ ଅଦାଲତ ବିଚାରପତୀ ଶ୍ରୀ ସୁମନ ଜେନା, ଲୋକ ଅଦାଲତ, ପ୍ରାକ ମକଦ୍ଦମା, ବିଭିନ୍ନ ଜନମଙ୍ଗଳ କାର୍ଯ୍ୟ, ଯଥା ବିଧବା ଭତା,ବାର୍ଦ୍ଧକ୍ୟ ଭତା, ବିଦ୍ୟୁତ, ରାସ୍ତା, ଡ୍ରେନେଜ୍, ଇନ୍ଦିରାଆବାସ, ପାଣି, ଟେଲିଫୋନ୍ ଇତ୍ୟାଦି ଜନସାଧାରଣଙ୍କ ପାଖକୁ କିପରି ଭାବରେ ପହଂଚିପାରିବ ଏବଂ ସେମାନେ କିପରି ବିନା ମୂଲ୍ୟରେ ଆଇନ୍‌ଗତ ସାହାଯ୍ୟ ପାଇପାରିବେ ତାହା ଉପରେ ସଚେତନତାର ବାର୍ତାଲୋପ କରିଥିଲେ ଏବଂ ଶିବିରରେ ଉପସ୍ଥିତ ଲୋକଙ୍କ ଅସୁବିଧା ମଧ୍ୟ ଶୁଣିଥିଲେ ଏବଂ ଦୁଇଜଣ ଉପବକ୍ତାଙ୍କୁ ମଧ୍ୟ ଶିବିରରେ ଚିହ୍ନଟ କରି ତାଙ୍କଠୁ ଦରଖାସ୍ତ ମଧ୍ୟ ଗ୍ରହଣ କରିଥିଲେ. ଏବଂ ତାହା କାର୍ଯ୍ୟକାରି କରାଯିବ ବୋଲି ମଧ୍ୟ କହିଥିଲେ. ଏହି ଶିବିରଟିକୁ ଆୟୋଜନ କରିଥିଲେ ପାରାଲିଗାଲ ସ୍ୱେଚ୍ଛାସେବୀ ରାଜେଶ୍ୱର ମହୁରିଆ ।

**ଗଜପତିରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ପାସ ହାର ୯୬.୮୮ ପ୍ରତିଶତ**

## ପାରଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଉଭୟ ଛାତ୍ର ଜିଲ୍ଲା ଟପ୍ପର

ପାରଳାଖେମୁଣ୍ଡି, (ପିପିଏସ୍): ଗଜପତି ଜିଲ୍ଲାରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ପାସ ହାର ୯୬.୮୮ ପ୍ରତିଶତ ରହିଥିବାର ଜଣାପଡିଛି । ସେହିପରି ରାଜ୍ୟର ପାସ ହାର ୯୬.୪୦ପ୍ରତିଶତ ରହିଛି । ଜିଲ୍ଲାରେ ପାସ ହାରକୁ ଦେଖିଲେ ସନ୍ତୁଷ୍ଟି ଥିବାବେଳେ ଏ-୧ଗ୍ରେଡରେ ମାତ୍ର ୨ଜଣ ପାସ ହୋଇଥିବାର ଜଣାପଡିଛି । ଉଭୟେ ସମାନ ମାର୍କ ରଖି ଜିଲ୍ଲା ଟପ୍ପର ହୋଇଥିବାର ଜଣାପଡିଥିବା ବେଳେ ଉଭୟେ ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର । ଉଭୟେ ହେଲେ ତନ୍ମୟ ପଟ୍ଟନାୟକ ଓ ନବୀନ ମହାକୁଡ । ଏହି ଦୁଇଜଣ ମୋଟ ୬୦୦ ମାର୍କରୁ ୫୪୦ ନମ୍ବର ରଖିଛନ୍ତି । ଯହାକି ମୋଟ ମାର୍କରୁ ଶତକଡା ୯୦ପ୍ରତିଶ ଅଟେ । ଜିଲ୍ଲାରେ ମୋଟ ୧୫୭ ବିଦ୍ୟାଳୟର ୭ହଜାର ୧୮୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ନିମନ୍ତେ ଫର୍ମ ଭରିଥିଲେ । ସେଥିମଧ୍ୟରୁ



୬ହଜାର ୯୭୮ଜଣ ପରୀକ୍ଷା ଦେଇ ଥିଲେ । ୨୦୨ ଜଣ ଅନୁପସ୍ଥିତ ଥିବା ବେଳେ ୨୨ ଜଣ ଫେଲ୍ ହୋଇଛନ୍ତି । ଏପରି ଭାବେ ମୋଟ ୬୯୫୬ଜଣ କୃତକାର୍ଯ୍ୟ ହୋଇଥିବାର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ପାସ ତଥା କୃତକାର୍ଯ୍ୟ ହାସଲ କରିଥିବା ମଧ୍ୟରେ ଏ-୧ ଗ୍ରେଡରେ ୨ଜଣ, ଏ-୨ ଗ୍ରେଡ୍‌ରେ ୩୧୧ଜଣ, ବି-୧ ଗ୍ରେଡ୍‌ରେ ୨୦୯୪ଜଣ, ବି-୨ ଗ୍ରେଡ୍‌ରେ ୨୭୮୮ଜଣ, ସି-ଗ୍ରେଡ୍‌ରେ ୧୩୪୪ଜଣ, ଡି-ଗ୍ରେଡ୍ ?ରେ ୩୨୯ଜଣ, ଇ- ଗ୍ରେଡ୍ ?ରେ ୮୮ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ଏଫ-ଗ୍ରେଡ୍ ?ରେ ୨୨ଜଣ ରହିଛନ୍ତି । ବାଳକ ବାଳିକା ପାସ ହାର ମଧ୍ୟରେ ପ୍ରାୟତଃ ସମାନତା ରହିଛି । ଜିଲ୍ଲାରେ ମୋଟ ୬୯୫୬ଜଣ ପାସ୍‌ଙ୍କ ମଧ୍ୟରୁ ୩୪୮୧ ଜଣ ଛାତ୍ର ହୋଇଥିବା ବେଳେ ୩୪୭୫ ଛାତ୍ରୀ ଅଟନ୍ତି ।

## ଦେଶୀ ମଦ ଚାଲାଣ ବେଳେ ଚଢାଉ, ଜଣେ ଗିରଫ

ଜୟପୁର, (ହି.ସ.): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ବିଭାଗ ଚଢାଉ କରି ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଜୟପୁର ସଦର ଥାନା ଅନ୍ତର୍ଗତ ସ୍ୟାମଦାସପୁଟ ଗ୍ରାମର ବୁଦ୍ରା ଦୋରା (୩୦) । ଜୟପୁର ଅବକାରି ବିଭାଗ ସୁଚନା ଅନୁଯାଇ ଜୟପୁର ସଦର ଥାନା ଅନ୍ତର୍ଗତ ସ୍ୟାମଦାସପୁଟ ଗ୍ରାମର ବୁଦ୍ରା ଦୋରା ଦେଶି ମଦ ଚାଲାଣ କରୁଥିବା ସୂଚନା ପାଇ ଥିଲା ଅବକାରି ବିଭାଗ । ଦେଶି ମଦ ଚାଲାଣ କରୁଥିବା ବେଳେ ଗ୍ରାମ ରାସ୍ତାରେ ଅବକାରି ବିଭାଗ ଚଢାଉ କରିଥିଲା । ଚଢାଉ କରି ୧୮ ଲିଟର ଦେଶି ମଦକୁ ଜବତ କରି ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଅବକାରି ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି ।

## ଓଡ଼ିଶା ମିଶନ ଶକ୍ତି କର୍ମଚାରୀ ସଂଘର ଜରୁରୀକାଳୀନ ବୈଠକ

ବଲାଙ୍ଗିର, (ପିପିଏସ୍): ଓଡିଶା ମିଶନ ଶକ୍ତି ବିଭାଗ ଅଧିନରେ କାର୍ଯ୍ୟ କରୁଥିବା ବିପିଏମ୍, ବିଏଲ୍‌ସି, ଏସ୍‌ଡିସି, ଏକାଉଣ୍ଟଟେଣ୍ଟ ମାନଙ୍କୁ ନେଇ ଗଠନ କରାଯାଇଥିବା ଓଡିଶା ମିଶନ ଶକ୍ତି କର୍ମଚାରୀ ସଂଘର ଏକ ଜରୁରୀ କାଳୀନ କାର୍ଯ୍ୟକାରୀ କମିଟି ବୈଠକ ସ୍ଥାୟୀ ସଭାପତି ପ୍ରଭାତ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଭୁବନେଶ୍ୱର ଠରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସଂଘର ମୁଖ୍ୟ ଉପଦେଷ୍ଟା ସୁରେନ୍ଦ୍ର କୁମାର ସ୍ୱାଇଁ ଉପସ୍ଥିତ ଥିଲେ । ରାଜ୍ୟର ସମସ୍ତ ଜିଲ୍ଲାରୁ କର୍ମକର୍ତ୍ତା ଓ



କାର୍ଯ୍ୟକାରୀ କମିଟି ସଦସ୍ୟ ଓ ସଦସ୍ୟାମାନେ ଯୋଗ ଦେଇଥିଲେ । ସଭା ଆରମ୍ଭରୁ ସମସ୍ତଙ୍କୁ ଅବଗତ ହେବାକୁ ଯାଇ ସଭାପତି କହିଥିଲେ ଯେ ସରକାରଙ୍କ ସମସ୍ତ ଯୋଜନାମାନଙ୍କୁ ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ଭିତରେ ମିଶନ ଶକ୍ତିର କର୍ମଚାରୀମାନଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ । ସେହି ଦୃଷ୍ଟିରୁ ଆପଣମାନଙ୍କ ଦାବି ଗୁଡିକ ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ । ଆଲୋଚନାରେ ଅଂଶଗ୍ରହଣ କରି ସର୍ବଶ୍ରୀ ପ୍ରିୟଦର୍ଶୀ ଦାଶ କାର୍ଯ୍ୟକାରୀ ସଭାପତି, ଧନଞ୍ଜୟ ପାଣିଗ୍ରାହୀ ସାଧାରଣ ସଂପାଦକ, ମାନସ ଦାସ ଉପସଭାପତି, ଦିନେଶ ମହାରଣା, ଚାମେଲି ସାଠୁଆ, ମୋନାଲିସା ନାୟକ, ରତ୍ନାକାନ୍ତି ପ୍ରଧାନ, ପଙ୍କଜ କୁମାର ବେହେରା, ଅକ୍ଷୟ ଭଟ୍ଟ, ପ୍ରଭାତ କୁମାର ମଲ୍ଲିକ, ପ୍ରସନ୍ନକାନ୍ତି ପରିଡା, ରୋଜାଲିନ ନାୟକ, ଜୋନାସ ମିଞ୍ଜ, କମଳାକାନ୍ତ ଘଡେଇ, ଗୋପାଳ ବେହେରା, ରୋଜାଲିନ ଦଳେଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସର୍ବ ସମ୍ମତି ଅନୁସାରେ ୧୧ ଦଫା ଦାବୀ ପ୍ରସ୍ତୁତ କରାଯାଇ ମିଶନ ଶକ୍ତି ବିଭାଗ ପଦାଧିକାରୀମାନଙ୍କ ସହିତ ଆଲୋଚନା କରିବା ପାଇଁ ସଭାପତିଙ୍କ ଜରିଆରେ ଏକ ଅନୁରୋଧ ପତ୍ର ପଠାଇ ଆଲୋଚନା କରିବା ପାଇଁ ସର୍ବ ସମ୍ମତି ଅନୁସାରେ ନିଷ୍ପତ୍ତି ଗ୍ରହଣ କରାଗଲା ।

## ଝାରସୁଗୁଡାରେ ସର୍ବାଧିକ ତାପମାତ୍ରା ୪୦.୬ ଡ଼ିଗ୍ରୀ

ଝାରସୁଗୁଡାରେ, (ହି.ସ.): ଶୁକ୍ରବାର ଦିନ ୧୧ଟା ୩୦ ସୁଦ୍ଧା ୧୦ଟି ସହରରେ ତାପମାତ୍ରା ୩୨ ଡ଼ିଗ୍ରୀ ଉପରେ ରହିଛି । ଝାରସୁଗୁଡାରେ ସର୍ବାଧିକ ୪୦.୬ ଡ଼ିଗ୍ରୀ ତାପମାତ୍ରା ରେକର୍ଡ଼ ହୋଇଛି । ସେହିପରି ସମ୍ବଲପୁରରେ ୪୦.୪ ଡ଼ିଗ୍ରୀ, ହୀରାକୁଦରେ ୩୯.୪ ଡ଼ିଗ୍ରୀ, ଚାନ୍ଦବାଲିରେ ୩୭.୮ ଡ଼ିଗ୍ରୀ, ଭୁବନେଶ୍ୱରରେ ୩୬.୨ ଡ଼ିଗ୍ରୀ, କେନ୍ଦୁଝରରେ ୩୪.୮ ଡ଼ିଗ୍ରୀ, ବାଲେଶ୍ୱରରେ ୩୪.୬ ଡ଼ିଗ୍ରୀ, ପୁରୀରେ ୩୪.୦ ଡ଼ିଗ୍ରୀ, ଗୋପାଳପୁରରେ ୩୩.୪ ଡ଼ିଗ୍ରୀ ଏବଂ ପାରାଦୀପରେ ୩୩.୦ ଡ଼ିଗ୍ରୀ ତାପମାତ୍ରା ରେକର୍ଡ଼ ହୋଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି ।

## ଜାଗୃତି ଚାରିଟେବଲ୍ ଫାଉଣ୍ଡେସନ ପକ୍ଷରୁ ଦହିପଣା ବଣ୍ଟନ




କଣ୍ଟାବାଞ୍ଜୀ (ପିପିଏସ୍): ଯୁବଶକ୍ତି ହେଉଛି ରାଷ୍ଟ୍ରଶକ୍ତି ଏହାକୁ ପାଥେୟ କରି ଜ୍ୟେଷ୍ଠ ଅମାବାସ୍ୟା ଦିନ ଯୁବକମାନଙ୍କ ଉଦ୍ୟମରେ ଗଠିତ ଜାଗୃତି ଚେରିଟେବଲ ଫାଉଣ୍ଡେସନର ପ୍ରତିଷ୍ଠା ଦିବସ ଅବସରରେ କଣ୍ଟାବାଞ୍ଜୀ ଠାରେ ଜନସାଧାରଣଙ୍କୁ ଦହିପଣା ବଣ୍ଟନ କରାଯାଇଥିଲା ।ଜଳ ହିଁ ଜୀବନ ତେଣୁ ଖରାମାସ ସାରା ବାଟୋଇ ମାନଙ୍କୁ ପଣାପାଣିର ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା ।ଆଗାମୀ ଦିନରେ ଫାଉଣ୍ଡେସନ ତରଫରୁ ଗରୀବ ଅସହାୟ ମାନଙ୍କର ସେବା ସହିତ ରକ୍ତଦାନ କରିବାକୁ ସମସ୍ତ ସଦସ୍ୟ ସଙ୍କଳ୍ପବଦ୍ଧବୋଲି ପ୍ରତିଷ୍ଠାତା ସଭ୍ୟ ଶିବ ମେହେର ଜଣେଇଛନ୍ତି ।ଏହି ମହାନ କାର୍ଯ୍ୟରେ ସଭାପତି ଯୋଶନ ହେର୍ଣା, ଉପସଭାପତି ପିୟୁଷ ଚିରାଙ୍ଗୁନ, କୋଷାଧକ୍ଷ ଅମିତ କୁମାର ଭୋଇ, ଜୁନିୟର ରେଡକ୍ରସ ପରାମର୍ଶ ଦାତା ବିରଞ୍ଚି ନାରାୟଣ ଦାଶ, ସମାଜସେବୀବନ୍ଧୁଗଣ ତଥା ସଭ୍ୟ ସନ୍ତୋଷ ତାଣ୍ଡୀ, ରବି ଶର୍ମା, ଦୀପକ ସେଠ, ମନୁ ବାଗ,ସନ୍ତୋଷ ମିଶ୍ର, ସୁରଜ ନିଆଲ, ରବି ବନଛୋର, ଆଲୋକ ରଞ୍ଜନ ଲୁହାର, ଲିକୁ ପ୍ରଧାନ, କିଶୋର ବନଛୋର, କୁଶ ଠେଲା, ଗୁଣ ମାଝୀ, ପ୍ରମୋଦ ମହାନନ୍ଦ, ସୁରଜ ଖର୍ସେଲ ସହଯୋଗ କରିଥିଲେ । ଆଗାମୀ ଦିନରେ ଜନ କଲ୍ୟାଣ କାମ ପାଇଁ ସମସ୍ତଙ୍କ ସହଯୋଗ କାମନା ଫାଉଣ୍ଡେସନ ପକ୍ଷରୁ କରାଯାଇଥିଲା ।

## କେନ୍ଦୁଝରରେ ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକ

କେନ୍ଦୁଝର , ( ହି .ସ): କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ବାତ୍ୟା , ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଯୁଦ୍ଧକାଳୀନ ଭିତିରେ ସଫଳ ମୁକାବିଲା ଦିଗରେ ଗୁରୁତ୍ୱ ଦିଆଯାଇଛି । ଏହି ବୈଠକରେ ତେଲକୋଇ ବିଦାୟକ ପ୍ରେମାନନ୍ଦ ନାଏକ , ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ , ଜିଲ୍ଲାପାରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ , ଆନନ୍ଦପୁର ଡିଏଫଓ ଅଭୟ କୁମାର ଦଲେଇ , ଆଇଏଏସ ପ୍ରୋବେସନାର ଧୀମାନ ଚକମା , ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ ଅଧିକାରୀ କିଶୋର କୁମାର ପୃଷ୍ଟି ,ଉପଜିଲ୍ଲାପାଳ କେନ୍ଦୁଝର ରାମଚନ୍ଦ୍ର କିସ୍କୁ, ଉପଜିଲ୍ଲାପାଳ ଆନନ୍ଦପୁର ଅନୀଲ କୁମାର ସେଠୀ, ଜିଲ୍ଲା ଆପତକାଳୀନ ଅଧିକାରିଣୀ ଶ୍ରୀମତୀ ସୁରଞ୍ଜିକା ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ , ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର , ପୌରପାଳିକା ଓ ଏନ.ଏ.ସି ଅଧିକାରୀ ବୃନ୍ଦ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବିପର୍ଯ୍ୟୟ ସମୟରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉଦ୍ଧାର, ରିଲିଫ ବ୍ୟବସ୍ଥା ତ୍ୱରାନ୍ୱିତ କରାଯିବା ସହ ଗର୍ଭବତୀ ମହିଳା , ଶିଶୁ ବୃଦ୍ଧଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର , ପ୍ରାଣୀ ସଂପଦର ସଂପୂର୍ଣ୍ଣ ସୁରକ୍ଷା କରାଯିବା ସହ ଚବିଶ ଘଟଂଆ କଟୋଂଲ ରୁମ ସମସ୍ତ ବ୍ଲକ, ସବଡିଭିଜନ ସ୍ତରରେ କାର୍ଯ୍ୟକ୍ଷମ ରଖିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜଳ ସଂପଦ , ପୂର୍ତ୍ତ ବିଭାଗ , ଆବଶ୍ୟକ ସ୍ଥାନ ଗୁଡିକର ରକ୍ଷଣା ବେକ୍ଷଣ ଓ ମରାମତି ସହ ସହ ଯେ କୌଣସି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଛି । ପୌରାଚଂଳ ଓ ଏନଏସି ମାନଙ୍କର ଡ୍ରେନେଜ ବ୍ୟବସ୍ଥାର ପୁନରୁଦ୍ଧାର ସହିତ ସମସ୍ତ ଅଂଚଳରେ ନିରାପଦ ଆଶ୍ରୟସ୍ଥଳୀ ଗୁଡିକର ଆବଶ୍ୟକ ମରାମତି ସହ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଶୁଖିଲା ଖାଦ୍ୟ, ଦିଆସିଲି , ମହମବତୀ, କିରୋସିନୀ, ବିସ୍କୁଟ, ଆଦି ପ୍ରଚୁର ପରିମାଣରେ ମହଜୁଦ ରଖିବାକୁ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପର୍ଯ୍ୟାପ୍ତ ପରିମାଣରେ ଜୀବନ ରକ୍ଷାକାରୀ ଆବଶ୍ୟକ ଔଷଧ , ବିଶୋଧନ ସାମଗ୍ରୀ , ବିଭିନ୍ନ ସେଟଂରମାନଙ୍କରେ ମହଜୁଦ ରଖିବା ପାଇଁ ସ୍ଥିର ହୋଇଥିଲା ।

## ଦିବ୍ୟ ଜୀବନ ସଂଘ ପକ୍ଷରୁ ବିଶେଷ ସତସଙ୍ଗ କାର୍ଯ୍ୟକ୍ରମ

ରାୟଗଡ (ପିପିଏସ୍): ରାୟଗଡ ଜିଲ୍ଲା ଗୁଣୁପୁର ସଦର ମହକୁମା ସ୍ଥିତ ସ୍ଥାନୀୟ ଶିବାନନ୍ଦ ମନ୍ଦିର ପରିସରରେ ଦିବ୍ୟ ଜୀବନ ସଘଂ ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସୁଦୂର ଋଷିକେଶରୁ ଆସିଥିବା ଶ୍ରୀ ଶ୍ରୀ ସ୍ୱାମୀ ଆନନ୍ଦ ସ୍ୱରୂପାନନ୍ଦ ମହାରାଜ ଓ ଶ୍ରୀ ଶ୍ରୀ ସ୍ୱାମୀ ବ୍ରହ୍ମସାକ୍ଷାତକାର ନନ୍ଦ ମହାରାଜ, ବେଦବ୍ୟାସ ଆଶ୍ରମ, ରାଉରକେଲା, ଶ୍ରୀ ବିପ୍ର ଚରଣ ପାତ୍ର, ଦିବ୍ୟ ଜୀବନ ସଘଂ, ସମନ୍ୱୟ ସମିତି, ଦକ୍ଷିଣ ଓଡିଶା, ଉପସ୍ଥିତ ରହି ଭଗବତ ବାଣୀ ଓ ଆଧାତ୍ମିକ ବାର୍ତା ଉପସ୍ଥାପନ କରିଥିଲେ । ଗୁଣପୁର ଦିବ୍ୟଜୀବନ ସଘଂ ଶାଖାର ସଭାପତି ଶ୍ରୀ ଶଶୀକା' ମହାପାତ୍ର, ଉଦ୍ୟୋକ୍ତା ଶ୍ରୀ ଶଶୀଭୂଷଣ ମହାଁ କାର୍ଯ୍ୟ



ପରିଚାଳନା କରିଥିଲେ । ଡ଼ଃ ଇନ୍ଦିରା ଅଧିକାରୀ ପ୍ରବଚକ ଓ ସମ୍ମାନିତ ଅତିଥୀଙ୍କ ପରିଚୟ ପ୍ରଦାନ କରିଥିଲେ । ଅଧାପକ ଶ୍ରୀ ଶେଷଶାୟୀ ସେନାପତି ମଞ୍ଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ଭକ୍ତ ତଥା ଶ୍ରୋତା ଏହି ଦିବ୍ୟ ପ୍ରବଚନ ଶୁଣିଥିଲେ । ଏହି ପବିତ୍ର ଆଧାତ୍ମିକ କାର୍ଯ୍ୟକ୍ରମରେ ଗୁଣପୁର ଶାଖାର ଶ୍ରୀ ରବୀନ୍ଦ୍ର ନାଥ ସାହୁ,ପଞ୍ଚାନନ ହୋତା, ଡ଼ଃ ରାମନାଥ ମହାଁ, ଶ୍ରୀ ପ୍ରଶନ କୁମାର ରଥ, ଶ୍ରୀ ବିଘନେଶ୍ୱର ଚୋଧୁରୀ, ଶ୍ରୀ ସୁବାଷ ସେନାପତି ଓ ବ୍ରାହ୍ମଣ ସମାଜର ଶ୍ରୀ ରମେଶ ମିଶ୍ର, ଶ୍ରୀ ଉମା ଦାଶଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଭଗବତ ବାଣୀ ଶ୍ରବଣ କରିଥିଲେ ।

## ଗଜପତିରେ ସାବିତ୍ରୀ ବ୍ରତ ପାଳିତ



ପାରଳାଖେମୁଣ୍ଡି, (ପିପିଏସ୍): ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ସହର ସମେତ ସମଗ୍ର ଜିଲ୍ଲାର ମୋହନା, ଆର. ଉଦୟଗିରି, ନୂଆଗଡ, ରାୟଗଡ଼, ଗୋଷାଣୀ, କାଶୀ ନଗର ଓ ଗୁମ୍ମା ଆଦି ଗଜପତି ଜିଲ୍ଲାର ମୋଟ ୭ ଗୋଟି ବ୍ଲକ ଅଞ୍ଚଳରେ ସାବିତ୍ରୀ ବ୍ରତକୁ ଅତ୍ୟନ୍ତ ଭକ୍ତିପୂତ ଭାବେ ପାଳନ କରାଯାଇଥିଲା । ସଧବା ମହିଳାମାନେ ଆଜି ଭୋରରୁ ଉଠି ସ୍ନାନ ଶୌଚ କରିବା ପରେ ନୂତନ ବସ୍ତ୍ର, ନୂତନ ଶଙ୍ଖା, ସିନ୍ଦୁର, ଅଳତା ଆଦିରେ ସଜିତ ହୋଇ ମା ସାବିତ୍ରୀଙ୍କୁ ଘରେ ଘରେ ପୂଜା ଅର୍ଚ୍ଚନା କରି ବ୍ରତ ପାଳନ କରିଥିଲେ. କେତେକଂଶରେ ମହିଳାମାନେ କେତେକ ମନ୍ଦିରରେ ଏକତ୍ରିତ ହୋଇ ଜଗତର କଲ୍ୟାଣ ସମେତ ନିଜ ପରିବାରର ହିତ ଓ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ମହିଳାମାନେ ଉପବାସରେ ରହି ମହାସାବିତ୍ରୀଙ୍କୁ ପୂଜା ଅର୍ଚ୍ଚନା କରିଥିବା ଲକ୍ଷ୍ୟ କରାଯାଇଛି ।

## ଇଏସ୍ଆଇର ଶ୍ରମିକ ବିରୋଧୀ ସର୍କୁଲାର ପ୍ରତ୍ୟାହାର ଦାବିରେ ସିଆଇଟିୟୁର ବିକ୍ଷୋଭ

ରାଉରକେଲା, (ପିପିଏସ୍): ଗତ ଏପ୍ରିଲ ୨୮ ତାରିଖରେ ଇଏସଆଇ କର୍ପୋରେସନ ଉପ ଚିକିତ୍ସକ ଆୟୁକ୍ତ ଡଃ ରେଶମା ଶର୍ମା ଏକ ସର୍କୁଲାର ଜାରିକରି ପ୍ରାୟ ୨୪ ଲକ୍ଷରୁ ଉର୍ଦ୍ଧ୍ୱ ଇଏସଆଇ ବୀମାଧାରୀ ଶ୍ରମିକ, କର୍ମଚାରୀ ଓ ସେମାନଙ୍କ ପରିବାରକୁ ଇଏସ ଆଇ ପକ୍ଷରୁ ଆଗକୁ ସେକେଣ୍ଡାରୀ ଓ ସୁପର ସ୍ପେସାଲିଟି ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ନାହିଁ ବୋଲି ବୋର୍ଡ ର ନିଷ୍ପତ୍ତି ହୋଇଥିବା କଥା ଏହି ପତ୍ର ଜରିଆରେ ଜଣାଇଥିଲେ । କାରଣ ଏଥିପାଇଁ ଇଏସ୍ଆଇ କର୍ପୋରେସନ ବିପୁଳ ଖର୍ଚ୍ଚାନ୍ତ ହେଉନଥିବାରୁ ସେ ଏହି ସୁବିଧା ପ୍ରତ୍ୟାହାର କରିଥିବା ଏହି ପତ୍ରରେ ଉଲ୍ଲେଖ କରିଛନ୍ତି । ଏହି ନୂତନ ବ୍ୟବସ୍ଥା ଅନୁଯାୟୀ କେବଳ ଏମ୍ସ କିମ୍ବା ପିଜିଏ ହସ୍ପିଟାଲକୁ ରେଫର କରିବାକୁ ଏହି ଶ୍ରମିକ ବିରୋଧୀ ତଥା ଇ ଏସ ଆଇ ବୀମାଧାରୀଙ୍କ ବିରୋଧୀ ସର୍କୁଲାର ରେ ନିର୍ଦ୍ଦେଶ ଦିଆଯାଇଛି । ଇ ଏସ ଆଇ ସି ର ଏହି ଶ୍ରମିକ ବିରୋଧୀ ନୀତି ବିରୁଦ୍ଧରେ ଆଜି ସିଆଇଟିୟୁ, ସୁନ୍ଦରଗଡ଼ ଜିଲ୍ଲା କମିଟି ଆହ୍ୱାନରେ ସ୍ଥାନୀୟ ଇଏସଆଇ ମଡେଲ ହସ୍ପିଟାଲ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ସହ ହସ୍ପିଟାଲ ସୁପରିଟେଣ୍ଡଣ୍ଟଙ୍କ




ଜରିଆରେ କେନ୍ଦ୍ର ଶ୍ରମ ଓ ଇ ଏସ ଆଇ ସି ବିଭାଗ ର ମନ୍ତ୍ରୀ ଓ ଇଏସ୍ଆଇ ସି ବୋର୍ଡକୁ ପ୍ରଦାନ କରାଯିବା ସହ ତୁରନ୍ତ ଏହି ଶ୍ରମିକ ବିରୋଧୀ ସର୍କୁଲାରକୁ ପ୍ରତ୍ୟାହାର କରିନେବାକୁ ଦାବି କରାଯାଇଛି । ବିକ୍ଷୋଭରେ ସିଆଇଟିୟୁ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲି, ରାଜ୍ୟ ସଂପାଦକ ବସନ୍ତ ନାୟକ, ଜିଲ୍ଲା ଉପସଭାପତି ଶ୍ରୀମନ୍ତ ବେହେରା, ତାଜମୁନ୍ ନେହାର, ବି ପି ମହାପାତ୍ର, ରାଜ କିଶୋର ପ୍ରଧାନ, ଯଯାତି କେଶରୀ ସାହୁ, ଅଜୟ ଶର୍ମା, ଅଜିତ ଏକ୍କା, ଅକ୍ଷୟ ମହାନ୍ତ,ଅରୁ ଦାସ, ଚନ୍ଦ୍ରଭାନୁ ଦାସ, ଲକ୍ଷ୍ମୀଧର ନାୟକ, ବିଶ୍ୱଜିତ ମାଝୀ, ବିନୟ ବେଉରିଆ , ଦିବାକର ମହାରଣା ପ୍ରମୁଖ ବକ୍ତବ୍ୟ ରଖି କହିଥିଲେ ଯେ ଓଡ଼ିଶାରେ ଇଏସଆଇ ବୀମାଧାରୀ ପ୍ରାୟ ୮ ଲକ୍ଷରୁ ଉର୍ଦ୍ଧ୍ୱ ଥିଲାବେଳେ ଏଠାରେ ଏ ପର୍ଯ୍ୟନ୍ତ ଏକ ସୁପର ସ୍ପେସାଲିଟି ହସ୍ପିଟାଲ ନାହିଁ । କେବଳ ରାଉରକେଲା ରେ ଏକ ଶହ ଶଯ୍ୟା ବିଶିଷ୍ଟ ଏକ ମଡେଲ ହସ୍ପିଟାଲ ରହିଛି । ଯାହା ଉପରେ ପଶ୍ଚିମ ଓଡ଼ିଶାର ପ୍ରାୟ ଲକ୍ଷାଧିକ ବୀମାଧାରୀ ଓ ତାଙ୍କ ପରିବାର ସଦସ୍ୟ ନିର୍ଭର କରିଥାନ୍ତି । ଅନ୍ୟାନ୍ୟ କେତେକ ସ୍ଥାନରେ ଡିସପେନସାରୀ ରହିଛି । ଇ ଏସ ଆଇ ସି ଗତ ବର୍ଷ ମାର୍ଚ୍ଚ ୧୬ ତାରିଖ ରେ ରାଉରକେଲା ଠାରେ ୨ଶହ ଶଯ୍ୟା ବିଶିଷ୍ଟ ସୁପର ସ୍ପେସାଲିଟି ହସ୍ପିଟାଲ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ ମଧ୍ୟ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରି ନାହିଁ । ଇଏସଆଇସି ପକ୍ଷରୁ ଏକ ସୁପର ସ୍ପେସାଲିଟି ହସ୍ପିଟାଲ ଓ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଥିଲେ ମଧ୍ୟ ତାକୁ କାର୍ଯ୍ୟକାରୀ କରାଯାଉନାହିଁ । କେନ୍ଦ୍ର ସରକାରଙ୍କ ଶ୍ରମିକ ମାନଙ୍କ ପ୍ରତି ଥିବା ବୈମାତୃକ ମନୋଭାବ ଯୋଗୁଁ କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ଓ ଇଏସଆଇସି ଏପରି ଶ୍ରମିକ ବିରୋଧୀ ସର୍କୁଲାର ଜାରି କରିଛି । ବୀମାଧାରୀ ଶ୍ରମିକ ଙ୍କ ଝାଳ ବୁହା ଟଙ୍କାରେ ଇ ଏସ ଆଇ ସି ଗଠିତ ହୋଇଥିଲା ବେଳେ ସେହି ଶ୍ରମିକ ଓ ତାର ପରିବାର ସଦସ୍ୟ ଙ୍କୁ ସେକେଣ୍ଡାରୀ ଓ ସୁପର ସ୍ପେସାଲିଟି ଚିକିତ୍ସା ଯୋଗାଇ ଦେବାକୁ ଇ ଏସ ଆଇ ଖର୍ଚ୍ଚାନ୍ତ ହେଉଥିବା କଥା କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ । ଏଠାରେ କେବଳ କେତେକ ଧଳା ହାତୀ ଙ୍କୁ ପୋଷା ଯାଉଥିବା କୁ ତୀବ୍ର ବିରୋଧ କରାଯାଇଛି । ଇ ଏସ ଆଇ ବୀମାଧାରୀ ଶ୍ରମିକ ମାନେ ଯେଉଁମାନେ ବିଭିନ୍ନ ଦୁର୍ଘଟଣା ଠାରୁ ଆରମ୍ଭ କରି ହୃଦରୋଗ, କର୍କଟ, ମଧୁମେହ, ସ୍ନାୟୁ, କିଡନୀ, ବ୍ରେନଷ୍ଟ୍ରୋକ, ଲିଭର ଟ୍ରାନ୍ସପ୍ଲାଣ୍ଟ ସମେତ ଅନ୍ୟାନ୍ୟ ଦୁରାରୋଗ ପାଇଁ ଇଏସ୍ଆଇ ହସ୍ପିଟାଲ ରେ ଭର୍ତ୍ତି ହୁଅନ୍ତି ସେମାନଙ୍କୁ ଭଲ ଚିକିତ୍ସା ବ୍ୟବସ୍ଥା ସେଠାରେ ଉପଲବ୍ଧ ନ ଥିବାରୁ ବୀମାଧାରୀଙ୍କ ଉତ୍ତମ ଚିକିତ୍ସା ପାଇଁ ରାଜ୍ୟର ବିଭିନ୍ନ ସୁପର ସ୍ପେସାଲିଟି ହସ୍ପିଟାଲକୁ ରେଫର କରାଯାଇଥାଏ କିନ୍ତୁ ଖର୍ଚ୍ଚାନ୍ତ ହେଉଥିବାର ବାହାନା କରି ଏହାକୁ ଚକ୍ରାନ୍ତ ମୂଳକ ଭାବେ ବନ୍ଦ କରିବା ପାଇଁ ଇଏସଆଇସି ଯେଉଁ ପଦକ୍ଷେପ ଗ୍ରହଣ କରୁଛି ତାକୁ ତୁରନ୍ତ ପ୍ରତ୍ୟାହାର ନକଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରିବାକୁ ବକ୍ତାମାନେ ଚେତାବନୀ ଦେଇଥିଲେ ।

## ଆର୍ଟ ଅଫ୍ ଗିଭିଙ୍ଗ ଦିବସ ପାଳିତ

ଫୁଲବାଣୀ, (ହି.ସ.): କୀଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଡାଃ ଅଚ୍ୟୁତ ସାମନ୍ତ ଙ୍କ ନିଜସ୍ୱ କାର୍ଯ୍ୟ କ୍ରମ ୧୦ମ ଆର୍ଟ ଅଫ ଗିଭିଙ୍ଗ କନ୍ଧମାଳ ର ପ୍ରତି ବ୍ଲକ ସହ ଫୁଲବାଣୀ ପୌର ପରିଷଦ ରେ ପାଳିତ ହୋଇଯାଇଛି । ଯେଉଁମାନେ ପ୍ରତିଦିନ ସମାଜକୁକୁ ସାହାଯ୍ୟ କରୁଛନ୍ତି ସେମାଙ୍କୁ ସାହାଯ୍ୟ କରିବା ଆଜିର କାର୍ଯ୍ୟ କ୍ରମର ଆହ୍ୱାନ ଥିଲା । ସେହିକ୍ରମରେ ଆଜି ସକାଳୁ ପ୍ରଥମେ ଭିକ୍ଷୁକମାନଙ୍କ ଠାରୁ ଆରମ୍ଭ କରି ମାନ୍ୟବର କନ୍ଧମାଳ ସାଂସଦଙ୍କ ଦ୍ୱାରା ପଠାଯାଇଥିବା ଉପହାର ପ୍ରଦାନ କରଯାଇଥିଲା । ପରେ ଅଟୋ ଡ୍ରାଇଭର, ବାରିକ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ୧୦୮ ସେବା ଓ ଆମ୍ବୁଲେନ୍ସ ଡ୍ରାଇଭର ଓ କୋଭିଡ ବେଳେ ଜୀବନକୁ ବାଜି ଲଗାଇ କୋବିଦରେ କାର୍ଯ୍ୟ କରୁଥିବା କର୍ମଚାରୀ ମାନଙ୍କୁ କନ୍ଧମାଳ ସାଂସଦ ପଠାଇଥିବା ଉପହାର ଦିଆଯାଇଥିଲା । ଆଜି ସଂନ୍ଧ୍ୟାରେ ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ଠାରେ ଆର୍ଟ ଓଫ୍ ଗିଭିଙ୍ଗ ଦିବସକୁ ପାଳନ କରଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଓ ଉପ ଜିଲ୍ଲାପାଳ ଶେଷଦେବ ମିଶ୍ର , ଡ଼ିଏସପି ପ୍ରଶାନ୍ତ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଏବଂ କନ୍ଧମାଳ ଆର୍ଟ ଓଫ ଗିଭିଙ୍ଗ ର ସଭାପତି ଜଳନ୍ଧର ବେହେରା ଓ କିସ୍‌ର ଜିଲ୍ଲା ସଂଯୋଜକ ଭାଗୀରଥୀ ସେଠୀ ଉପସ୍ଥିତ ଥିଲେ ।

ଭୋଟ ପାଇବାର ମନ୍ତ୍ର ହୋଇଗଲେ ଲୋକଶାସନ ହୁଏନାହିଁ। ଶାସନର ପ୍ରତି କ୍ଷେତ୍ରରେ କଣ ହେଉଛି ଓ କେଉଁଠି କଣ ହେବା ଉଚିତ ସେ ବିଷୟରେ ମତ ଦେବା, ଏ ସବୁ ଲୋକଶାସନ ପାଇଁ ଅତି ଦରକାରୀ।

(ଗାଁ ମଜଲିସ, ୧ମ ଖଣ୍ଡ, ପୃଷ୍ଠା-୧୯୭)
-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର
ତା ୨୦।୦୫।୨୦୨୩ ଶନିବାର

# କଂଗ୍ରେସକୁ ମିଳିଲା ରାଜନୈତିକ ସଂଜୀବନୀ

କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପରିଣାମ ଏକପ୍ରକାରରେ ଆଶାନୁରୂପ ହୋଇଛି, ନିର୍ବାଚନ ପୂର୍ବର ଅନୁମାନ ଠାରୁ ନେଇ ଏକ୍ଜିଟ୍ ପୋଲର ତଥ୍ୟ ଦର୍ଶାଇ ଆସୁଥିଲା ଯେ ରାଜ୍ୟରେ ଭାଜପା ବିରୁଦ୍ଧରେ ଅସନ୍ତୋଷ କୁହୁଳୁଛି। ଭାଜପାକୁ ସମ୍ଭବତଃ ଏହାର ସୂଚନା ମିଳିଗଲା ଓ ତାହା ଏହି କ୍ଷମତା ବିରୋଧୀ ଲହର ବିରୁଦ୍ଧରେ ବାଟକାଟି ଆଗକୁ ଯିବାଲାଗି ପ୍ରୟାସ ମଧ୍ୟ କଲା, କିନ୍ତୁ ତାହାକୁ ସଫଳତା ମିଳିଲା ନାହିଁ। ଏହି ପ୍ରକାରେ ଦେଖିବାକୁ ଗଲେ ଭାଜପାର ଯେଉଁ ଦୁର୍ବଳତା ଦେଖା ଯାଉଥିଲା, ତାହା ଅନ୍ତତଃ କଂଗ୍ରେସର ଶକ୍ତି ବୋଲି ପ୍ରମାଣିତ ହେଲା। ପ୍ରଥମ ଦୃଷ୍ଟିରେ, ହାର-ଜିତ୍ର କାରଣ ଅନୁଧ୍ୟାନ କଲେ ଜଣାଯାଏ ଯେ ଏହା କ୍ଷମତା ପରିବର୍ତ୍ତନର ସାଭାବିକ ପ୍ରକ୍ରିୟା, କାରଣ ଗତ କିଛି ସମୟ ହେଲା କର୍ଣ୍ଣାଟକ ସେଇ ରାଜ୍ୟ ତାଲିକାଭୁକ୍ତ ଯେଉଁଠି କୌଣସି ଦଳ ଲଗାତାର ଭାବେ ଦ୍ୱିତୀୟ ଥର କ୍ଷମତାକୁ ଆସିନାହିଁ ଓ ସେଠାରେ କାହାକୁ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ମଧ୍ୟ ମିଳିନାହିଁ। ଏଥର ମଧ୍ୟ ଏକ ଅନୁମାନ କରାଯାଉଥିଲା ଯେ କ୍ଷମତାସୀନ ଦଳ ହାରିଗଲେ ବି କଂଗ୍ରେସକୁ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ମିଳିବନାହିଁ। ତେବେ ଏ ନିର୍ବାଚନରେ କଂଗ୍ରେସର ଭୋଟହାର ପ୍ରାୟ ପାଞ୍ଚରୁ ଛଅ ପ୍ରତିଶତ ବଢ଼ିବା କାରଣରୁ ନିର୍ଣ୍ଣାୟକ ଆସନ ହାସଲ କରିବା ସମ୍ଭବପର ହୋଇଛି।

ଜନାଦେଶରୁ ସ୍ପଷ୍ଟ ଜଣାଯାଉଛି ଯେ ଜନତା ସେଠାକାର ରାଜ୍ୟ ସରକାରଙ୍କ କାର୍ଯ୍ୟକୁ ନେଇ ଆଦୌ ସନ୍ତୁଷ୍ଟ ନଥିଲେ। ଦୁର୍ନୀତି ଅଭିଯୋଗରେ ସରକାର ଛନ୍ଦି ହୋଇ ପଡ଼ିଥିଲେ। କେତେକ ଆଞ୍ଚଳିକ ପ୍ରସଙ୍ଗ ଓ ଦରବୃଦ୍ଧି ଯୋଗୁଁ ଲୋକଙ୍କର ଅସନ୍ତୋଷ ଭାଜପାର ଅଡୁଆକୁ ଦ୍ୱିଗୁଣିତ କରି ଦେଇଥିଲା, ଦଳ ଭିତରେ ଚାଲିଥିବା କନ୍ଦଳ ମଧ୍ୟ କିଛି କମ୍ ନଥିଲା। ନିର୍ବାଚନର ଠିକ୍ ପୂର୍ବରୁ କେତେକ ପୁରୁଣା ଦିଗ୍ଗଜ ନେତା ଦଳଛାଡ଼ି ଚାଲିଗଲେ। ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ଲୋକପ୍ରିୟତା ମଧ୍ୟ ସିଦ୍ଧରମେୟା ବି ୟେଦିୟୁରପ୍ପାଙ୍କ ଭଳି ନୁହେଁ। ଭାଜପାର ଏ ଦୁର୍ବଳତାକୁ ଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଅନ୍ତିମ କାଳରେ ଭରପୂର ପ୍ରୟାସ କଲେ, କିନ୍ତୁ ଲାଗୁଛି ସେତେବେଳକୁ ନିର୍ବାଚନୀ ବିମର୍ଶର ଧାରା ସ୍ଥିରୀକୃତ ହୋଇ ସାରିଥିଲା। ବ୍ୟାପକ ଦୃଷ୍ଟିରୁ ବିଚାର ବିବେଚନା କରି କୁହାଯାଉଥିଲା ଯେ କଂଗ୍ରେସ ଆଗରେ ରହିବ, କିନ୍ତୁ ପ୍ରଶ୍ନଥିଲା କଂଗ୍ରେସ କ'ଣ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିପାରିବ। ଏବେ ଜନାଦେଶ ସେ ସବୁ ଅଟକଳ ଉପରେ ବିରାମ ଲଗାଇ ଦେଇଛି। ଭାଜପାକୁ ହରାଇ କଂଗ୍ରେସ ବିଜୟର ତାହାର କେତେକ ରଣନୀତି ଯୋଗୁଁ ସଫଳ ହୋଇଛି। ଯେପରି କି ଭାରତୀୟ ଜନତା ପାର୍ଟି ନିର୍ବାଚନରେ ରାଷ୍ଟ୍ରବାଦ ବା ରାଷ୍ଟ୍ରୀୟ ପ୍ରସଙ୍ଗ ଉତ୍ଥାପନ କରି ଜନମତକୁ ପ୍ରଭାବିତ କରିବା ପାଇଁ ପ୍ରୟାସ କଲା, କିନ୍ତୁ କଂଗ୍ରେସ ମୁଖ୍ୟତଃ ଆଞ୍ଚଳିକ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେଲା, କାରଣ ତାହା ଏକ ପ୍ରକାରେ ଆଶ୍ୱସ୍ତ ଥିଲା ଯେ ଭୋଟରମାନେ ଏଥର ନିର୍ବାଚନରେ କେଉଁ ପ୍ରସଙ୍ଗକୁ ଅଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। କଂଗ୍ରେସର ପାଞ୍ଚଟି ପ୍ରତିଶ୍ରୁତିର ସକରାତ୍ମକ ପ୍ରଚାର ମଧ୍ୟ ମତଦାନକୁ ପ୍ରଭାବିତ କଲା। ଗରିବ ବର୍ଗ ଓ ପଛୁଆ ଜାତିମାନଙ୍କ ମଧ୍ୟରେ ଦଳକୁ ସମର୍ଥନ ଦ୍ୱାରା ଏକଥା ଆହୁରି ପ୍ରମାଣିତ ହୋଇପାରିଲା। ଯଦିଓ ଏଯାଏ ସ୍ପଷ୍ଟ ହୋଇପାରି ନାହିଁ, ତଥାପି ହଜାବ ଠାରୁ ଆରମ୍ଭ କରି ବଜରଙ୍ଗଦଳ ପ୍ରସଙ୍ଗ ନେଇ ଭାଜପାକୁ ସେପରି କୌଣସି ବିଶେଷ ଫାଇଦା ମିଳିଲା ନାହିଁ କିନ୍ତୁ କଂଗ୍ରେସ ସପକ୍ଷରେ ମୁସଲମାନ ଧ୍ରୁବୀକରଣ ଅବଶ୍ୟ ଘଟିଲା। ଆଭ୍ୟନ୍ତରୀଣ ଗୋଷ୍ଠୀ ବିବାଦ ଦ୍ୱାରା କେବଳ ଭାଜପା ନୁହେଁ, କଂଗ୍ରେସ ଅଧିକ ମାତ୍ରାରେ ଅଡୁଆରେ ଥିଲା, କିନ୍ତୁ ରାଜ୍ୟର ଦୁଇଜଣ ବଡ଼ ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଓ ପିସିସି ମୁଖ୍ୟ ଡିକେ ରବିକୁମାର ନିର୍ବାଚନ ପ୍ରଚାର କାଳରେ ସଠିକ୍ ତାଳମେଳ ରକ୍ଷା କରିବା କାରଣରୁ କର୍ମକର୍ତ୍ତା, ସମର୍ଥକ, ପ୍ରାର୍ଥୀଗଣ ଓ ଭୋଟରମାନଙ୍କୁ ସଠିକ୍ ବାର୍ତ୍ତାଗଲା ଯେ ସେମାନଙ୍କ ମଧ୍ୟରେ ସବୁ କିଛି ଠିକ୍ଠାକ୍ ଅଛି।

ରାଜ୍ୟରେ ଥିବା ଶାସକ ଦଳକୁ କ୍ଷମତାଚ୍ୟୁତ ହୋଇଯିବା ସତ୍ତ୍ୱେ ଭାଜପା ଏ ପ୍ରକାର ପରିଣାମ ଲାଗି ଏକଦମ ନୈରାଶ୍ୟଗ୍ରସ୍ତ ହୋଇଯାଇଛି, ତା' ନୁହେଁ। ଆସନ ପ୍ରବଳ ସଂଖ୍ୟାରେ ହାରିଥିବା ସତ୍ତ୍ୱେ ମଧ୍ୟ ଭୋଟ ପ୍ରତିଶତ ଊଣାଅଧିକେ ସମାନ ରହିଛି। ଗତ ନିର୍ବାଚନରେ ଭାଜପାକୁ ୩୬ ପ୍ରତିଶତ ଭୋଟ ମିଳିଥିଲା, ଯାହାକି ଏଥର ପ୍ରାୟ ସେତିକି ରହିଲା। ଯଦିଓ ତାହାର ଗଡ଼ ବୋଲି ପରିଚିତ ଉତ୍ତର-କର୍ଣ୍ଣାଟକ ବ୍ୟତୀତ ମଧ୍ୟ କର୍ଣ୍ଣାଟକରେ ମଧ୍ୟ ପ୍ରବଳ ମାତ୍ରାରେ ଝଟକା ଲାଗିଛି, ତଥାପି ଏତେ ଅସୁବିଧା ଭିତରେ ଥାଇ ମଧ୍ୟ [illegible] ଅଞ୍ଚଳ ମହୀଶୂର ତଥା ଦକ୍ଷିଣ କର୍ଣ୍ଣାଟକରେ ପାର୍ଟି ନିଜର ପ୍ରତିଷ୍ଠା ବଢ଼ାଇପାରିଛି। କଂଗ୍ରେସକୁ ଏହି ବିଜୟରେ ରାଜନୈତିକ ସଂଜୀବନୀ ମିଳିଛି। ବିରୋଧୀ ପକ୍ଷରେ ଥାଇ ବି ସେତେବେଳେ କଂଗ୍ରେସର ପ୍ରଭାବକୁ ଅନ୍ୟ ବିପକ୍ଷ ପାର୍ଟି ଦୁର୍ବଳ ବୋଲି ଭାବୁଥିଲା, ସେତେବେଳେ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଅଣ-ଭାଜପା ଦଳମାନଙ୍କୁ ନେଇ ମେଣ୍ଟ ଗମିଗଢ଼ି ତା'ର ମୁଖ୍ୟ ହେବା ଉଦ୍ୟମ ବେଶ ପ୍ରଭାବଶାଳୀ ହେବ ବୋଲି ସ୍ପଷ୍ଟ ହେବାରେ ଲାଗିଛି। ସମ୍ଭବତଃ କର୍ଣ୍ଣାଟକର ପରିମାଣ ପରେ ରାଜନୈତିକ ମୂଳଚାଳ କରିବାକୁ କଂଗ୍ରେସ ସକ୍ଷମ ହେବ। ତେବେ ଏହାକୁ କିପରିଭାବେ କଂଗ୍ରେସ ବ୍ୟବହାର କରୁଛି ତାହା ଆଗାମୀ ଭବିଷ୍ୟତ କହିବ, କାରଣ ଆଗକୁ ଆହୁରି ଅନେକ ଚାଲେଞ୍ଜ ଅଛି। ଚଳିତ ବର୍ଷ ଶେଷ ଭାଗକୁ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ବିଧାନସଭା ନିର୍ବାଚନ ହେବ। ଏମାନଙ୍କ ମଧ୍ୟରୁ ଦୁଇଟି ରାଜ୍ୟରେ କଂଗ୍ରେସ କ୍ଷମତାରେ ଅଛି। ତେଣୁ ସେ ଦୁଇ ରାଜ୍ୟରେ ମଧ୍ୟ ଶାସନ-ବିରୋଧୀମତକୁ ମଧ୍ୟ ସାମନା କରିବାକୁ ପଡ଼ିପାରେ, ଯେପରି କର୍ଣ୍ଣାଟକରେ ଭାଜପାକୁ ଭୋଗିବାକୁ ପଡ଼ିଲା, ତେଣୁ କଂଗ୍ରେସ ଉପରେ ନିର୍ଭର କରିବ ତାହା ଏ ଦୁଇ ରାଜ୍ୟରେ ଶାସନ କ୍ଷମତା ହାତରେ ରଖିବାଲାଗି ସେ ଦୁଇ ରାଜ୍ୟରେ କି ପ୍ରକାରର ରଣନୀତି ପ୍ରୟୋଗ କରିବେ। ଏ ବିଧାନସଭା ନିର୍ବାଚନ ପରେ ଆସନ୍ତା ବର୍ଷ ଏପ୍ରିଲ-ମଇ ମାସରେ ଯେଉଁ ଲୋକସଭା ନିର୍ବାଚନ ହେବ, ତା'ର ଅବ୍ୟବହିତ ପୂର୍ବରୁ କି ପ୍ରକାରର ଅଣ-ଭାଜପା ମେଣ୍ଟ ହେଉଛି, ତା'ର ରୂପ-ସ୍ୱରୂପ କ'ଣ ହେବ ତାହା ଦର୍ଶାଇବ ପରବର୍ତ୍ତୀ ରାଜନୈତିକ ଦୃଶ୍ୟପଟ, ବିଶେଶଷ କରି ତହିଁରେ କଂଗ୍ରେସର ଭୂମିକା କ'ଣ ହେବ ସେ କଥା ବି ଜଣାପଡ଼ିବ।

ଏଥର କର୍ଣ୍ଣାଟକ ଜନାଦେଶକୁ ତେଣୁ ଅଗାମୀ ଲୋକସଭା ଲାଗି ସଂକେତ ଭାବେ ଦେଖାଯାଇ ପାରିବନାହିଁ। ଏକରେ ଲୋକସଭା ନିର୍ବାଚନ ଆହୁରି ୧୦ମାସ ବାକି ଅଛି ଓ ଦୁଇରେ ବିଧାନସଭା ନିର୍ବାଚନରେ ଲୋକସଭା ନିର୍ବାଚନ ତୁଳନାରେ ପ୍ରସଙ୍ଗ ଓ ମତଦାତାଙ୍କ ପ୍ରାଥମିକତା ଅଲଗା- ଅଲଗା ହୋଇଥାଏ। ବିଗତ କେତେକ ବିଧାନସଭା ନିର୍ବାଚନରେ ଏହାର ଉଦାହରଣ ମିଳିସାରିଛି ଯେଉଁ ରାଜ୍ୟ ବିଧାନସଭାରେ ଭାଜପାକୁ ସଫଳତା ମିଳିନଥିଲେ ମଧ୍ୟ, ଲୋକସଭା ନିର୍ବାଚନରେ ତାହା ଢେର ଅଧିକ ଆସନ ଅକ୍ତିଆର କରିପାରିଛି। କର୍ଣ୍ଣାଟକ ହେଉଛି ଏକ ବଡ଼ ରାଜ୍ୟ, ଯେଉଁଠି ଲୋକସଭା ଆସନ ସଂଖ୍ୟା ହେଉଛି ୨୮। ତେଣୁ ଆଗାମୀ ଏକ ବର୍ଷ ଭିତରେ ସେଠାରେ ପ୍ରତିଷ୍ଠିତ ହେବାକୁ ଯାଉଥିବା କଂଗ୍ରେସ ସରକାରର ପ୍ରଦଶନ ସେ ସବୁ ଆସନର ପରିଣାମକୁ ନିର୍ଦ୍ଧାରିତ କରିବ। ଏହି ସମୟ ଭିତରେ କଂଗ୍ରେସର ଦୁର୍ବଳତାକୁ ଭାଜପା କିପରି ଭାବେ ଚିହ୍ନଟ କରି ତାଙ୍କୁ ଟାର୍ଗେଟ କରୁଛି ତାହା ପ୍ରତି ମଧ୍ୟ ଲୋକେ ଧ୍ୟାନରେ ରଖିବେ। ଭାଜପା ଅବଶ୍ୟ ଲୋକସଭା ନିର୍ବାଚନରେ ନିଜର ପ୍ରଦର୍ଶନ ଦୋହରାଇବାକୁ ଚାହିବ କାରଣ ସେତେବେଳେ କଂଗ୍ରେସ ଓ ଜନତା ଦଳ-ଏସ୍ ମଧ୍ୟରେ ମେଣ୍ଟ ହୋଇଥିଲା ସତ୍ତ୍ୱେ ୨୮ରୁ ୨୫ଟି ଆସନ ଜିତିବାରେ ଭାଜପା ସଫଳକାମ ହୋଇଥିଲା। ତେଣୁ କର୍ଣ୍ଣାଟକ ବିଧାନସଭା ନିର୍ବାଚନର ପରିଣାମ ଲୋକସଭା ନିର୍ବାଚନ ପାଇଁ ବାଟ ପରିଷ୍କାର କରିଦେଇଛି ବୋଲି କୁହାଯାଇପାରେ। ❐❐

—ଭର୍ତ୍ତୃହରି ମହତାବ

# ଭତ୍ତା ପାଇବାରୁ ବଞ୍ଚିତ ବଣ୍ଡା ଜନଜାତି

**ପ୍ରାପ୍ତପତ୍ର**

ଭତ୍ତା ପାଇବାରୁ ବଂଚିତ ବଣ୍ଡା ଜନଜାତି। ପଞ୍ଚାୟତ କାର୍ଯ୍ୟାଳୟରୁ ବ୍ୟାଙ୍କକୁ ବାରମ୍ବାର ଦୌଡ଼ି ଦୌଡ଼ି ନିରାଶ ହୋଇ ଫେରୁଛନ୍ତି। ବାରମ୍ବାର ବ୍ଲକ ପ୍ରଶାସନକୁ ଗୁହାରି କରୁଛନ୍ତି। କିନ୍ତୁ କୌଣସି ସୁଫଳ ମିଳିନାହିଁ। ଭତ୍ତା ଟଙ୍କାରେ ବଞ୍ଚିଥିବା ନିରୀହ ବଣ୍ଡା ଜନଜାତି ଏବେ ନିରାଶ।

ସମୁଦ୍ର ପତନ ଠାରୁ ପାଞ୍ଚହଜାର ଫୁଟ ଉପରେ ରହିଛି ବଣ୍ଡା ଘାଟି। କେଉଁ ଆଦିମ କାଳରୁ ବସବାସ କରି ଆସୁଛନ୍ତି ବଣ୍ଡା ଜନଜାତି। ସରକାର ଏମାନଙ୍କ ଉନ୍ନତି ପାଇଁ ଅନେକ ଯୋଜନା କରିଛନ୍ତି ଏବଂ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ କେତେକ ଅସାଧୁ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟପାଇଁ ନିରୀହ ବଣ୍ଡା ଜନଜାତି କଷ୍ଟ ଭୋଗୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଉପାନ୍ତ ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅଣ୍ଡରାହାଲ ପଞ୍ଚାୟତରେ। ଅଣ୍ଡରାହାଲ ପଞ୍ଚାୟତରେ ଅଧିକାଂଶ ବୃଦ୍ଧ ବୃଦ୍ଧା ଭତ୍ତା ପାଇବାରୁ ବଂଚିତ ରହିଛନ୍ତି। ମାସ ପୂରିଲେ ଭତ୍ତା ମିଳିବ। ଭତ୍ତା ପଇସା ମିଳିଲେ ତେଲ ଲୁଣ କରିବୁ ବୋଲି ଆଶା ବାନ୍ଧି ରହିଥାନ୍ତି। କିନ୍ତୁ ମାସ ମାସ ବିତିଯାଇଥିଲେ ମଧ୍ୟ ଭତ୍ତା ପାଇପାରୁ ନାହାନ୍ତି। ବାର୍ଦ୍ଧକ୍ୟ ଭତ୍ତାରେ ବଂଚୁଥିବା ଆଦିମ ଗରିବ ବଣ୍ଡା ଜନଜାତି ଠିକ୍ ସମୟରେ ମିଳୁନଥିବାରୁ ନାହିଁ ନଥିବା ହଇରାଣ ହେଉଛନ୍ତି। ହିତାଧିକାରୀ ବାର୍ଦ୍ଧକ ଭତ୍ତା ପାଇଁ ପଂଚାୟତ କାର୍ଯ୍ୟାଳୟକୁ ଗଲେ ସେମାନଙ୍କୁ ବ୍ୟାଙ୍କ ପଠାଇ ଦିଅନ୍ତି। ପାସବୁକ୍ ଧରି ଖରା ହେଉ ବା ବର୍ଷା କିଏ ତ କମାଣ୍ଡର ବା ଟ୍ରାକ୍ଟରରେ ଶହେ ଟଙ୍କା ଭଡ଼ା ଦେଇ ଯିବାକୁ ପଡୁଛି। ଦୀର୍ଘ ୨୪ କିଲୋମିଟର ଚାଲି ଚାଲି ଖଇରପୁଟ ବ୍ୟାଙ୍କୁ ଯିବାକୁ ପଡୁଛି। ଦିନ ତମାମ ବ୍ୟାଙ୍କରେ ଲାଇନ ଲାଗି ପାସବୁକ୍ ଚେକ୍ କରିବାକୁ ଯାଇଥାନ୍ତି। ବାରମ୍ବାର ଚେକ୍ କରିଥିଲେ ମଧ୍ୟ ଭତ୍ତା ଟଙ୍କା ଆସିନଥିବା କହି ବ୍ୟାଙ୍କ କର୍ମଚାରୀ ଫେରେଇ ଦିଅନ୍ତି। ପ୍ରତି ମାସ ଆସି ପାସବୁକ୍ ଚେକ୍ କରି ନିରାଶ ହୋଇ ଘରକୁ ଫେରନ୍ତି। ଆଜିକୁ ପାଞ୍ଚମାସ ବିତି ଯାଇଥିଲେ ମଧ୍ୟ, ନା ଟଙ୍କା ଆକାଉଣ୍ଟକୁ ଆସୁଛି ନା ପଞ୍ଚାୟତ କାର୍ଯ୍ୟାଳୟରୁ ଟଙ୍କା ଦିଆଯାଉଛି। ନିରୀହ ବଣ୍ଡା ଜନଜାତିଙ୍କ ସହ ଖେଳ ଖେଳୁଛନ୍ତି ପ୍ରଶାସନ। ମାସ ମାସ ଧରି ଭତ୍ତା ନ ପାଇ ନିରାଶ ହେଲେଣି ହିତାଧିକାରୀ। ଭତ୍ତା ପ୍ରଦାନ କରିବା ପାଇଁ ୧୫ରୁ ଊର୍ଦ୍ଧ୍ୱ ବୟସ୍କ ହିତାଧିକାରୀ ବାର୍ଦ୍ଧକ ଭତ୍ତାରୁ ବଂଚିତ ରହୁଛନ୍ତି। ୫୦୦ ଟଙ୍କା ଭତ୍ତା ପାଇଁ ମାସକୁ ଦୁଇରୁ ତିନି ଥର ବ୍ୟାଙ୍କକୁ ଯାତାୟାତ କରୁଛନ୍ତି ଏବଂ ନାହିଁନଥିବ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତର ସହ ନେଇ ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ଦେବାର ବ୍ୟବସ୍ଥା କଲେ ନିରୀହ ବଣ୍ଡା ଆଦିବାସୀ ଭତ୍ତାରୁ ବଂଚିତ ରହିବେ ନାହିଁ।

ନିରଞ୍ଜନ ଜାନି
ଅଣ୍ଡରାହାଲ, ଖଇରପୁଟ
ମାଲକାନଗିରି

# ଶାଖା ସଂସାରରେ ବୈଶାଖୀ ବର୍ଷା



**ମାୟାଧର ନାୟକ**

ପ୍ରକୃତିର ଆକସ୍ମିକ ତାଣ୍ଡବ, ଘୂର୍ଣ୍ଣିଝଡ, କାଳବୈଶାଖୀ ମାତ୍ର ୪୧ ମିନିଟ୍ରେ ୮୦ କିଲୋମିଟର ବେଗରେ ବହିଗଲା ଏଇ ୨୦୨୩ ମଇ ୧୫ ତାରିଖ ଓପରଓଳା। ବିନା ବର୍ଷାରେ ପବନ- ପୁଣି ପରେପରେ ସାମାନ୍ୟବର୍ଷା ଓ କୁଆପଥର ବୃଷ୍ଟି। ଝଡବର୍ଷା। ହଠାତ୍ କମିଗଲା- ପୁଣି ଖରା। ଜଣାଗଲା ଯେ - ବହୁସ୍ଥାନରେ ପୁରୁଣାନୂଆ ଗଛସବୁ ଭାଙ୍ଗିଯାଇଛି। ରାସ୍ତାରେ ପଡି ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଛି। ଖବର ମିଳିଲା କିଛି ଜୀବଜନ୍ତୁଙ୍କର ମଧ୍ୟ ଜୀବନ ଚାଲିଯାଇଛି।

ପ୍ରତିମୁହୂର୍ତ୍ତରେ ପରିବର୍ତ୍ତନଶୀଳ ପ୍ରକୃତିର ନିୟମ ଅତ୍ୟନ୍ତ ବିସ୍ମୟ ତଥା ବିଚିତ୍ରମୟ - ଯାହାର ପ୍ରଭାବରେ ବିଶେଷ ବିଶେଷ ସମୟରେ ଓ ପରିସ୍ଥିତିରେ ପ୍ରାଣୀଜଗତ ଉପରେ ସୁଦୂରପ୍ରସାରୀ ପ୍ରଭାବ ମଧ୍ୟ ପଡିଥାଏ। ଆବର୍ତ୍ତନ ଓ ବିବର୍ତ୍ତନ ଦ୍ୱାରା ସମୟେ ସମୟେ ପ୍ରକୃତି ନିଜର ଭାରସାମ୍ୟକୁ ହରାଇବା ଦ୍ୱାରା ଏହା ଭୀଷଣ ରୂପ ଧାରଣ କରିଥାଏ। ପ୍ରଭାବସ୍ୱରୂପ ଯେତେବେଳେ ଶାନ୍ତସରଳ ନୀଳସମୁଦ୍ରରେ ଝଡବାତ୍ୟାର ରୂପ ନିଏ- କେବେ ବନ୍ୟା ଆଉ କେବେ ପ୍ରଚଣ୍ଡ ଝାଞ୍ଜି ପ୍ରଭାବରେ ଘୂର୍ଣ୍ଣିଝଡ ମଧ୍ୟ ଘଟିଥାଏ। ଏହା ନିମିଷକ ମଧ୍ୟରେ ପ୍ରବଳ ରୂପ ଧାରଣକରି ସବୁକିଛିକି ଧ୍ୱସ୍ତବିଧ୍ୱସ୍ତ କରିଦିଏ।

ଏଇଭଳି ଏକ କରାଳ ରୂପ ଦେଖି ମୋ ଦେହରେ ଶିଥିଳତା ଆସିଯାଇଥିଲା। କିଛି ସମୟ ପାଇଁ ମୁଁ ହତବାକ୍ ହୋଇପଡିଥିଲି। ଅତ୍ୟନ୍ତ ଦୁଃଖ ମତେ ମ୍ରିୟମାଣ କରିଦେଇଥିଲା। ଏଇମାତ୍ର ୧୫ ତାରିଖ ସୋମବାରର କଥା। ମୋ ଘର ଆଗରେ ଏକ ବଗିଚା ଅଛି। ବହୁ ପ୍ରଜାତିର ଫୁଲ ଏବଂ ଫଳରେ ଭରପୂର। ପ୍ରତିଦିନ ସମୟ ପାଇଲେ ମୁଁ ବଗିଚାକୁ ଯାଇ ବୁଲିଆସେ। ହଠାତ୍ ଦେଖିଲି – ଚଢେଇଟିଏ ତା'ର କୁନିଥଣ୍ଟରେ ଛୋଟଛୋଟ ଝଟା ଆଣି ମୋର ପ୍ରିୟଚମ୍ପାଗଛରେ ଏକ ବସା ବାନ୍ଧିଛି। ଏଇ ବସାରେ ସେ ଅଣ୍ଡାଦେଇ ଚାତକ ପରି ଚାହିଁରହିଛି – କେବେ ତା'ର ସନ୍ତାନ ଏ ଦୁନିଆରେ ସୂର୍ଯ୍ୟାଲୋକ ଦେଖିବ। ତା' ସ୍ୱପ୍ନର ଅନ୍ତ ଘଟିଛି। କିଛିଦିନ ପରେ ସେ ତିନୋଟି ଛୁଆର ମା' ହୋଇଛି। ଚଢେଇ ଛୁଆମାନଙ୍କ କେଁକଟର, ଚେଁଚାଁ ମଧୁର ଶବ୍ଦଶୁଣି ମୁଁ ତୃପ୍ତି ଅନୁଭବ କରୁଥିଲି। ଚଢେଇ ହେଲେବି ସେ ଗୋଟିଏ ମା'। ତା' ହୃଦୟରେ ସ୍ନେହମମତା, ଭଲପାଇବା, ମୋହମାୟାରେ ସେ ବନ୍ଧା। ମା' ଓ ଛୁଆର ନିବିଡସଂପର୍କ ତାକୁ ଅସ୍ତବ୍ୟସ୍ତ କରିଦିଏ। ଛୁଆମାନଙ୍କ ଉଦରପୂରଣ ପାଇଁ ସେ ପ୍ରତ୍ୟେହ ବସାରେ ସେମାନଙ୍କୁ ଛାଡି ଖାଦ୍ୟ ଅନ୍ୱେଷଣରେ ବାହାରିଯାଏ। ଯାହା ପାଏ ତାହା ଅତ୍ୟନ୍ତ ସ୍ନେହମମତାର ସହ ତା'ର ଛୁଆମାନଙ୍କୁ ଖୁଆଇ ସେ ସନ୍ତୋଷ ପାଇଥାଏ। ସେଦିନ ବୈଶାଖୀ ଝଡରେ ମା' ତା ବସାକୁ ଫେରିପାରିନଥିଲା। ମଇ ୧୪ ତାରିଖରେ ବିଶ୍ୱ ମାତୃତ୍ୱଦିବସ ପାଳନ ଅବସରରେ ପତ୍ନୀ ଇନ୍ଦିରା ଏକ ସ୍କୁଲକୁ ଅତିଥିହୋଇ ଯାଇଥିଲେ। ଦିନକ ପୂର୍ବରୁ ମାତୃଶକ୍ତି ବିଶ୍ୱରେ ମହାଶକ୍ତି। ମା' ବିନା ଏ ସଂସାର ଅସାର ସଂପର୍କରେ ଏକ ନିବନ୍ଧ ଲେଖି ମତେ ପଢାଇଥିଲେ।

ସେଇ ୧୫ ତାରିଖ ଓପରଓଳି ପ୍ରାୟ ୫ଟା ହେବ- ହଠାତ୍ ଦେଖିଲି- ଘୂର୍ଣ୍ଣିଝଡ ପ୍ରଚଣ୍ଡବେଗରେ ମାଡିଆସୁଛି ଏବଂ ପ୍ରବଳବେଗରେ ପବନ ମଧ୍ୟ ବହୁଛି। ମୁଁ ଅସ୍ତବ୍ୟସ୍ତ ହୋଇ ଘରେ ବସିରହିଛି। କିଛି ସମୟପରେ ଝଡ ଚାଲିଗଲା ଝଡର ବାଟରେ- ପବନ ହୋଇଲା ଶାନ୍ତ। କିନ୍ତୁ ବାଇଚଢେଇବସାକୁ ଉଡେଇନେଇ ଗେଟ୍ପାଖରେ କଚାଡିଦେଇଛି। ତିନୋଟି ନିଷ୍ପାପ ଶିଶୁଚଢେଇଙ୍କ କ୍ଷୁଦ୍ରଜୀବନବାୟୁ ଉଡିଯାଇଛି। ସେମାନେ ଶବହୋଇ ପଡିରହିଛନ୍ତି। ପୁଅ ଆକାଶର ବ୍ୟକ୍ତିଗତ ସଚିବ ପ୍ରମୋଦ, ଡି.ଟି.ପି. ଅପରେଟର୍ ଆଦିତ୍ୟ, ଡ୍ରାଇଭର ସତ୍ୟ, ଲାଇବ୍ରେରୀଆନ୍ ପ୍ରଦୀପ, ପଛଘରେ ରହୁଥିବା ଗୋଲକ, ପତ୍ନୀ ଇନ୍ଦିରା, ସହାୟିକା ପୂଜା ସମସ୍ତେ ଥିଲେ। କାଳବୈଶାଖୀ ପରେ ଗୋଲକ ଆସି କହିଲା- ଆଜ୍ଞା! ଚଢେଇଛୁଆ ତିନୋଟି ମରିପଡିଛନ୍ତି। କାଳବିଳମ୍ବ ନକରି ଅତ୍ୟନ୍ତ ଦୋଦୁଲ୍ୟମାନ ଅବସ୍ଥାରେ ସମ୍ଭାଳିନପାରି ବଗିଚାକୁ ଦୌଡିଗଲି। ସେଠାରେ ଯାହା ଦେଖିଲି – ଭାଷାରେ ବର୍ଣ୍ଣନା କରିପାରିବିନାହିଁ। ବଗିଚା ଧ୍ୱସ୍ତବିଧ୍ୱସ୍ତ ହୋଇ ତା'ର ସୌନ୍ଦର୍ଯ୍ୟକୁ ହରାଇବସିଛି। ଚମ୍ପାଗଛକୁ ଦେଖି ମୁଁ ହଠାତ୍ ହତବାକ୍। କାନ୍ଦିବି ନା ଦୁଃଖକୁ କାହକୁ କହିବି। ଏଭଳି ସ୍ଥିତିରେ ନଥିଲି– ମୁଁ ଦେଖୁଛି– ମୋ ଆଖିଆଗରେ ଟିକିଚଢେଇର ତିନୋଟି ନିରୀହ ସରଳ ଛୁଆରଜୀବନ ଚାଲିଯାଇଛି। ମୋ ହୃଦୟ ଆନ୍ଦୋଳିତ ହୋଇଗଲା। ହୃଦୟର ବ୍ୟଥାକୁ ହୃଦୟରେ ଚାପିରଖି ଫେରିଆସିଲି ମୋ ଲାଇବ୍ରେରୀକୁ। ଚଢେଇଛୁଆର କଥା ଭାବୁଭାବୁ ଏ ସାଂପ୍ରତିକ ସମାଜର ହଜାର ହଜାର ନିରୀହ ଦୁଃଖୀରଙ୍କି ମା'ମାନଙ୍କ କଥା ଓ ବ୍ୟଥା ମୋ ହୃଦୟକୁ ଭାଙ୍ଗିଦେଲା। ମୋ ମନରଜଗତକୁ କୁଠାରଘାତ କରିଚାଲିଲା। ଯେଉଁ ଜନନୀମାନେ ଦଶମାସ ଦଶଦିନ ନିଜଗର୍ଭରେ ଶିଶୁଟିକୁ ଧାରଣକରି କେତେଯେ - ବିନିଦ୍ର ରଜନୀ ସେମାନଙ୍କୁ କାଟିବାକୁ ପଡିଛି – ନିଜର ଅନ୍ତଫାଡି ସେମାନଙ୍କୁ ଜନ୍ମଦେଇଛି– ସେମାନଙ୍କ ମୁହଁରେ ଆହାରଗଣ୍ଡେ ଦବାପାଇଁ– କେତେ ଯେ ଯନ୍ତ୍ରଣା ସହିବାକୁ ପଡିଛି। ଖରା, ବର୍ଷା, ଶୀତ, କାକରକୁ ଖାତିର ନକରି ଦୁନିଆ ଆଗରେ କେତେ ହାରିଗୁହାରି କରିଛି- ନିଜ ପେଟରେ ଓଦାକନାଦେଇ ଘରେଘରେ ବାସନମାଜିଛି– ରାସ୍ତାଘାଟ, ଖଣିଖାଦାନ, କ୍ଷେତଖମାରରେ ସକାଳୁ ସଂଜ ପର୍ଯ୍ୟନ୍ତ ଖଟିଛି - ନିଜକୁ ସେ ତିଳତିଳ କରି ମାଟିରେ ମିଶାଇଦେଇଛି – ତଥାପି ସେ ସ୍ୱପ୍ନ ଦେଖୁଛି– ମୋର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ମୁଁ ଏମାନଙ୍କୁ ବଡ କରିବି।

ଛୁଆଙ୍କୁ ବଡ କରିବାକୁ ହେଲେ ଯାହା ଯାହା ଆବଶ୍ୟକ କିଏ କ'ଣ ତାକୁ ପୂରଣ କରିପାରିବ - ନା – ଏ ସମାଜ କ'ଣ ତାକୁ ପୂରଣ କରିବାକୁ ସୁଯୋଗ ଦେବ? ଶେଷରେ କ'ଣ ଚଢେଇଛୁଆର ଦୁର୍ଦ୍ଦଶା ଭଳି ଏମାନଙ୍କୁ ଭୋଗିବାକୁ ପଡିବ। ଏମାନଙ୍କ ଭାଗ୍ୟ ଆକାଶରେ କେହିନା କେହି ଦଣ୍ଡାୟମାନ ହୋଇ ଅଟ୍ଟହାସ୍ୟ କରିବ – ତମେ ହାରିଗଲ – ହାରିଗଲ – ହାରିଗଲ। ତମକୁ ବଞ୍ଚିବାକୁ ହେଲେ ତୁମୁଳ ଜୀବନସଂଗ୍ରାମ କରିବାକୁ ପଡିବ। ଅତ୍ୟାଚାରୀ ଜନଦ୍ରୋହୀ ଶୋଷକମାନଙ୍କୁ ନିପାତ କରିବାକୁ ହେବ। ମା' ତୁମେ - ପାରିବ - ପାରିବ - ନିଶ୍ଚୟ ପାରିବ। ତେବେଯାଇ ତୁମେ ନିଜ ଶିଶୁର ଭାଗ୍ୟ ନିର୍ଦ୍ଧାରଣ କରିପାରିବ।

ଏଇ ୧୫ ମାସ ହେଲା ୨୦୨୨ ଫେବୃଆରୀ ୨୪ରୁ ରୁଷ-ୟୁକ୍ରେନ୍ ଯୁଦ୍ଧ ଲାଗିଛି। ଥମିବାରେ ନାଁ ଧରୁନି। କେତେଯେ ସୈନ୍ୟ - ସାଧାରଣ ନାଗରିକଙ୍କ ଜୀବନ ଗଲାଣି – କେତେଯେ ବାସ୍ତୁହରା ହେଲେଣି ତା'ର ହିସାବନାହିଁ। ସୁଦାନରେ ଗୃହଯୁଦ୍ଧ, ମଣିପୁରରେ ଆଦିବାସୀ-ଆଦିବାସୀ ମଧ୍ୟରେ ସଂଘର୍ଷ, ପାକିସ୍ଥାନରେ ସଂଘର୍ଷ, ଖାଦ୍ୟପାଇଁ ଦଳାଚକଟା, ସାଂପ୍ରଦାୟିକ ଦଙ୍ଗା, ବ୍ରଜପାତ, ଘୂର୍ଣ୍ଣିଝଡ, ଭୂମିକମ୍ପ, ଭୂସ୍ଖଳନ, ବନ୍ୟା, ଗାଁସହରରେ ହଣାକଟା ପ୍ରତିମୁହୂର୍ତ୍ତରେ ହତ୍ୟାକାଣ୍ଡ, କଥାକଥାକେ ମୁଣ୍ଡ କଟାକଟି ଭଳି ଅନେକ ଘଟଣାରେ ବହୁଲୋକ ମରୁଛନ୍ତି। ପୁଣି ଭୋକରେ – ରୋଗରେ ମରିବା ଲୋକଙ୍କ ହିସାବ ରଖୁଛି କିଏ? ଏ ମନୁଷ୍ୟକୃତ ପ୍ରାକୃତିକ ବିପର୍ଯ୍ୟୟ କୋଟିକୋଟି ଜୀବଜନ୍ତୁଙ୍କ ମୃତ୍ୟୁଖବର ମତେ ଯେତେ ବିଚଳିତ କରିପାରିନଥିଲା – କିନ୍ତୁ ଏ ତିନୋଟି ଚଢେଇଛୁଆର ଦାରୁଣ ପ୍ରାକୃତିକ ମୃତ୍ୟୁରେ ମ୍ରିୟମାଣ ହୋଇପଡିଥିଲି।

ଏ ବିହଙ୍ଗ ସାବକ ତିନୋଟିକୁ ଶେଷସଂସ୍କାର ଉଦ୍ଦେଶ୍ୟରେ ଯେତେବେଳେ ଏ ସହିଷ୍ଣୁମୂର୍ତ୍ତିକାରେ ଗୋଟିଏ ଗାତଖୋଳି ପୋତିଦେଲି – ସବୁରି ଅଜାଣତରେ – ସମସ୍ତଙ୍କ ଅଲକ୍ଷ୍ୟରେ – ସେ ଗାତରେ ବି ସମାଧି ନେଇଗଲା – ମୋ ଯୋଡିଏ ଆଖିର ଅଶ୍ରୁ ଦି'ବୁନ୍ଦା – ସେ ଆଖି ମୋର – ସେ ଅଶ୍ରୁ – ସେ ସାବକମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ। ଇଚ୍ଛାହେଲା – ଉପରେ ଥିବା ସେଇ ଅନ୍ଧ, ମୂକ, ବଧୀର ବିଧାତାର ଦ୍ୱାରବନ୍ଧରେ ଘନଘନ କରାଘାତକରି କହିପାରନ୍ତିକି - ହେ! ଦାରୁଣ ଦାରୁଭୂତ! ଆରେ – କାଢିନେ ମୋ ଭିତରୁ ମତେ ଦେଇଥିବା ଏ କୋମଳତମ ହୃଦୟକୁ - ଆଉ ତା' ବିନିମୟରେ ବଞ୍ଚେଇଦେ - ଏ ତିନୋଟି ଶିଶୁ ବିହଙ୍ଗଙ୍କୁ।

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# ଶଶିକଳା ସିଣ୍ଡ୍ରୋମ କ'ଣ ?

**ନେତାଜୀ ତାପସ କୁମାର ସାହୁ**

ନିକଟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ‘ଶଶିକଳା ସିଣ୍ଡ୍ରୋମ’ ବିଷୟ ଉଠାଇଛନ୍ତି। ଅନେକ ସାଧାରଣ ଲୋକ ଯେଉଁମାନେ ରାଜନୀତିରେ ଖୁବ୍ କମ୍ ରୁଚି ରଖନ୍ତି କିମ୍ବା ନୂତନ ଯୁବ ପିଢି ମାନେ ପ୍ରଶ୍ନ କରୁଛନ୍ତି ଏଇଟା କ'ଣ ନୂଆ ରୋଗ? ଏ ଶଶିକଳା କିଏ? ଏମିତି ଅନେକ ଅସମାହିତ ପ୍ରଶ୍ନ.... କିଛି ଜଣ ଗୁଗୁଲ ସର୍ଚ୍ଚ ଜାରି ରଖିଛନ୍ତି ଆଜିବି। ତେବେ ଉତ୍ତର ହେଉଛି ନା ଏହା କୌଣସି ଶାରୀରିକ କିମ୍ବା ମାନସିକ ରୋଗ ବ୍ୟାଧି ନୁହ। ସତ୍ତା ଓ କ୍ଷମତାର ଦ୍ୱିତୀୟ ସର୍ବ ବୃହତ ଶକ୍ତି କେନ୍ଦ୍ର ଯାହାକି ନିର୍ବାଚିତ ପ୍ରତିନିଧି ଯିଏକି ଲୋକଙ୍କ ଦ୍ୱାରା ଏବଂ ବିଧାୟକ ଅବା ସାଂସଦମାନଙ୍କ ସର୍ବ ସମ୍ମତି କ୍ରମେ ଶାସନର ସର୍ବୋଚ୍ଚ ସ୍ଥାନରେ ବସିଥିବା ନେତା ବା ନେତ୍ରୀଙ୍କ ଉପରେ ସେହି ଦ୍ୱିତୀୟ ବ୍ୟକ୍ତିଙ୍କ ପ୍ରଭାବ କ୍ଷ କହିବାକୁ ଗଲେ ରାହୁ ଓ କେତୁ ଗ୍ରସ୍ତ ସୂର୍ଯ୍ୟ ପରାଗ କିମ୍ବା ଚନ୍ଦ୍ର ଗ୍ରହଣ ହିଁ ବାହୁଲ୍ୟ।

ଏ ସିଣ୍ଡ୍ରୋମ୍ ଆଜି ନୁହ ଅନେକ ବର୍ଷ ହେବ ଚାଲି ଆସିଛି। ନିକଟରେ କଂଗ୍ରେସ ନେତା ଭି କେ ହରିପ୍ରସାଦ କର୍ଣ୍ଣାଟକରେ ଆଗାମୀ ମୁଖ୍ୟମନ୍ତ୍ରୀ କିଏ ହେବ ନିଷ୍ପତ୍ତି ବିଷୟରେ ପ୍ରଶ୍ନ କରିବା ବେଳେ ସେ କହିଥିଲେ ବିଜେପି ହେଉଛି ନାଗପୁରରୁ ପରିଚାଳିତ (ଆରଏସ୍ଏସ୍ ଦ୍ୱାରା) କିନ୍ତୁ କଂଗ୍ରେସ ସବୁବେଳେ ହାଇକମାଣ୍ଡଙ୍କ ଦ୍ୱାରା ପରିଚାଳିତ। ସେ ଯାହା ନିଷ୍ପତ୍ତି ନେବେ ତାହା ହିଁ ହେବ। ତେବେ ଏଠି ପ୍ରଶ୍ନ ଉଠୁଛି ୨୦୦୪ ରୁ ୨୦୧୪ ଯାଏ ଥିବା ୟୁପିଏ -୧ ଏବଂ ୟୁପିଏ - ୨ ସରକାରକୁ କିଏ ପରିଚାଳନା କରୁଥିଲେ? ଭୂତପୂର୍ବ ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂହଙ୍କୁ ସମ୍ପୂର୍ଣ୍ଣ ଭାବେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶ ଅନୁସାରେ ହିଁ ପରିଚାଳିତ ହେବାକୁ ହେଉଥିଲା। କିଛି ବି ଫାଇଲ ପାସ ହେବା ପୂର୍ବରୁ ୧୦ ଜନପଥରେ ହିଁ ଆଗ ଚର୍ଚ୍ଚା ହେବ ଯାହାକି କଂଗ୍ରେସର ପୂର୍ବତନ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ବାସଭବନ। ଏହି କଥା ସଞ୍ଜୟ ବାରୁଙ୍କ ରଚିତ ‘ଦ ଆକ୍ସିଡେଣ୍ଟାଲ୍ ପ୍ରାଇମ ମିନିଷ୍ଟର ପୁସ୍ତକରେ ମଧ୍ୟ ଦେଖିବାକୁ ମିଳିଛି।

ଏବେ ଆସନ୍ତୁ ଜାଣିବା ଶଶିକଳା ଓ ଜୟଲଲିତାଙ୍କ ବିଷୟରେ। ସ୍ୱର୍ଗତ ଜେ. ଜୟଲଲିତା ହେଉଛନ୍ତି ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ। ଦେଶର ପ୍ରଥମ ମହିଳା ଅଭିନେତ୍ରୀ ଭାବେ ସେ ପ୍ରଥମେ ତାମିଲନାଡୁ ବିଧାନସଭାରେ ବିରୋଧୀ ଦଳ ନେତ୍ରୀ ପରେ ମୁଖ୍ୟମନ୍ତ୍ରୀ ହୋଇଥିଲେ।

ଭି. କେ. ଶଶିକଳା – ଜୟଲଲିତାଙ୍କ ପୂର୍ବତନ ବାନ୍ଧବୀ, ସହଯୋଗୀ ତଥା ପ୍ରତିଟି ବିଷୟରେ ତାଙ୍କର ମତାମତ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଏକ ରକମ୍ର କ୍ଷମତା କେନ୍ଦ୍ର ଥିଲା ପୋସ୍ ଗାର୍ଡ଼ନେ। ଯେଉଁଠି ସମସ୍ତେ ମୁଣ୍ଡ ନୁଆଁଉ ଥିଲେ। ନିଜର ଉତ୍ତରାଧିକାରୀ ନଥିବା ଜୟଲଲିତାଙ୍କ ଖୁବ୍ ବିଶ୍ୱସ୍ତ ଥିଲେ ଶଶିକଳା। ତେବେ ଶଶିକଳା ନିଜର ସ୍ୱାମୀ ଏମ୍. ନଟରାଜନ୍ ଏବଂ ଏକ ୧୩ ଜଣିଆ କୋଟେରୀ ଗ୍ରୁପ ଜୟଲଲିତାଙ୍କୁ କିପରି ସ୍ଲୋ ପୋୟଜନ୍ ଦେଇ ହତ୍ୟା କରିବେ ତାହା ଷଡଯନ୍ତ୍ର କରିଥିଲେ। ଏକ ବୈଠକ ଶେଷରେ ଅନୌପଚାରିକ ଭାବେ ସେତେବେଳର ଗୁଜୁରାଟ ମୁଖ୍ୟମନ୍ତ୍ରୀ ତଥା ଏବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଜୟଲଲିତାଙ୍କ ସହ ଚର୍ଚ୍ଚା କରୁଥିଲେ ହଠାତ ତାଙ୍କୁ ଦେଖି କହିଥିଲେ ଆପଣଙ୍କ ଶରୀର ଦିନକୁ ଦିନ ନୀଳ ପଡିବାରେ ଲାଗିଛି, ସଠିକ୍ ଭାବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ମୋଦୀଙ୍କ ପରାମର୍ଶ ଗ୍ରହଣ କରି ଜୟଲଲିତାଙ୍କୁ ଦିଆଯାଉଥିବା ଖାଦ୍ୟ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା, ଯେଉଁଥିରେ ସ୍ଲୋ ପଏଜନ୍ ଦିଆଯାଉଥିବା ରିପୋର୍ଟରେ ଆସିଥିଲା। ତାଙ୍କ ମୃତ୍ୟୁର ଏପରି ନୀଳ ନକ୍ସା ପ୍ରସ୍ତୁତ କରିବାର କାରଣ ବିଷୟରେ ତଦନ୍ତ ଆରମ୍ଭ କରିଥିଲେ ଜୟଲଲିତା। ଯାହା ସ୍ପଷ୍ଟ କରିଥିଲା ଶଶିକଳା ନିଜର ସ୍ୱାମୀ ଏମ୍. ନଟରାଜନ୍ଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଏପରି ହୀନ ଚକ୍ରାନ୍ତ କରିଥିଲେ। ଏହା ଜାଣି ଶଶିକଳା ଓ ଅନ୍ୟ ମାନଙ୍କୁ ୨୦୧୧ ମସିହାରେ ଏଆଇଏଡିଏମକେ ଦଳ ତଥା ପୋସ୍ ଗାର୍ଡେନରୁ ବହିଷ୍କାର କରିଥିଲେ ଜୟଲଲିତା। ମାତ୍ର ବନ୍ଧୁତାକୁ ଆଖି ଆଗରେ ରଖି ସେ ଶଶିକଳାଙ୍କ ବିରୋଧରେ କେସ୍ ଦୟାର କରିନଥିଲେ। ତେବେ ପରବର୍ତ୍ତୀ ସମୟରେ ଶଶିକଳା ନିଜର ଭୁଲ ସ୍ୱୀକାର କରିବା ସହ ପୋସ୍ ଗାର୍ଡେନକୁ ଫେରିଥିଲେ। ନାଟକୀୟ ଘଟଣା କ୍ରମରେ ହଠାତ ତାମିଲନାଡୁର କାର୍ଯ୍ୟରତ ମୁଖ୍ୟମନ୍ତ୍ରୀ ଜୟଲଲିତା, ୨୨ ସେପ୍ଟେମ୍ବର ୨୦୧୬ରୁ ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ୫ ଡିସେମ୍ବର ୨୦୧୬ରେ ପରଲୋକ ଗମନ କରିଥିଲେ, ଯାହାକି ଅନେକଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା ଏବଂ ଆଜିବି ରହସ୍ୟ ଘେରରେ। ଏଠି ପ୍ରଶ୍ନ ଉଠୁଛି ଏତେ ଦିନ ଧରି ଜଣେ ମୁଖ୍ୟମନ୍ତ୍ରୀଙ୍କ ଚିକିତ୍ସା କ'ଣ ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ହସ୍ପିଟାଲରେ ହେଉଥିଲା? କଣ ଅନ୍ୟ ବିଶ୍ୱସ୍ତରୀୟ ହସ୍ପିଟାଲ କିମ୍ବା ଏମ୍ସ ନଥିଲା? ଜୟଲଲିତାଙ୍କ ଚିକିତ୍ସା କ'ଣ ବିଦେଶରେ ହୋଇପାରିନଥାନ୍ତା? ପନୀର ସେଲଭମ୍ ମୁଖ୍ୟମନ୍ତ୍ରୀ ହେବା ଯାଏ ଜୟଲଲିତା ହସ୍ପିଟାଲରେ ଥିଲେ, ତାହେଲେ ରାଜ୍ୟ ପରିଚାଳନା କିଏ କରୁଥିଲେ? ଜୟଲଲିତା ୪ ଡିସେମ୍ବର ନା ୫ ଡିସେମ୍ବରରେ ମୃତ୍ୟୁ ବରଣ କରିଥିଲେ ତାହା ମଧ୍ୟ ଅସ୍ପଷ୍ଟ। କହିବାକୁ ଗଲେ ଜୟଲଲିତାଙ୍କ ଛାୟା ହୋଇ ରହୁଥିବା ଶଶିକଳା ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଏ ସବୁ ବିଷୟରେ ଚୁପ୍ କ'ଣ ପାଇଁ ରହିଲେ, ଏମିତି ଅନେକ କିଛି।

ତେବେ ସାମ୍ପ୍ରତିକ ସମୟରେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟ କରିବା ଏକ ରକମ କଷ୍ଟ ହୋଇଯାଇଥିବା ବେଳେ ଏକ ନିର୍ଦ୍ଦିଷ୍ଟ କୋଟେରୀ ଗ୍ରୁପ ହିଁ ରାଜ୍ୟକୁ ପରିଚାଳନା କରୁଛି, ଯାହାକି ବିରୋଧୀ ଦଳ ଅଭିଯୋଗ ଆଣୁଥିବା ବେଳେ ୨୦୦୦ରୁ ୨୦୦୯ ମସିହା ଯାଏ ସମ୍ପୂର୍ଣ୍ଣ ସକ୍ରିୟ ଥିବା ନବୀନ ବାବୁ ହଠାତ ନିଜର ଆଭିମୁଖ୍ୟ ପରିବର୍ତ୍ତନ କରିବା ଦେଖାଯାଇଛି। ଯିଏ ଖୁବ୍ ଜନତାଙ୍କ ସହ ସମ୍ବାଦ କରିବା ସହ ଗଣମାଧ୍ୟମକୁ ସ୍ୱାଧୀନତା ପ୍ରଦାନ କରିଥିଲେ, ଆଜି ସେଇଠି ଗଣମାଧ୍ୟମର କଣ୍ଠରୁଦ୍ଧ। ନବୀନ ନିବାସ ଏବେ ଏକ ରକମର ପୋସ୍ ଗାର୍ଡେନ। ଅନେକ ବିଷୟ ନବୀନ ବାବୁଙ୍କ ଦୃଷ୍ଟି ଆଢୁଆଳରେ ରଖାଯାଉଛି। ଗୋଟେ ଫଟୋ ଉଠାଇବା ପାଇଁ ବିଧାୟକ ସାଂସଦଙ୍କୁ ଟଣାଓଟରା କରାଯାଉଛି। ନିକଟରେ ଖଣ୍ଡପଡ଼ା ବିଧାୟକ ତଥା ବରିଷ୍ଠ ସାମ୍ବାଦିକ ସୌମ୍ୟରଞ୍ଜନ ପଟ୍ଟନାୟକ ଜାନକୀ ବାବୁ ଓ ବସନ୍ତ ବାବୁଙ୍କ ଯୋଡି: ଓଡିଶା ରାଜନୀତିର ସୁବର୍ଣ୍ଣ ଯୁଗ ମଞ୍ଚରେ କହିଥିଲେ ମନ୍ତ୍ରୀମାନଙ୍କ ଉପରେ ସଚିବ ମାନେ ଭାରି ପଡୁଛନ୍ତି। ଯୋଉଠି ଯାହାବି ହେଉଛି ସଚିବମାନେ ହିଁ କରୁଛନ୍ତି। ରବିବାରରେ ଶିକ୍ଷାନୁଷ୍ଠାନ ଖୋଲା ଯାଉଛି। ତେବେ କୌଣସି ରାଜ୍ୟ କିମ୍ବା ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ସଚିବମାନେ ଏତେ ଶକ୍ତିଶାଳୀ ତଥା ଯେଉଁଠି ଗଲେ ସମ୍ବର୍ଦ୍ଧିତ ହେଉଥିବାର ଦେଖିବାକୁ ମିଳିନଥିବା ବେଳେ ଓଡିଶାରେ କିନ୍ତୁ ବିରଳ ଘଟଣା ଘଟୁଛି।

ଏସବୁକୁ ଆଖିଆଗରେ ରଖି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ନୂଆ ଶବ୍ଦ ‘ଶଶିକଳା ସିଣ୍ଡ୍ରୋମ’ ବ୍ୟବହାର କରିଛନ୍ତି?

ଉତ୍କଳ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର
ମୋ- ୮୨୬୦୩୫୬୧୧୩

# ପତିବ୍ରତା ସହ ପତ୍ନୀବ୍ରତା

**ବୈଷ୍ଣବ ମେହେର**

ନାରୀ ଓ ପୁରୁଷ ଉଭୟ ପରସ୍ପରର ପରିପୂରକ। ଉଭୟଙ୍କ ମଧ୍ୟରୁ ଜଣକ ବିନା ପୂର୍ଣ୍ଣାଙ୍ଗ ସମାଜର ପରିକଳ୍ପନା ସଂପୂର୍ଣ୍ଣ ନିରର୍ଥକ। ସମାଜର ପ୍ରତ୍ୟେକ କାର୍ଯ୍ୟକଳାପରେ ଉଭୟଙ୍କ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ଏବଂ ଅଙ୍ଗିକାରବଦ୍ଧତା ସଦା ସ୍ୱୀକାର୍ଯ୍ୟ। ଜଣେ ନାରୀର ଉଚ୍ଚାରଣ ଓ ଆଚରଣ ମଣିଷ ସମାଜ ପାଇଁ ଯେତିକି ମହତ୍ୱପୂର୍ଣ୍ଣ ପୁରୁଷଟିଏର ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଏକଥା ଭୁଲିବାର ନୁହେଁ ଯେ, ସମାଜର ସୁଖସମୃଦ୍ଧି, ତଥା ଶ୍ରୀବୃଦ୍ଧି ପାଇଁ ଉଭୟ ନାରୀ ଓ ପୁରୁଷର ସମାନ ସାଧନା ଓ ସମର୍ପିତ ଭାବ ରହିବା ବିଧେୟ। ତେଣୁ ଭାରତୀୟ ସମାଜ ପାଇଁ ନାରୀଟିଏ ପତିବ୍ରତା ହେବା ଯେତିକି ଜରୁରୀ ସମ ପରିମାଣରେ ପୁରୁଷଟିଏ ପୁରୁଷୋତ୍ତମ ହେବାର ମଧ୍ୟ ଆବଶ୍ୟକତା ରହିଛି।

ଏବେ ସାବିତ୍ରୀ ବ୍ରତର ସମୟ। ଏହି ବ୍ରତ ଆଧୁନିକ ଆଭିଜାତ୍ୟ ଜୀବନ ଶୈଳୀରେ ମଧ୍ୟ ଅମଳିନ ଓ ରୁଚିପୂର୍ଣ୍ଣ ବାର୍ତ୍ତାର ବାହକ ସାଜିଛି। ଆମ ସଂସ୍କୃତିରେ ଜଣେ ନାରୀର ପତିବ୍ରତା ଧର୍ମ ଯେପରି ଶିକ୍ଷାଦିଏ, ପତ୍ନୀ ପ୍ରତି ସ୍ୱାମୀର ବିଶାଳ ବ୍ୟକ୍ତିତ୍ୱର ମଧ୍ୟ ପରିପ୍ରକାଶ ଘଟାଏ। ପତ୍ନୀଟିଏ ସ୍ୱାମୀ ପ୍ରତି ତ୍ୟାଗ, ସମର୍ପଣ, ସହିଷ୍ଣୁତା, ବିଶ୍ୱସନୀୟତାର ପରିପ୍ରକାଶ କରି ସାବିତ୍ରୀ ଭଳି ଆସ୍ଥାଭାଜନ ହେବା ପରି ସ୍ୱାମୀମାନଙ୍କ ମଧ୍ୟ ସତ୍ୟବାନ ଭଳି ଉତ୍ତର ଦାୟିତ୍ୱ ନିଶ୍ଚିତ ରହିବି ଉଚିତ। ଏଥିରେ ଦ୍ୱିରୁକ୍ତି ନାହିଁ ଯେ, ଉଭୟଙ୍କ ମନ ସହ ମନ, ହୃଦୟ ସହ ହୃଦୟ ଓ ପ୍ରାଣ ସହ ପ୍ରାଣ ମିଶି ପାରିଲେ ହିଁ ପରିବାର ବୈକୁଣ୍ଠ ସମାନ ହୋଇପାରିବ। ଏଥିସହ ଉଭୟଙ୍କ ଏହି ପରିମାର୍ଜିତ ସୁସଂପର୍କ ଆମର ଇପ୍ସିତ ଶୃଙ୍ଖଳିତ ସମାଜ ଗଠନରେ ମଧ୍ୟ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ଭାରତୀୟ ସଂସ୍କୃତିରେ ଅନେକାଂଶରେ ନାରୀମାନଙ୍କୁ ହିଁ ପତିବ୍ରତାର ନିର୍ଦ୍ଦିଷ୍ଟ ନିୟମ ମଧ୍ୟରେ ବାନ୍ଧି ଦିଆଯାଏ। ଏହି ନ୍ୟାୟରେ ପତ୍ନୀ ମାନେ ପତିଙ୍କ ପାଇଁ ବ୍ରତ କରନ୍ତି। ପତି ହିଁ ପତ୍ନୀର ସଂସାର, ନାରୀଟିଏ ପତି ପାଇଁ ବଂଚେ ଓ ପତି ପାଇଁ ମରେ। ଖ୍ରୀଷ୍ଟପୂର୍ବ ୩୦୦ ରୁ ୫୦୦ ମଧ୍ୟର ଜଣେ ହିନ୍ଦୁଧର୍ମର ନୀତି ପ୍ରଣେତାଙ୍କ ଭାଷାରେ ‘ସେ ହେଉଛି ଜଣେ ପତିବ୍ରତା ସତୀ, ଯାହାର ମନୋଦଶାରେ ନିଜ ପତି ପ୍ରତିଫଳିତ ହୋଇଥାନ୍ତି। ସେ ନିଜର ଅସହାୟତା, ନିଜର ସୁଖ ସ୍ୱାମୀ ସହ ବାଣ୍ଟନ୍ତି, ସ୍ୱାମୀ ଅନୁପସ୍ଥିତିରେ ତାଙ୍କ ଠାରେ ରୁଗ୍ଣତା ଓ ନିରସତା ଦେଖାଦିଏ ଏବଂ ସେ ନିଜକୁ ଶେଷ କରିଦିଅନ୍ତି ଯେବେ ନିଜ ସ୍ୱାମୀ ସ୍ୱର୍ଗଯାତ୍ରୀ ହୁଅନ୍ତି’। ଯଦିଓ ସେ ଯୁଗ ଏବେ ଇତିହାସ ଠାରୁ ମଧ୍ୟ ଆହୁରି ପୁରୁଣା ହୋଇସାରିଛି ତଥାପି ବର୍ତ୍ତମାନ ମଧ୍ୟ ଭାରତୀୟ ସମାଜରେ ପତିବ୍ରତା ନାରୀର ଅଭାବ ନାହିଁ, ଯେଉଁମାନେ ସ୍ୱାମୀଙ୍କୁ ନିଜର ଜୀବନ ଠାରୁ ଅଧିକ ପ୍ରାଧାନ୍ୟ ଦେଇ ଆସୁଛନ୍ତି। ସେହିଭଳି ନାରୀମାନେ କୌଣସି ପରିସ୍ଥିତିରେ ମଧ୍ୟ ସ୍ୱାମୀଙ୍କୁ ଜବାବ ଦିଅନ୍ତି ନାହିଁ, ନିଜ ବ୍ୟକ୍ତିଗତ ଇଚ୍ଛାକୁ ସଦା ପରିତ୍ୟାଗ କରିଥାନ୍ତି ଏବଂ ସବୁ ବେଳେ ସ୍ୱାମୀର ମଙ୍ଗଳ କାମନା କରିଥାନ୍ତି। ଏକଥା ବି ବିଶ୍ୱାସ ରହିଛି ଯେ, ଏଭଳି ମନୋଭାବ ପୋଷଣ କରିଥିବା ପତିବ୍ରତା ନାରୀ ନିଜ ସ୍ୱାମୀ ପାଇଁ ଯଦି ସମୁଦ୍ରର ଲବଣ ଯୁକ୍ତ ଜଳରେ ଭୋଜନ ପ୍ରସ୍ତୁତ କରନ୍ତି, ତେବେ ସେହି ଜଳ ମଧୁର ଜଳରେ ପରିଣତ ହୋଇ ଭୋଜନ ସୁସ୍ୱାଦୁ ହୋଇଯାଏ। ଏହି ନାରୀମାନଙ୍କ ପାଇଁ ହିଁ ଦିନେ ଭାରତ ଭୂଖଣ୍ଡ ପବିତ୍ର ଭୂମି ଭାବରେ ବିଶ୍ୱବିଦିତ ଥିଲା। ତେବେ ନାରୀ ଓ ପୁରୁଷ ଉଭୟ ପରିପୂରକ ଓ ସମାଜ ପାଇଁ ସମାନ ଉତ୍ତରଦାୟୀ ନ୍ୟାୟରେ ଏହି ସଂସ୍କୃତିରେ ନାରୀ ପାଇଁ ପତିବ୍ରତା ବିଚାର ପରି ପୁରୁଷଙ୍କ କ୍ଷେତ୍ରରେ ପୁରୁଷୋତ୍ତମ ମଧ୍ୟ ରହିଛନ୍ତି। ଏହିଭଳି ପୁରୁଷମାନେ ‘ଏକ ପତ୍ନୀ ବ୍ରତ’ ପାଳନ କରୁଥିବା ବେଳେ ଶ୍ରେଷ୍ଠ ପୁରୁଷର ମହତ୍ୱକୁ ନିର୍ବାହ କରିଥାନ୍ତି। ସେଥିପାଇଁ ତ ଯେଉଁଠି ଅହଲ୍ୟା, ସୀତା, ଦ୍ରୌପଦୀ, ମନ୍ଦୋଦରୀ, ତାରାମତି, ଅନୁସୂୟା, ସାବିତ୍ରୀଙ୍କ ଭଳି ପତିବ୍ରତା ରହିଛନ୍ତି ସେଇଠି ଶ୍ରୀରାମଚଂଦ୍ରଙ୍କ ପରି ପୁରୁଷୋତ୍ତମ ମଧ୍ୟ ବିଦ୍ୟମାନ ଅଛନ୍ତି।

ପତିବ୍ରତା ନାରୀ ଭଳି ଶ୍ରେଷ୍ଠ ପୁରୁଷମାନେ କଦାପି ପର ନାରୀ ଚିନ୍ତା କରନ୍ତି ନାହିଁ। ଏଭଳି ପୁରୁଷ ଅତ୍ୟନ୍ତ ପ୍ରେମ ଓ ସମ୍ମାନରେ ନିଜ ପତ୍ନୀର ଇଚ୍ଛାକୁ ପୂରଣ କରିବାକୁ ଧ୍ୱଜର ଧର୍ମ ବୋଲି ବିବେଚନା କରନ୍ତି। କିନ୍ତୁ ପୁରାଣ କାଳରୁ ଆଜି ଯାଏଁ ଆମ ସମାଜ ପତିବ୍ରତା ନାରୀ ନିର୍ମାଣରେ ଯେଉଁ ମାତ୍ରାରେ ପ୍ରାଧାନ୍ୟ ଦେଇ ଆସିଛି ତାର କିଂଚିତ ପ୍ରାଧାନ୍ୟ ପତ୍ନୀବ୍ରତା ପୁରୁଷ ନିର୍ମାଣରେ ନଦେବା ଆମସାମାଜିକ ବିଧାନ ଅସଙ୍ଗତ କଲା ଭଳି ହେଉଛି। ଏ ପରିପେକ୍ଷୀରେ ଆମର କହିବା ପ୍ରସଙ୍ଗ ହେଲା ପବିତ୍ରତା କେବଳ ନାରୀ କେନ୍ଦ୍ରିକ ନହୋଇ ଏହା ଉଭୟ ନାରୀ ଓ ପୁରୁଷଙ୍କ ପାଇଁ ସମାନ ଭାବରେ ପରିଚର୍ଯ୍ୟ ଓ ପାଳନୀୟ ହେଉ। ଫଳରେ ସାଂପ୍ରତିକ ସମାଜ ପାଇଁ ଏହା ଅଧିକ ମଙ୍ଗଳକାରୀ ହେବା ସହ ଉଭୟ ନାରୀପୁରୁଷ ସମାନତାର ସ୍ୱର ଅଧିକ ମାର୍ଜିତ ଓ ନିରପେକ୍ଷ ଅନୁଭୂତ ହେବ।

ସିନାପାଲି, ନୂଆପଡ଼ା
ମୋ-୯୭୭୭୭୫୩୯୩୫

## ଗଜପତିରେ ଥମୁନାହିଁ ଦାଦନଙ୍କ ଦୁଃଖ

# ମୃତ ଦେହ ଆଣିବା ପାଇଁ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ପରିବାର ଲୋକ





ପାରଳାଖେମୁଣ୍ଡି, (ପିପିଏସ୍): ଗୋଟିଏ ପଟେ ଗଜପତି ଜିଲ୍ଲା ବାସୀ ତଥା ବିଶେଷ କରି ଯୁବଗୋଷ୍ଠୀ କାମଧନ୍ଦା ନ ପାଇ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ବେଳେ ସେଠାରେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେହି ମୃତ୍ୟୁମୁଖରେ ପଡନ୍ତି ତ କେହି ଦୁର୍ଘଟଣାର ଶିକାର ହୋଇ ଥାନ୍ତି । ଆଉ କେହି କେହି ଦଲାଲ ତଥା ମାଲିକମାନଙ୍କ ଅକଥନୀୟ ନିର୍ଯ୍ୟାତନାର ଶିକାର ହେଉଥିବା ବହୁ ଦୃଷ୍ଟାନ୍ତ ରହିଛି । ଅନ୍ୟପକ୍ଷରେ ଯଦି ଅକାଳରେ ମୃତ୍ୟୁବରଣ କରନ୍ତି ତେବେ ଶବ ଆଣିବାକୁ ବହୁ କଷ୍ଟସ୍ୱୀକାର କରୁଛନ୍ତି । ଏପରି ଏକ ଘଟଣା ଗଜପତି ଜିଲ୍ଲା ଗାରବନ୍ଧ ଥାନା ଅନ୍ତର୍ଗତ ରାୟଗଡ ବ୍ଲକର ଗଣ୍ଡାହାତୀ ଗ୍ରାମ ଅନ୍ତର୍ଗତ ଆଶିର୍ବାଦ ନଗରର ରାଜ କୁମାର ଲିମା ଙ୍କ ପୁଅ ରାହୁଲ ଲିମା ଗତ ଦୁଇ ବର୍ଷ ହେଲା ତାମିଲନାଡୁ ରାଜ୍ୟର ତିରିପୁରୁ ଜିଲ୍ଲାରେ ଦାଦନ ଖଟିବାକୁ ଯାଇଥିଲେ । ସେଠାରେ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ବୁଧବାର ଦିନ ରାତ୍ର ଦୁଇ ଘଣ୍ଟା ସମୟରେ ମୃତ୍ୟୁବରଣ କରିଥିଲେ। ତିରିପୁରୁ ସ୍ଥିତ ଏସସିଏମ୍ ଗାର୍ମେଣ୍ଟ ପ୍ରାଇଭେଟ ଲିମିଟେଡ ରେ କାର୍ଯ୍ୟ କରୁଥିବା ବେଳେ ହଠାତ ତାର ଦେହ ଅସୁସ୍ଥ ହୋଇଥିଲା ଏବଂ ତାର ମୃତ୍ୟୁ ବରଣ କରିଥିବା ଖବର ପାଇଛି। ତାର ମୃତ ଶରୀରକୁ ନିଜ ଗ୍ରାମକୁ ଆଣିବା ପାଇଁ ଆର୍ଥିକ ସାମର୍ଥ୍ୟ ନଥିବାରୁ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନଙ୍କ ସହାୟତା ମୃତ ଶରୀର କୁ ଆଣିବା ପାଇଁ ମୃତ ବ୍ୟକ୍ତିଙ୍କ ପିତା ଓ ଗ୍ରାମବାସୀମାନେ ନିବେଦନ କରିଛନ୍ତି।

## ମନରେଗା କାମ କରୁଛି ମେସିନ ଓ ଟ୍ରାକ୍ଟର

# ବାହାର ରାଜ୍ୟକୁ ଦାଦନ ଖଟି ଯାଉଛନ୍ତି ଶ୍ରମିକ



ବୌଦ୍ଧ (ହି.ସ): ବୌଦ୍ଧ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ମନରେଗା ଯୋଜନାର ଦୁର୍ନୀତି ଚରମ ସୀମାରେ ପହଞ୍ଚିଥିବା ଦେଖିବାକୁ ମିଳିଛି। ଶ୍ରମିକ ବଦଳରେ ଠିକାଦାରଙ୍କ ଜରିଆରେ ମେସିନ୍ ଓ ଟ୍ରାକ୍ଟର ଲଗାଇ ଦିନରାତି କାମ ଚାଲିଛି । ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ବିଡିଓ, ଏପିଓ, କନିଷ୍ଠ ଯନ୍ତ୍ରୀ ଓ ଜି ଆର ଏସ ମାନେ ଆଖି ବୁଜି ଦେଉଛନ୍ତି। ସମସ୍ତଙ୍କ ଭିତୁରିଆ ସହଯୋଗରେ କେନ୍ଦ୍ର ସରକାରଙ୍କ ମହାତ୍ମାଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଧଜିୟା ଉଡ଼ା ଚାଲିଛି । ଯେଉଁଠି ମେସିନ୍ ଯୋଗେ କାମ ହେଉଥିବା ଅଭିଯୋଗ ଆସିବ ତାହାର ବିଲ୍ ବନ୍ଦ କରାଯିବ ବୋଲି ଜିଲ୍ଲାପାଳ କହୁଥିବା ବେଳେ ସତେ ଯେମିତି ଜିଲ୍ଲାପାଳଙ୍କ କଥାକୁ ଫୁ'କରି ଧୁମଧାମରେ ମେସିନ୍ ଓ ଟ୍ରାକ୍ଟର ବ୍ୟବହାର କରାଯାଉଛି। ବୌଦ୍ଧ ବ୍ଲକ୍ ଅଁଳାପାଲି ଗ୍ରାମ ପଞ୍ଚାୟତର ସାହୁପଡ଼ା ଗ୍ରାମରେ ଥିବା ବନ୍ଧଲୀ ପୋଖରୀରେ ବିନା ସୂଚନା ଫଳକରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ସକାଳ ପହରରୁ ଜେସିବି ଓ ଟ୍ରାକ୍ଟର ଲଗାଇ ଚାଲିଥିଲା ମାଟି କାମ। ଏ ସମ୍ପର୍କରେ ସ୍ଥାନୀୟ ଜି ଆର ଏସ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ ସେମାନେ ସେ ସମ୍ପର୍କରେ କୌଣସି କଥା ଜାଣି ନଥିବା କହି ନିରବ ରହିଥିଲେ। ସ୍ଥାନୀୟ ଅଞ୍ଚଳର ଲୋକେ କାମ ଅଭାବରୁ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଥିବା ବେଳେ ଶ୍ରମିକ ବଦଳରେ ମେସିନରେ କାମ କରି ମାଲାମାଲ୍ ହେଉଛନ୍ତି ଠିକାଦାର, ଜେସିବି ଓ ଟ୍ରାକ୍ଟର ମାଲିକ ଏବଂ ବ୍ଲକର ଦାୟିତ୍ୱରେ ଥିବା ଅଧିକାରୀମାନେ। ଏ ସମ୍ପର୍କରେ ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣ ଦାବି କରିଛନ୍ତି ।

# ଭତା ପାଇବାରୁ ବଞ୍ଚିତ ବଣ୍ଡା ଜନଜାତି



ମାଲକାନଗିର, (ହି.ସ.): ଭତାରୁ ବଂଚିତ ବଣ୍ଡା ଜନଜାତି। ପଂଚାୟତ କାର୍ଯ୍ୟାଳୟରୁ ବ୍ୟାଙ୍କକୁ ବାରମ୍ବାର ଦୌଡୁଛନ୍ତି କିନ୍ତୁ ମିଳୁନି ଭତା ଟଙ୍କା। ବାରମ୍ବାର ବ୍ଲକ ପ୍ରଶାସନକୁ ଗୁହାରି କରି ଆସୁଛନ୍ତି। କିନ୍ତୁ କୌଣସି ସୁଫଳ ମିଳିନାହିଁ। ଭତା ଟଙ୍କାରେ ବଂଚୁଥିବା ନିରୀହ ବଣ୍ଡା ଜନଜାତି ଏବେ ନିରାଶ। ସମୁଦ୍ର ପତନ ଠାରୁ ପାଂଚହଜାର ଫୁଟ ଉପରେ ରହିଛି ବଣ୍ଡା ଘାଟି। କେଉଁ ଆଦିମ କାଳରୁ ବସବାସ କରି ଆସୁଛନ୍ତି ବଣ୍ଡା ଜନଜାତି। ସରକାର ଏମାନଙ୍କ ଉନ୍ନତି ପାଇଁ ଅନେକ ଯୋଜନା କରିଛନ୍ତି ଏବଂ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ କେତେକ ଅସାଧୁ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ନିରୀହ ବଣ୍ଡା ଜନଜାତି କଷ୍ଟ ଭୋଗୁଛନ୍ତି। ଏଭ ଲି ଦୃଶ୍ୟ ଦେଖିବାକୁ ମିଳିଛି ଉପାନ୍ତ ମାଲକାନଗିରି ଜିଲ୍ଲା



ଖଇରପୁଟ ବ୍ଲକ ଅଣ୍ଡର। ହଲ ପଂଚାୟତରେ। ଅଣ୍ଡରାହାଲ ପଂଚାୟତରେ ଅଧିକାଂଶ ବୃଦ୍ଧ ବୃଦ୍ଧା ଭତା ପାଇବାରୁ ବଂଚିତ ରହିଛନ୍ତି। ମାସ ପୁରିଲେ ଭତା ମିଳିବ। ଭତା ପଇସା ମିଳିଲେ ତେଲ ଲୁଣ କରିବୁ ବୋଲି ଆଶା ବାନ୍ଧି ରହିଥାନ୍ତି। କିନ୍ତୁ ମାସ ମାସ ବିତିଯାଇଥିଲେ ମଧ୍ୟ ଭତା ପାଇପାରୁ ନାହାନ୍ତି। ବାର୍ଦ୍ଧକ୍ୟ ଭତାରେ ବଂଚୁଥିବା ଆଦିମ ଗରିବ ବଣ୍ଡା ଜନଜାତି ଠିକ୍ ସମୟରେ ମିଳୁନଥିବାରୁ ନାହିଁ ନଥିବା ହଇରାଣ ହେଉଛନ୍ତି। ହିତାଧିକାରୀ ବା ର୍ଦ୍ଧକ ଭତା ପାଇଁ ପଂଚାୟତ କାର୍ଯ୍ୟାଳୟକୁ ଗଲେ ସେମାନଙ୍କୁ ବ୍ୟାଙ୍କ ପଠାଇ ଦିଅନ୍ତି । ଫାସବୁକ୍ ଧରି ଖରା ହେଉ ବା ବର୍ଷା କିଏ ତ କମାଣ୍ଡର ବା ଟ୍ରାକ୍ଟରରେ ଶହେ ଟଙ୍କା ଭଡା ଦେଇ ଯିବାକୁ ପଡୁଛି , ତ କିଏ କିଏ ଦୀର୍ଘ ୨୪ କିଲୋମିଟର ଚାଲି ଚାଲି ଖଇରପୁଟ ବ୍ୟାଙ୍କୁ ଯିବାକୁ ପଡୁଛି । ଦିନ ତମାମ ବ୍ୟାଙ୍କରେ ଲାଇନ ଲାଗି ଫାସବୁକ୍ ଚେକ୍ କରିବାକୁ କରିଥାନ୍ତି। ବାରମ୍ବାର ଚେକ୍ କରିଥିଲେ ମଧ୍ୟ ଭତା ଟଙ୍କା ଆସିନଥିବା କହି ବ୍ୟାଙ୍କ କର୍ମଚାରୀ ଫେରେଇ ଦିଅନ୍ତି । ପ୍ରତି ମାସ ଆସି ଫାସବୁକ୍ ଚେକ୍ କରି ନିରାଶ ହୋଇ ଘରକୁ ଫେରନ୍ତି। ଆଜିକୁ ପାଂଚମାସ ବିତି ଯାଇଥିଲେ ମଧ,ନା ଟଙ୍କା ଆକାଉଂଟକୁ ଆସୁଛି ନା ପଂଚାୟତ କାର୍ଯ୍ୟାଳୟରୁ ଟଙ୍କା ଦିଆଯାଉଛି । ନିରୀହ ବଣ୍ଡା ଜନଜାତିଙ୍କ ସହ ଖେଳ ଖେଳୁଛନ୍ତି ପ୍ରଶାସନ । ମାସ ମାସ ଧରି ଭତ ନ ପାଇ ନିରାଶ ହେଲେଣି ହିତାଧିକାରୀ । ବାରମ୍ବାର ବ୍ଲକ ପ୍ରଶାସନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ଆସୁଥିଲେ ମଧ କୌଣସି ସୁଫଳ ମିଳୁନାହିଁ। କିଛି ଦିନ ୫-ଟି ସଚିବ ଭି.କେ ପାଣ୍ଡିଆନ ବଣ୍ଡାଘାଟି ଗସ୍ତରେ ଆସିଥିବା ସମୟରେ ଲୋକେ ତାଙ୍କୁ ଭେଟି ଭତା ଟଙ୍କା ପାଉ ନଥିବା ଜଣାଇଥିଲେ। ସେଠାରେ ଉପସ୍ଥିତ ଖଇରପୁଟ ବିଡ଼ିଓ ହୃଦାରଞ୍ଜନ ସାହୁ କ'ଣ ସମସ୍ୟା ହୋଇଛି ମୁ ବୁଝୀ ବି ବୋଲି କହିଥିଲେ। ମାତ୍ର ଏ ଯାଏଁ ବିଡ଼ିଓ କିମ୍ବା ପିଇଓ ଏ ବିଷୟରେ କିଛି ବି ବୁଝି ନଥିବା ହିତାଧିକାରୀ କହିଛନ୍ତି। ଭତା ପ୍ରଦାନ କରିବା ପାଇଁ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ ବ୍ୟବସ୍ଥା କରିବାକୁ ଅଣ୍ଡର ହଲ୍‌ର ବଣ୍ଡା ଜନଜାତି ଅନୁରୋଧ କଲେ ମଧ ପ୍ରଶାସନ କର୍ଣ୍ଣପାତ କରୁନାହାନ୍ତି।୧୫ରୁ ଉର୍ଦ୍ଧ୍ୱ ବୟସ୍କ ହିତାଧିକାରୀ ବାର୍ଦ୍ଧକ ଭତାରୁ ବଂଚିତ ରହୁଛନ୍ତି। ୫୦୦ ଟଙ୍କା ଭତା ପାଇଁ ମାସକୁ ଦୁଇରୁ ତିନି ଥର ବ୍ୟାଙ୍କ କୁ ଯାତାୟତ କରୁଛନ୍ତି ଏବଂ ନାହିନଥିବ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତର ସହ ନେଇ ପଂଚାୟତ କାର୍ଯ୍ୟାଳୟରେ ଭତା ଦେବାର ବ୍ୟବସ୍ଥା କଲେ ନିରୀହ ବଣ୍ଡା ଆଦିବାସୀ ଭତାରୁ ବଂଚିତ ରହିବେ ନାହିଁ । ତେବେ ଜିଲ୍ଲା ପ୍ରଶାସନ ନିରୀହ ବଣ୍ଡା ଜନଜାତିଙ୍କ ଦୁଃଖ କେବେ ବୁଝୁଛି ଅପେକ୍ଷାରେ ବଣ୍ଡା ଜନଜାତି।





# ତିନି ଗାଁର ଲୋକେ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ପାଇପ୍ ପାଣି ପାଇବାରୁ ବଞ୍ଚିତ



ଖୋର୍ଦ୍ଧା, (ହି.ସ.): ଗ୍ରାମାଚଂଳରେ ଲୋକେ କିପରି ବିଶୁଦ୍ଧ ପାନୀୟଜଳ ପାଇପାରିବେ। ସେନେଇ ସରକାର ବିଭିନ୍ନ ଯୋଜନା କରିଛନ୍ତି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପ୍ରତ୍ୟେକ ବ୍ଲକରେ କାର୍ଯ୍ୟ କରି ନଳକୂପ ଖନନ ଏବଂ ବିଶୁଦ୍ଧ ପାନୀୟ ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ ଗ୍ରାମାଚଂଳର ଜନସାଧାରଣଙ୍କୁ ଏହି ସୁବିଧା ଯୋଗାଇ ଦେଇଥାନ୍ତି। ତେବେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବାଙ୍କୋଇଦେଶ ପଂଚାୟତ ଅଂଚଳରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଉକ୍ତ ପଂଚାୟତର କନ୍ତାଇଲୋ, ଦୁର୍ଗାପୁର ଏବଂ ହରେକୃଷ୍ଣପୁର ଗ୍ରାମବାସୀ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ହେବ ପାଇପ୍ ପାଣି ପାଇବାରୁ ବଂଚିତ ହୋଇଛନ୍ତି। ଫଳରେ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଉକ୍ତ ଗ୍ରାମଗୁଡ଼ିକୁ ପାଇପ୍ ଯୋଗେ ପୁନଃ ପାନୀୟଜଳ ଯୋଗାଣ କରାଯିବାକୁ ଗ୍ରାମବାସୀ ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ସେହିପରି ବଡ଼କୁମାରୀ ପଂଚାୟତର ମାଣିକପୁର ଠାରେ ୨୦୦୮ରେ ଏହି ପ୍ରକଳ୍ପ ନିର୍ମାଣ ହୋଇଥିଲା। ଉକ୍ତ ପ୍ରକଳ୍ପରୁ ଉପରୋକ୍ତ ତିନି ଗାଁ ସମେତ ମାଣିକପୁରକୁ ପାନୀୟଜଳ ଯୋଗାଣ ହୋଇଥିଲା। କାର୍ଯ୍ୟକାରୀ ହେବାର ୬ ମାସ ପରେ କୌଣସି ଠାରେ ପାଇପ୍ ଫାଟିଯିବାରୁ ଉକ୍ତ ୩ ଗ୍ରାମକୁ ଜଳଯୋଗାଣ ବ୍ୟାହତ ହୋଇଥିଲା। ତେବେ ଏହି ପ୍ରକଳ୍ପରୁ ମାଣିକପୁର ଗ୍ରାମକୁ ଜଳଯୋଗାଣ ହେଉଥିଲେ ମଧ୍ୟ କନ୍ତାଇଲୋ, ଦୁର୍ଗାପୁର ଓ ହରେକୃଷ୍ଣପୁର ଗ୍ରାମକୁ ଅଦ୍ୟାବଧି ଜଳଯୋଗାଣ ବ୍ୟାହତ ହୋଇ ରହିଛି। ଫଳରେ ଉକ୍ତ ୩ ଗ୍ରାମର ଲୋକେ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ କନ୍ତାଇଲୋ ଗ୍ରାମର ମଠ ସାହିରେ ଥିବା ଏକ ନଳକୂପ ଲୋକଙ୍କ ଚାହିଦା ମେଂଟାଇ ପାରୁନାହିଁ। ବିଶେଷ କରି ଖରାଦିନେ ଏହି ସାହିର ଲୋକେ ଅନ୍ୟ ସାହିର ନଳକୂପ ଉପରେ ନିର୍ଭର କରୁଛନ୍ତି। କେତେ ଜଣ ଖୋଲାକୂଅରୁ ପାନୀୟଜଳ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ଏହି ସାହିର ଦୋଳମଣ୍ଡପ ଠାରେ ରହିଛି ଗୋଟିଏ ନଳକୂପ। ତେବେ ଏହି ନଳକୂପରୁ ପାଣି ଠିକ୍ ଭାବେ ବାହାରୁ ନାହିଁ। ଯାହା ବି ପାଣି ବାହାରୁଛି ତାହା ଲୌହଗୁଣ୍ଡଯୁକ୍ତ ହୋଇଥିବାରୁ ଲୋକେ ପାଣି ପିଇବା ପାଇଁ ହଇରାଣ ହେଉଛନ୍ତି। ସେହିପରି ସାହିର ଦକ୍ଷିଣ ପାର୍ଶ୍ୱରେ ଥିବା କନ୍ତାଇଲୋ ଗ୍ରାମ ସାନ ମଠ ଠାରେ ଥିବା ନଳକୂପଟି ପ୍ରାୟ ୩୦ ବର୍ଷ ତଳର ହୋଇଥିବା ବେଳେ ଏଠାରେ ବାହାରୁଥିବା ଜଳ ପାନୀୟ ଉପଯୋଗୀ ନୁହେଁ। ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ପୁନଃ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ତୁରନ୍ତ ପାଇପ୍ ଯୋଗେ ପାନୀୟଜଳ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଅନ୍ୟପକ୍ଷରେ ଏନେଇ ବୋଲଗଡ଼ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ସୁନିଲ ପାଢ଼ୀ କହିଛନ୍ତି, ସମ୍ପୃକ୍ତ ଅଂଚଳରେ ଭୂତଳ ଜଳସ୍ତର ପର୍ଯ୍ୟାପ୍ତ ନ ଥିବାରୁ ଏପରି ସ୍ଥିତି ହୋଇଛି। ନଳକୂପ ଜଳର ନମୁନା ପରୀକ୍ଷଣ ପାଇଁ ପଠାଯାଇଛି। ଖୁବ୍‌ଶୀଘ୍ର ମହାନଦୀରୁ ମେଗା ପାନୀୟଜଳ ପ୍ରକଳ୍ପ ମାଧ୍ୟମରେ ଜଳଯୋଗାଣ କରାଯିବ, ଫଳରେ ଅଂଚଳର ପାନୀୟଜଳ ସମସ୍ୟା ଦୂରୀଭୂତ ହୋଇପାରିବ ବୋଲି ସେ କହିଛନ୍ତି।




## ମନ୍ଥର ଗତିରେ ଚାଲିଛି ଆଦର୍ଶ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ

# ଉପଯୁକ୍ତ ଶ୍ରେଣୀଗୃହ, ପାଠ୍ୟ ଉପକରଣ ଏବଂ ଅନ୍ୟାନ୍ୟ ସୁବିଧା ପାଇଁ ସମସ୍ୟା ଭୋଗୁଛନ୍ତି ଛାତ୍ରଛାତ୍ରୀ

ସାଲେପୁର, (ହି.ସ.): ଗ୍ରାମାଚଂଳର ଗରୀବ ମେଧାବୀ ଛାତ୍ର ଛାତ୍ରୀମାନଙ୍କୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପାଠ ପଢାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନାରେ ୨୦୧୬ ମସିହାରେ ପ୍ରତ୍ୟେକ ବ୍ଲକରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ ପାଇଁ ଯୋଜନା କରାଗଲା । ପର୍ଯ୍ୟାୟକ୍ରମେ ରାଜ୍ୟର ବିଭିନ୍ନ ବ୍ଲକରେ ଆଦର୍ଶ ବିଦ୍ୟାଳୟ ଗୃହ ଓ ଛାତ୍ରାବାସ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବା ସହିତ ନୂତନ ଭାବେ ନାମଲେଖା କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଥିଲା । ଏହି ଅବସରରେ ସାଲେପୁର ଓ ନିଶ୍ଚିନ୍ତକୋଇଲି ବ୍ଲକରେ ୨୦୨୦ ମସିହାରେ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ଦ୍ୱାରା ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ କରାଯିବା ପାଇଁ ଶୁଭ ଶିଳାନ୍ୟାସ କରାଯାଇଥିଲା । ଏହି ବିଦ୍ୟାଳୟକୁ ଦୁଇ ବର୍ଷ ମଧ୍ୟରେ ସଂପୂର୍ଣ୍ଣ ନିର୍ମାଣ କାର୍ଯ୍ୟ କରାଯିବା ପରେ ବିଦ୍ୟାଳୟ ଖୋଲିବାକୁ ଲକ୍ଷ୍ୟ ରଖାଯାଇଥିଲା । ହେଲେ ନିର୍ମାଣ କାର୍ଯ୍ୟର ଏକ ବର୍ଷ ପରେ ଠିକାଦାର ଜଣକ ଅତ୍ୟନ୍ତ ମନ୍ଥର ଗତିରେ କାର୍ଯ୍ୟ କରୁଥିବାରୁ ଏହାର ପିଲର କାର୍ଯ୍ୟ ମଧ୍ୟ ଶେଷ ହୋଇନଥିଲା । ଯାହାଦ୍ୱାରା ବାଧ୍ୟ ହୋଇ ଏହି ବିଦ୍ୟାଳୟକୁ ଅସୁରେଶ୍ୱର ହାଇସ୍କୁଲ ପରିସରରେ ଖୋଲାଯିବା ପାଇଁ ସ୍ଥିର କରାଗଲା । ବିଗତ ଦୁଇ ବର୍ଷ ହେବ ବିଦ୍ୟାଳୟରେ ଛାତ୍ର ଛାତ୍ରୀମାନେ ନାମ ଲେଖାଇ ସେଠାରେ ଅତ୍ୟନ୍ତ ଦୟନୀୟ ଭାବେ ଶିକ୍ଷାଗ୍ରହଣ କରୁଛନ୍ତି । ଛାତ୍ରାବାସ ନଥିବାରୁ ମାସିକ ହଜାର ହଜାର ଟଙ୍କା ଗାଡି ଭଡା ବାବଦକୁ ଖର୍ଚ୍ଚ କରି ବିଦ୍ୟାଳୟକୁ ଯାଉଥିଲା ବେଳେ ସେଠାରେ ଉପଯୁକ୍ତ ଶ୍ରେଣୀଗୃହ, ପାଠ୍ୟ ଉପକରଣ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ଉପଲବ୍ଧ ନଥିବାରୁ ଛାତ୍ର ଛାତ୍ରୀମାନେ ନାହିଁ ନଥିବା ସମସ୍ୟା ଭୋଗ କରୁଛନ୍ତି।

ଅପରପକ୍ଷରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଦିନକୁ ଦିନ ଅଧିକ ମନ୍ଥର ହେବାରେ ଲାଗିଛି । ଦୁଇ ବର୍ଷ ମଧ୍ୟରେ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଶେଷ ହେବା ପାଇଁ ସମୟଧାର୍ଯ୍ୟ ହୋଇଥିଲା ବେଳେ ତିନିବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଏହାର ପ୍ରଥମ ମହଲା ଛାତ କାର୍ଯ୍ୟ ଶେଷ ହୋଇ ପାରିନାହିଁ । କ'ଣ ପାଇଁ କାର୍ଯ୍ୟ ଅଗ୍ରଗତି କରୁନାହିଁ ସେ ନେଇ ଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନଥିଲା ବେଳେ ନିର୍ମାଣ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ କିମ୍ବା ପୂର୍ତ୍ତ ବିଭାଗ ଏଥିପ୍ରତି ମଧ୍ୟ ଗୁରୁତ୍ୱ ଦେଉନାହାଁନ୍ତି । ଏହାଛଡା ଏହି ବିଦ୍ୟାଳୟର ନିର୍ମାଣ କାର୍ଯ୍ୟକୁ ସଂପୃକ୍ତ ବିଭାଗୀୟ ଯନ୍ତ୍ରୀମାନେ ସଠିକ୍ ଭାବେ ତଦାରଖ କରୁନଥିବାରୁ ଏହା ମଧ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଉଥିବା ଅଭିଯୋଗ ହେଉଛି । ସାଲେପୁର ବ୍ଲକରେ ଗତ ୬ ମାସ ହେବ ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା ବେଳେ ବର୍ତ୍ତମାନ ଏହା ଶେଷ ପର୍ଯ୍ୟାୟରେ ପହଂଚିଥିବା ଦେଖିବାକୁ ମିଳିଛି । ଏହାଛଡା ଚଳିତ ଜାନୁଆରୀ ମାସରେ ଉକ୍ତ ବିଦ୍ୟାଳୟ ପାର୍ଶ୍ୱରେ ବାଳିକା ଛାତ୍ରାବାସ ଗୃହ ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଥିଲା ବେଳେ ଏହା ମଧ୍ୟ ଦ୍ରୁତ ଗତିରେ କରାଯାଉଛି । କ'ଣ ପାଇଁ ଆଦର୍ଶ ବିଦ୍ୟାଳୟ ନିର୍ମାଣ କରୁଥିବା ଠିକାଦାର ଜଣକ କାର୍ଯ୍ୟ କରିବାରେ ବିଳମ୍ବ କରୁଛନ୍ତି କିମ୍ବା ଏହା ଭିତରେ କିଛି ରହସ୍ୟ ରହିଛି ସେ ନେଇ ଅଭିଭାବକ ମହଲରେ ପ୍ରଶ୍ନ ଉଠିଛି । ତୁରନ୍ତ ଏହି ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଶେଷ କରି ଏଠାରେ ଛାତ୍ର ଛାତ୍ରୀମାନଙ୍କୁ ପଢାଇବାର ବନ୍ଦୋବସ୍ତ କରିବା ନିମନ୍ତେ ଅଭିଭାବକ ମାନେ ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି ।



# ଥାନା ସମ୍ମୁଖରେ ଯୁବକଙ୍କୁ ଖଣ୍ଡା ଚୋଟ

**ଭୁବନେଶ୍ୱର (ପିପିଏସ୍) :** ଗତକାଲି ଖଣ୍ଡଗିରି ଛକରେ ଜଣେ ଯୁବକଙ୍କୁ ଖଣ୍ଡାରେ ହାଣି ଲହୁଲୁହାଣ କରିଛନ୍ତି ଦୁର୍ବୃତ୍ତ । ଯୁବକ ଜଣଙ୍କ ରକ୍ତ ଜୁଡୁବୁଡୁ ହୋଇଥିଲେ । ଆଶ୍ଚର୍ଯ୍ୟର କଥା ହେଉଛି ଖଣ୍ଡଗିରି ଥାନା ଆଗରେ ଘଟିଛି ଏଭଳି ଘଟଣା । ଦୁର୍ବୃତ୍ତଙ୍କ ଖଣ୍ଡା ଚୋଟରେ ଆହତ ହୋଇଛନ୍ତି ବରମୁଣ୍ଡା ଗାଁର ନବଘନ ପାଟ୍ଟଶାଣୀ ଓରଫ୍ ବଙ୍କା । ତାଙ୍କ ବାମ ହାତରେ ଗଭୀର ଆଘାତ ଲାଗିଥିବା ବେଳେ ସେ କୋଳଥିଆ ଅଞ୍ଚଳରେ ଥିବା ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ମିଳିଥିବା ସୂଚନା ଅନୁସାରେ, ଗୁରୁବାର ସକାଳେ ନବଘନ ଖଣ୍ଡଗିରି ଥାନା ନିକଟରେ ଥିବା ଏକ ଦୋକାନରେ ଚା' ପିଉଥିଲେ । ସେହି ସମୟରେ ୩ ଜଣ ଦୁର୍ବୃତ୍ତ ଦୁଇଟି ବାଇକରେ ଆସିଥିଲେ । ଦୁଇଟି ଯାକ ଗାଡ଼ିକୁ ଖଣ୍ଡଗିରି ଥାନା ପାଚେରୀ କଡ଼ରେ ରଖିଥିଲେ । ଖଣ୍ଡାକୁ କାଗଜରେ ଗୁଡାଇ ରାସ୍ତା ଆରପାର୍ଶ୍ୱରେ ଚା' ପିଉଥିବା ନବଘନଙ୍କ ପାଖକୁ ଯାଇଥିଲେ । ନବଘନ କିଛି ବୁଝିବା ପୂର୍ବରୁ ଦୁର୍ବୃତ୍ତ ମାନେ ତାଙ୍କୁ ହଠାତ୍ ଖଣ୍ଡାରେ ଆକ୍ରମଣ କରିଥିଲେ । ନବଘନ ଜୀବନ ବଞ୍ଚାଇବାକୁ ଦୌଡ ଥିବାବେଳେ ଦୁର୍ବୃତ୍ତ ମାନେ ତାଙ୍କୁ ଗୋଡାଇ ଗୋଡାଇ ହାଣିଥିଲେ । ସମସ୍ତଙ୍କ ସାମ୍ନାରେ ଏପରି ଆତଙ୍କରାଜ ଚାଲିଥିବାବେଳେ ଭୟରେ କେହି ଛଡାଇବାକୁ ଆସିନଥିଲେ । ଏଭଳି କାଣ୍ଡ ଘଟାଇବା ପରେ ଦୁର୍ବୃତ୍ତ ମାନେ ସେଠାରୁ ଫେରାର ହୋଇଯାଇଥିଲେ । ସ୍ଥାନୀୟ ଲୋକେ ନବଘନଙ୍କୁ ଉଦ୍ଧାର କରି କୋଳଥିଆ ସ୍ଥିତ ଘରୋଇ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ । ଥାନା ସାମ୍ନା ଚା' ଦୋକାନରେ ଗୋଡାଇ ଗୋଡାଇ ହାଣିବା କମିଶନରେଟ ପୁଲିସର ପାରିବା ପଣିଆକୁ ପଦାରେ ପକାଇଛି । ତେବେ ନବଘନଙ୍କ ପକ୍ଷରୁ କୌଣସି ଏତଲା ଦିଆଯାଇନଥିବା ପୁଲିସ ସୂତ୍ରରୁ ଜଣାପଡିଛି । ନବଘନ କେବିଏନ ଗ୍ୟାଙ୍ଗ ସହିତ ସଂପୃକ୍ତି ଥିବାବେଳେ ତାଙ୍କ ନାମରେ ନୟାପଲ୍ଲୀ ଥାନାରେ ଅପରାଧୀକ ମାମଲା ରହିଥିବା ପୁଲିସ ଜାଣିବାକୁ ପାଇଛି । ନବଘନ ଜମିବାଡ଼ି କାରବାର କରୁଥିବାରୁ ପୋଜେସନକୁ ନେଇ କେହି ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି । ସେପଟେ ୩/୪ ଦିନ ପୂର୍ବେ ଖଣ୍ଡଗିରି ଚାରିଛକ ନିକଟରେ ନବଘନ ଓ ପୁରୀର ଆଉ ଏକ ଗୋଷ୍ଠୀ ହାତାହାତି ହୋଇଥିଲେ । ସେହି ପୂର୍ବ ବିବାଦକୁ ନେଇ ତାଙ୍କୁ ଆକ୍ରମଣ କରାଯାଇଥିବା ପୁଲିସ ଅନୁମାନ କରୁଛି ।

# ୨୪ରେ ଗଠନ ହେବ ବିଏମ୍‌ସିର ନୂଆ ଷ୍ଟାଣ୍ଡିଂ କମିଟି

**ଭୁବନେଶ୍ୱର (ପିପିଏସ୍) :** ଆସନ୍ତା ୨୪ ତାରିଖରେ ଗଠନ ହେବ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ନୂଆ ଷ୍ଟାଣ୍ଡିଂ କମିଟି । ବିଏମ୍‌ସିରେ ଥିବା ସ୍ଥାୟୀ (ଷ୍ଟାଣ୍ଡିଂ) କମିଟିଗୁଡ଼ିକୁ ବର୍ଷେ ପୂରିଥିବାବେଳେ ନିୟମ ଅନୁସାରେ ବର୍ଷେ ପରେ ନୂଆ କମିଟି ଗଠନ ହେବାକୁ ଯାଉଛି । ଏଥିପାଇଁ ଆସନ୍ତା ୨୪ ତାରିଖ ଧାର୍ଯ୍ୟ କରାଯାଇଛି । ୨୪ ତାରିଖ ଦିନ ମେୟରଙ୍କ ଅଧ୍ୟକ୍ଷତାରେ ଏହି ନିର୍ବାଚନ ପ୍ରକ୍ରିୟା ହେବ । ସଦସ୍ୟଙ୍କ ସମେତ ଅଧ୍ୟକ୍ଷ ନିର୍ବାଚିତ ହେବେ । ଏ ନେଇ ସମସ୍ତ କର୍ପୋରେଟରଙ୍କୁ ଅବଗତ କରାଯାଇଛି । ୧୦ଟି ଷ୍ଟାଣ୍ଡିଂ କମିଟି ୧୦ ଅଧ୍ୟକ୍ଷଙ୍କ ସମେତ ୬୬ ସଦସ୍ୟ ନିର୍ବାଚିତ ହେବେ । ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ମନୋନୟନକୁ ନେଇ ବିଏମ୍‌ସି ରାଜନୀତି ସରଗରମ ହୋଇଛି । ବିଜେଡିର ଆଭ୍ୟନ୍ତରୀଣ ମହଲରେ ଛକାପଞ୍ଝା ବି ଆରମ୍ଭ ହୋଇଯାଇଛି । ଏବେ କଣ୍ଟ୍ରାକ୍ଟସ୍ କମିଟିର ଅଧ୍ୟକ୍ଷା ଅଛନ୍ତି ମେୟର ସୁଲୋଚନା ଦାସ । ଏହା ପରିବର୍ତ୍ତନ ହେବା ପ୍ରଶ୍ନ ଉଠୁ ନାହିଁ । ଏହା ବାଦ୍ ଅନ୍ୟତମ ମୁଖ୍ୟ କମିଟି ହେଉଛି ଜନସ୍ୱାସ୍ଥ୍ୟ, ବିଦ୍ୟୁତ୍, ପାନୀୟ ଜଳ, ଡ୍ରେନେଜ୍ ଓ ପରିବେଶ । ଏହାର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର ଅଛନ୍ତି । ସଦସ୍ୟ ଭରତ କୁମାର ଲେଙ୍କା ଅଧ୍ୟକ୍ଷ ପଦ ପାଇଁ ପୂର୍ବରୁ ଦାବିଦାର ଥିବାରୁ ଏଥର ମଧ୍ୟ ଏହି ଦାବି ଉଠିବାର ସମ୍ଭାବନା ରହିଛି । ପବ୍ଲିକ ୱାର୍କସ କମିଟି ଅଧ୍ୟକ୍ଷ ଅମରେଶ ଜେନା ଅଛନ୍ତି । ତାଙ୍କ କମିଟିରେ କେହି ଦାବିଦାର ନଥିବାରୁ ସେ ଅପରିବର୍ତ୍ତିତ ରହିବା କୁହାଯାଉଛି । ଗତ ବର୍ଷ ଅଭିଯୋଗ ଓ ସାମାଜିକ ନ୍ୟାୟ କମିଟିରେ ସେତେବେଳେ ନୃପେଶ କୁମାର ନାୟକଙ୍କ ନାମ ଚର୍ଚ୍ଚାକୁ ଆସିଥିଲା । କିନ୍ତୁ ମହିଳାଙ୍କୁ ଅଗ୍ରାଧିକାର ଦେବା ଆଧାରରେ ବିନୟିନୀ ଜେନାଙ୍କୁ ଅଧ୍ୟକ୍ଷା କରାଯାଇଥିଲା । ସ୍ଲମ୍ ରିସେଟେଲ୍‌ମେଣ୍ଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମହାମାୟା ସ୍ୱାଇଁ, ଟ୍ୟାକ୍ସ, ଫାଇନାନ୍ସ ଓ ଆକାଉଣ୍ଟସ୍ କମିଟିର ପ୍ରୀତିନନ୍ଦା ରାଉତରାୟ, ଏଷ୍ଟାବ୍ଲିସ୍‌ମେଣ୍ଟ କମିଟିର କୁମାରେନ୍ଦ୍ର ମହାପାତ୍ର, ଲାଇସେନ୍ସ ଓ ଅପିଲ୍‌ସ୍ କମିଟିର ପ୍ରେମାନନ୍ଦ ଜେନା, ଶିକ୍ଷା, ଚିତ୍ତ ବିନୋଦନ ଓ ସଂସ୍କୃତି କମିଟିର ମିହିର କୁମାର ରାଉତ, ପ୍ଲାନିଂ ଆଣ୍ଡ୍ ଡେଭଲ୍‌ପମେଣ୍ଟ କମିଟିର ଶ୍ରୀଧର ଜେନା ଅଧ୍ୟକ୍ଷ ରହିଛନ୍ତି । ଗତ ବର୍ଷ ମେୟର ନୂଆ ଥିବାରୁ ଏହି କମିଟି ଅଧ୍ୟକ୍ଷ ଚୟନକୁ ନେଇ ସମସ୍ତ ବିଧାୟକଙ୍କ ସହ ପରାମର୍ଶ କରିଥିଲେ । କିନ୍ତୁ ମେୟର ଏବେ ଗୋଟିଏ ବର୍ଷର ଅନୁଭବି ହୋଇଥିବାରୁ ନିଷ୍ପତ୍ତି ନିଜେ ନେବେ ନା ବିଧାୟକଙ୍କ ପରାମର୍ଶ ନେବେ ତାହାକୁ ନେଇ ପ୍ରଶ୍ନବାଚୀ ରହିଛି । କେତେକ ପୁରୁଖା ଅଧ୍ୟକ୍ଷଙ୍କୁ ଛାଡ଼ିଦେଲେ ଅନ୍ୟ କେତେକ ପଦରେ ଏହି ଦାବିଦାରଙ୍କୁ ଥଇଥାନ କରିବାକୁ ବିଚାରବିମର୍ଶ ଚାଲିଥିବା କୁହାଯାଉଛି । ତେବେ ଏଷ୍ଟାବ୍ଲିସ୍‌ମେଣ୍ଟ କମିଟି ଅଧ୍ୟକ୍ଷ ପଦରୁ କୁମାରେନ୍ଦ୍ର ମହାପାତ୍ର ବିଦା ହେବେ ବୋଲି ଚର୍ଚ୍ଚା ହେଉଛି । ଗତ ମାସରୁ ଏଷ୍ଟାବ୍ଲିସ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟି ଚର୍ଚ୍ଚାରେ ରହିଛି । ଏହି କମିଟି ଅଧ୍ୟକ୍ଷ ଶ୍ରୀ ମହାପାତ୍ର ଓ



ଉପବ ?ଭାଗ ଦାୟିତ୍ୱରେ ଥିବା ଡେପୁଟି କମିସନର ଗାୟତ୍ରୀ ସାମନ୍ତରାୟଙ୍କ କଳି ଦାଣ୍ଡରେ ପଡ଼ି ହାଟରେ ଗଡୁଛି । 'ସେ ଦାୟିତ୍ୱରେ ରହିଲେ ମୁଁ ରହିବି ନାହିଁ' ବୋଲି ଅନେକ ଦିନ ପୂର୍ବରୁ ଶ୍ରୀ ମହାପାତ୍ର କହି ସାରିଛନ୍ତି । ଏଥିପାଇଁ ଗତ ମାସରେ ଏହି କମିଟିର ବୈଠକ ବସି ପାରି ନାହିଁ । ଫଳରେ ଏହି କମିଟିର ସୁପାରିସ କର୍ପୋରେସନକୁ ଯାଇ ପାରିନଥିଲା । ଫଳରେ ସାମ୍ବିଧାନିକ ବ୍ୟବସ୍ଥାରେ ବ୍ୟାଘାତ ହୋଇଥିଲା । ଏପରିକି ଶ୍ରୀ ମହାପାତ୍ର କର୍ପୋରେସନ ବୈଠକକୁ ଆସିବେ ନାହିଁ ବୋଲି ଚେତାବନୀ ମଧ୍ୟ ଦେଇଥିଲେ । କେତେକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ମଧ୍ୟ ତାଙ୍କୁ ସମର୍ଥନ କରୁଥିବା କହିଥିଲେ । ଛନ୍ତି । କିନ୍ତୁ କଣ ହେଲା କେଜାଣି ସେ ସୁନା ପିଲା ଭଳି ବୈଠକକୁ ଆସିଥିଲେ ଓ ଜଣେ ହେଲେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ତାଙ୍କୁ ସମର୍ଥନ କରୁଥିବା ଅନୁମେୟ ହୋଇନଥିଲା । କୁମାରେନ୍ଦ୍ରଙ୍କ କହିବା କଥା ଗାୟତ୍ରୀ ସାମନ୍ତରାୟ ଦୁଇ ଦୁଇ ଥର ବଦଳି ହୋଇଥିଲେ ମଧ୍ୟ ରିଲିଭ୍ ହେଉ ନାହାନ୍ତି । କେଉଁ କାରଣ ପାଇଁ ହେଉ ନାହାନ୍ତି ତାହା ତ ପଛ କଥା, କିନ୍ତୁ ଏଷ୍ଟାବ୍ଲିସ୍‌ମେଣ୍ଟ ସେକ୍ସନରେ ଯେଉଁ ସବୁ କାମ ଜନସ୍ୱାର୍ଥରେ ହେବା କଥା ସେଥିରେ ବାଧା ସୃଷ୍ଟି ହେଉଛି । ଏଣୁ ତାଙ୍କୁ ସରକାରୀ ଆଦେଶ ମୁତାବକ ବିଏମ୍‌ସିରୁ ରିଲିଭ୍ କରାନଗଲା ନାହିଁ, ବରଂ ଅତି କମ୍‌ରେ ତାଙ୍କୁ ଏହି ଉପ ବିଭାଗ (ଏଷ୍ଟାବ୍ଲିସ୍‌ମେଣ୍ଟ) ଦାୟିତ୍ୱରୁ ହଟାଇ ଭିନ୍ନ ଦାୟିତ୍ୱ ଦିଆଯାଉ । କିନ୍ତୁ ବିଏମ୍‌ସ୍ ଗାୟତ୍ରୀ ସାମନ୍ତରାୟଙ୍କୁ ଦାୟିତ୍ୱରୁ ହଟାଇବ କଣ, ବରଂ ନୂଆ ଦାୟିତ୍ୱ ଦେଇଛି । ବିଏମ୍‌ସି ଅଧୀନରେ ଥିବା ସମସ୍ତ ପାର୍କର ପରିଚାଳନା ପାଇଁ ତାଙ୍କୁ ନୋଡାଲ ଅଫିସର ଭାବରେ କ୍ଷମତାସୀନ କରାଯାଇଛି । ଗତ ୧୫ ତାରିଖ ଦିନ ଏ ନେଇ କମିସନର ବିଜୟ ଅମୃତା କୁଲାଙ୍ଗେ କାର୍ଯ୍ୟାଳୟ ଆଦେଶ ଜାରି କରିଛନ୍ତି । ଏଥିରେ କୁହାଯାଇଛି ପରିବେଶ ଅଧିକାରୀ ଓ ତାଙ୍କ ଟିମ୍ ପାର୍କ ସମ୍ବନ୍ଧୀୟ ସମସ୍ତ ଫାଇଲ୍ ଗାୟତ୍ରୀ ସାମନ୍ତରାୟଙ୍କ ଜରିଆରେ ଅତିରିକ୍ତ କମିସନର(୩)ଙ୍କ ନିକଟରେ ଉପସ୍ଥାପନ କରିବେ । ଏହି ନୂଆ ଦାୟିତ୍ୱ ସମ୍ପୃକ୍ତ ଅଧିକାରୀଙ୍କ ଦକ୍ଷତାକୁ ପ୍ରତିପାଦନ କରିଛି ନା ସମ୍ପୃକ୍ତ ରାଜନେତାଙ୍କୁ ଅପମାନ ହୋଇଛି ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ସମସ୍ତେ ୨୪ ତାରିଖକୁ ଅପେକ୍ଷା କରିଛନ୍ତି ।

# ବିଭିନ୍ନ ସ୍ଥାନରେ ସଂଗ୍ରହାଳୟ ଦିବସ

## ରାଜ୍ୟ ସଂଗ୍ରହାଳୟ



**ଭୁବନେଶ୍ୱର (ପିପିଏସ୍) :** ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ପାଳିତ ହୋଇଯାଇଛି । ଚଳିତବର୍ଷ ସଂଗ୍ରହାଳୟ ଦିବସର ବିଷୟବସ୍ତୁ ରହିଛି 'ସଂଗ୍ରହାଳୟ, ସ୍ଥାୟିତ୍ୱ ଓ ଉନ୍ନତି' । ଏହି ଅବସରରେ ସାରଳା ମହାଭାରତର ୪ଟି ପର୍ବ ଯଥା ମୂଷଳୀ ପର୍ବ, ସ୍ୱର୍ଗାରୋହଣ ପର୍ବ, ଗଦା ପର୍ବ ଓ କର୍ଣ୍ଣ ପର୍ବର ୧୦ଟି ଲେଖାଏଁ ପୋଥି କପି ଉଦ୍ଧାର କରାଯାଇ ଗବେଷଣା ମେଥୋଡୋଲୋଜି ଭାବେ ପ୍ରସ୍ତୁତ ହୋଇଛି । ନିୟମିତଭାବେ ପ୍ରକାଶ ପାଉଥିବା ସର୍ବଶେଷ ସଂଖ୍ୟା ଓଡ଼ିଶା ହିଷ୍ଟୋରିକାଲ୍ ରିସର୍ଚ୍ଚ ଜର୍ଣ୍ଣାଲ ଉନ୍ମୋଚିତ ହୋଇଯାଇଛି । ଏହି ଉପଲକ୍ଷେ ସଂଗ୍ରହାଳୟ ପକ୍ଷରୁ ସଂଗୃହୀତ ପ୍ରାଚୀନ ସିନ୍ଦୁକର ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଟାଇମ୍‌ଲେସ୍ ଟେଲ୍‌ସ ଆଣ୍ଡ ପାମ୍ ଲିଫ୍ ମନୁସ୍କ୍ରିପ୍ଟ କପି ଟେବୁଲ ବୁକ୍ ସମ୍ପର୍କିତ ଏକ ଡକ୍ୟୁମେଣ୍ଟାରୀ ଚିତ୍ର ଇତ୍ୟାଦି ଉନ୍ମୋଚିତ ହୋଇଥିଲା । କାର୍ଯ୍ୟକ୍ରମରେ ଉଦ୍‌ଘାଟକଭାବେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇଥିବାବେଳେ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ଓଡ଼ିଶା ରାଜ୍ୟ ସଂଗ୍ରହାଳୟକୁ କିପରି ବିଶ୍ୱସ୍ତରୀୟ ସଂଗ୍ରହାଳୟରେ ପରିଣତ କରାଯାଇପାରିବ ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥିଭାବେ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ ଯୋଗଦେଇଥିଲେ । ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଭାଗ୍ୟଲିପି ମଲ୍ଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର



ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର (ରିଜିଓନାଲ ସାଇନ୍ସ ପାର୍କ) ପକ୍ଷରୁ ଅନୁଷ୍ଠିତ ହେଉଥିବା ସମର କ୍ୟାମ୍ପ୍ ବା ଗ୍ରୀଷ୍ମକାଳୀନ ଅବକାଶ ଶିବିରରେ ସଂଗ୍ରହାଳୟ ଦିବସ ପାଳନ କରାଯାଇଛି । ଏହି ଅବସରରେ ରେଡ଼ିଓର ପ୍ରଦର୍ଶନୀ କରାଯାଇଥିଲା । ଭୁବନେଶ୍ୱରର ରେଡିଓ ସଂଗ୍ରାହକ ରାଜେନ୍ଦ୍ର ସାହୁ ଓ ତାଙ୍କ ପତ୍ନୀ ମମତା ସାହୁଙ୍କ ଦ୍ୱାରା ଏହି ପ୍ରଦର୍ଶନୀ କରାଯାଇଥିଲା । ଏଥିରେ ୧୯୫୭ ମସିହାରୁ ଆରମ୍ଭ କରି ଏପର୍ଯ୍ୟନ୍ତ ସଂଗ୍ରହ କରିଥିବା ପ୍ରାୟ ୬୭ ପ୍ରକାରର ରେଡିଓ ପ୍ରଦର୍ଶିତ ହୋଇଥିଲା । ସେମାନେ ୫୦୦ପ୍ରକାରର ପ୍ରାୟ ୧୫୦୦ ରେଡିଓ ସଂଗ୍ରହ କରିଥିବା ସୂଚନା ଦେଇଛନ୍ତି । ବର୍ତ୍ତମାନ ଡିଜିଟାଲ ଯୁଗରେ ପିଲାମାନେ ରେଡିଓ ସମ୍ପର୍କରେ ଜାଣି ନଥିବାବେଳେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି ନିଆରା ପ୍ରୟାସକୁ ଅଭିଭାବକମାନେ ବହୁ ପ୍ରଶଂସା କରିଥିଲେ । କାରଣ ପିଲାମାନେ ରେଡିଓକୁ ଦେଖିବା, ରେଡିଓ ସମ୍ପର୍କରେ ଜାଣିବାକୁ ବେଶ୍ ଆଗ୍ରହ ପ୍ରକାଶ କରିଥିବା ଦେଖିବାକୁ ମିଳିଥିଲା । ଆସନ୍ତା ଜୁନ୍ ୨ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଗ୍ରୀଷ୍ମକାଳୀନ ଅବକାଶ ଶିବିରରେ ଭୁବନେଶ୍ୱର, ଓଡ଼ିଶା ସମେତ ବେଙ୍ଗାଲୁର, ହାଇଦ୍ରାବାଦ ଆଦି ସ୍କୁଲର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ମାରାଣ୍ଡି ସୂଚନା ଦେଇଛନ୍ତି ।

## ଏସ୍‌ସିଏସ୍‌ଟିଆର୍‌ଟିଆଇ ପରିସର

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସଂଗ୍ରହାଳୟ ପରିଦର୍ଶନ କରିଥିବା ସମସ୍ତ ପରିଦର୍ଶକଙ୍କୁ ଫୁଲ ଦେଇ ସ୍ୱାଗତ କରାଯାଇଥିଲା । ଏଥିସହ ସଂଗ୍ରହାଳୟ ଦିବସର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଯାଇଥିଲା । ସେହିପରି ସନ୍ଧ୍ୟାରେ ସଂଗ୍ରହାଳୟ, ନିରନ୍ତରତା ଏବଂ କଲ୍ୟାଣ ଉପରେ ଆଧାରିତ ଚଳିତବର୍ଷର ବିଷୟବସ୍ତୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଏସ୍‌ସିଏସ୍‌ଟିଆର୍‌ଟିଆଇର ପୂର୍ବତନ ଉପଦେଷ୍ଟା ତଥା ନିର୍ଦ୍ଦେଶକ ଓ ସ୍ୱତନ୍ତ୍ର ସଚିବ ପ୍ରଫେସର ଡ. ଅଖିଳ ବିହାରୀ ଓତା, ଓଡ଼ିଶା ରାଜ୍ୟ ଆଦିବାସୀ ସଂଗ୍ରହାଳୟର ବିବର୍ତ୍ତନ ଏବଂ ଏହାର ପ୍ରବର୍ତ୍ତିତ ବିଭିନ୍ନ ଡିଜିଟାଲ୍ ଟେକ୍ନୋଲୋଜି ଉପରେ ଆଲୋକପାତ କରିଥିଲେ । ୫ ହଜାରରୁ ଅଧିକ କିସମର କଳା ଏବଂ କଳାକୃତି ରହିଥିବା ରାଜ୍ୟ ସଂଗ୍ରହାଳୟର ସ୍ୱତନ୍ତ୍ରତା ଉପରେ ସେ ବକ୍ତବ୍ୟ ରଖିଥିଲେ । ଏଥିରେ ବାଲେଶ୍ୱର ଏଫ୍.ଏମ୍ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ଏନ୍.ସି ଦାଶ ଦେଶର ବିଭିନ୍ନ ସଂଗ୍ରହାଳୟ ଏବଂ ସମାଜର କଲ୍ୟାଣ ପାଇଁ ସଂଗ୍ରହାଳୟର ଭୂମିକା ବିଷୟରେ ବର୍ଣ୍ଣନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଏସ୍‌ସିଏସ୍‌ଟିଆର୍‌ଟିଆଇ ଏବଂ ଓଡ଼ିଶା ରାଜ୍ୟ ଆଦିବାସୀ ସଂଗ୍ରହାଳୟର କର୍ମଚାରୀ ଏବଂ ସମ୍ପୃକ୍ତ ଅଧିକାରୀ ଉପସ୍ଥିତ ଥିଲେ ।

# ଗାଡି ଡିକି ଭାଙ୍ଗି ୬ଲକ୍ଷ ଲୁଟ୍

**ଭୁବନେଶ୍ୱର (ପିପିଏସ୍) :** ଭଉଣୀ ବାହାଘର ପାଇଁ ବ୍ୟାଙ୍କରୁ ଉଠାଇଥିଲେ ୬ଲକ୍ଷ ଟଙ୍କା । ହେଲେ ଗାଡ଼ିକୁ ପାର୍କ କରି ଯାଇଥିବା ବେଳେ ଡିକି ତାଡି ଦୁର୍ବୃତ୍ତ ଲୁଟି ନେଲେ ଟଙ୍କା । ଏଭଳି ଘଟଣା ଲକ୍ଷ୍ମୀସାଗର ଥାନା କଟକରୋଡ୍ ପ୍ଲଟ୍ ନଂ-୫ଡି'ରେ । ଲୁଟ୍‌ର ଶିକାର ହୋଇଥିବା ରାଜା ଖାନ୍ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି । ମିଳିଥିବା ସୂଚନା ଅନୁସାରେ, ରାଜା ଝାରପଡ଼ାରେ ରହୁଥିବାବେଳେ ସେ ଭେନସ୍ ୟ୍ୟାମାରେ କାମ କରନ୍ତି । ତାଙ୍କ ସାନ ଭଉଣୀ ବାହାଘର ପାଇଁ ଗତକାଲି ସାଢ଼େ ୧୨ଟା ସମୟରେ ଝାରପଡ଼ା ଏସ୍‌ବିଆଇ ବ୍ରାଞ୍ଚରୁ ୬ଲକ୍ଷ ଟଙ୍କା ଉଠାଇଥିଲେ । ସେ ଟଙ୍କା ଉଠାଇବା ପରେ ଏହାକୁ ଗାଡ଼ିର ଡିକିରେ ରଖି ଭେନସ୍ ୟ୍ୟାମା ସୋରୁମ୍‌କୁ ଯାଇଥିଲେ । ସେଠାରେ ଗାଡି ରଖି ଭିତରକୁ ଯାଇଥିବା ସମୟରେ ଦୁଇଜଣ ଦୁର୍ବୃତ୍ତ ଗାଡ଼ି ଡିକି ଭାଙ୍ଗି ୬ଲକ୍ଷ ଯାକ ଟଙ୍କା ଲୁଟି ନେଇଥିଲେ ।

# ରାଜଧାନୀରେ ସାବିତ୍ରୀ ବ୍ରତ ପାଇଁ ବିଭିନ୍ନ ମନ୍ଦିରରେ ଭିଡ଼

**ଭୁବନେଶ୍ୱର (ପିପିଏସ୍) :** ରାଜଧାନୀର ବିଭିନ୍ନ ମନ୍ଦିରରେ ସାବିତ୍ରୀ ବ୍ରତ ପାଇଁ ମହିଳାଙ୍କ ଭିଡ଼ ହୋଇଛି । ହାତରେ ବିଭିନ୍ନ ଫଳମୂଳ, ଶାଢ଼ି, ଶଙ୍ଖା, ଧୂପ ଦୀପ ନେଇ ମହିଳାମାନେ ସକାଳୁ ମନ୍ଦିରକୁ ଯାଇଥିଲେ । ପୂଜାର୍ଚ୍ଚନା କରି ସ୍ୱାମୀଙ୍କ ଦୀର୍ଘାୟୁ କାମନା କରିଥିଲେ । ଏଥିସହ କିଛି ମହିଳା ନିଜ ଘରେ ମଧ୍ୟ ବ୍ରତ କରି ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଥିଲା ।

ସେହିପରି ପ୍ରତିବର୍ଷ ଭଳି କିନ୍ନରମାନେ ମଧ୍ୟ ସାବିତ୍ରୀ ବ୍ରତ ରଖିଛନ୍ତି । ସେମାନେ ଆଜି ସାବିତ୍ରୀ ବ୍ରତକୁ କ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରିଛନ୍ତି । ବିବାହ ନ କରି ସେମାନେ ନିଜ ଗୁରୁଙ୍କ ପାଇଁ ପାଳନ କରିଛନ୍ତି । ସାବିତ୍ରୀ ବ୍ରତ । ହାତରେ ଶଙ୍ଖା, ସିନ୍ଦୂର ଲଗାଇ ଓ ନୂଆ ଶାଢ଼ି ପିନ୍ଧି ନିଷ୍ଠାର ସହ ବ୍ରତ ରଖଛନ୍ତି । ଭୁବନେଶ୍ୱର ପଳାସପଲ୍ଲୀ ମୀରା ଘରାନାର କିନ୍ନରମାନେ ସାବିତ୍ରୀ ବ୍ରତ ପାଳନ



କରିଥିଲେ । ହାତରେ ଫୁଲ, ଫଳ, ଧୂପଦୀପ ଧରି ବରଗଛକୁ ସେମାନେ ପୂଜା କରିଥିଲେ । ସେମାନଙ୍କର ବିଶ୍ୱାସ ରହିଛି ଯେ, ବରଗଛରେ ଭଗବାନ ବିଷ୍ଣୁ ରୁହନ୍ତି । ସେଥିପାଇଁ ବଟବୃକ୍ଷ ମୂଳରେ ପୂଜାର୍ଚ୍ଚନା କରାଯାଏ । ବିଶ୍ୱାସର ସହ ଉପବାସ କରି ଏହି ବ୍ରତ ପାଳନ କରଥାନ୍ତି । ରାଜଧାନୀର ଅନ୍ୟ କେତେକ ସ୍ଥାନରେ ମଧ୍ୟ ଏଭଳି ଦୃଶ୍ୟ ଦେଖିବାକୁ ମିଳିବ । କିନ୍ନରମାନେ ନିଜ ଗୁରୁଙ୍କୁ ସ୍ୱାମୀ ବୋଲି ଭାବି ସାବିତ୍ରୀ ବ୍ରତ ଧାରଣ କରିଥାଆନ୍ତି । ଯେହେତୁ ସେମାନେ ପରିବାରଠାରୁ ଦୂରରେ ରୁହନ୍ତି, ତେଣୁ ଗୁରୁଙ୍କୁ ପାଳନକର୍ତ୍ତା, ରକ୍ଷାକର୍ତ୍ତା ଭାବି ପୂଜା କରନ୍ତି । ଗୁରୁଙ୍କ ଦୀର୍ଘାୟୁ ଓ ସୁଖ କାମନା କରି ପ୍ରଥମେ ବଟବୃକ୍ଷମଳରେ ଦେବୀଙ୍କୁ ଆବାହନ କରିଥାନ୍ତି । ଗୁରୁ ସମସ୍ତଙ୍କ ମଥାରେ ସିନ୍ଦୂର ଦେବାପରେ ସେମାନେ ଗୁରୁଙ୍କ ପାଦସେବା କରନ୍ତି । ରାମାୟଣ ଯୁଗରୁ ରହି ଆସିଛି କିନ୍ନରମାନଙ୍କର ଏହି ସାବିତ୍ରୀ ବ୍ରତ କଥା । ଉତ୍ସବରେ ଗୁରୁମାନେ ସେମାନଙ୍କ ଶିଷ୍ୟାଙ୍କୁ ନୂତନ ପରିଧାନ ଦେଇଥାନ୍ତି ବୋଲି ଅଲ୍ ଓଡ଼ିଶା କିନ୍ନର ଆଖଡ଼ା ପରିଷଦର ସଭାପତି ମୀରା ପରିଡ଼ା କହିଛନ୍ତି । ଆଜି ପଳାସପଲ୍ଲୀରେ କିନ୍ନର ଆଖଡ଼ା ପକ୍ଷରୁ ବଟବୃକ୍ଷ ମୂଳରେ ୧ଶହରୁ ଊର୍ଦ୍ଧ୍ୱ କିନ୍ନର ଯୋଗ ଦେଇ ପୂଜାର୍ଚ୍ଚନା କରିଛନ୍ତି ।

# ଆଜିଠାରୁ ଭାରତ ସଂସ୍କୃତି ଯାତ୍ରା

**ଭୁବନେଶ୍ୱର (ପିପିଏସ୍):** ହିନ୍ଦୁସ୍ତାନ ଆର୍ଟ ଆଣ୍ଡ ମ୍ୟୁଜିକ୍ ସୋସାଇଟି, କୋଲକାତା ଏବଂ ତ୍ରିଧାରା ଅନୁଷ୍ଠାନ ସହଯୋଗରେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଏବଂ ନୃତ୍ୟ ଉତ୍ସବ 'ଭାରତ ସଂସ୍କୃତି ଯାତ୍ରା' ଭଞ୍ଜକଳା ମଣ୍ଡପରେ ଆସନ୍ତା କାଲିଠାରୁ ଦୁଇଦିନ ଧରି ଅନୁଷ୍ଠିତ ହେବ । ଉତ୍ସବଟି ୫ଟି ଦେଶ, ୧୮ଟି ରାଜ୍ୟ, ୨୫ଟି ସହରର ଅର୍ଘ୍ୟ ଭାବେ ୧ଶହରୁ ଊର୍ଦ୍ଧ୍ୱ ସଙ୍ଗୀତ ଓ ନୃତ୍ୟ ବିଶାରଦଙ୍କୁ ନେଇ ପରିକଳ୍ପନା କରାଯାଇଛି । ବର୍ତ୍ତମାନ ଭାରତ ସଂସ୍କୃତି ଯାତ୍ରାର ନବମ ଓ ଦଶମ ଅର୍ଘ୍ୟ ଭୁବନେଶ୍ୱରରେ ଦୁଇଦିନ ଧରି ଅନୁଷ୍ଠିତ ହେବ । ଏଥିରେ ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମଗୁଡ଼ିକ ସଙ୍ଗୀତ ଓ ନୃତ୍ୟ ପ୍ରଦର୍ଶନର ଏକ ବିବିଧ ମିଳନ ଭାବେ ପ୍ରଦର୍ଶିତ ହେବ । ଉଦ୍‌ଘାଟନୀ ସନ୍ଧ୍ୟାରେ ପଦ୍ମଶ୍ରୀ ନଳିନୀ ଆସ୍ଥାନୀ ଏବଂ କମଳିନୀ ଆସ୍ଥାନୀଙ୍କ ଦ୍ୱାରା କଥକ ଦ୍ୱୈତ୍ୟ ନୃତ୍ୟ ଏବଂ ଗୁରୁ ସୁଜାତା ମହାପାତ୍ରଙ୍କ ଦ୍ୱାରା ଓଡ଼ିଶୀ ଏକକ ନୃତ୍ୟ ପ୍ରଦର୍ଶିତ ହେବ । ପରେ ପରେ ପଣ୍ଡିତ ମର୍ମୁକୁଟ ଏବଂ ମନୋଜ କେଡ଼ିଆଙ୍କ ଦ୍ୱାରା ସୀତାର ଓ ସରୋଦ ଯୁଗଳବନ୍ଦି ଅନୁଷ୍ଠିତ ହେବ । ସେମାନଙ୍କୁ ତବଲାରେ ଦୁର୍ଜୟ ଭୌମିକ ସହଯୋଗ କରିବେ । ଶେଷରେ ନବପ୍ରତିଭା ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷିତ ହେବ । ଶେଷ ସନ୍ଧ୍ୟାରେ ପଣ୍ଡିତ ଅନିନ୍ଦ ଚାଟାର୍ଜୀଙ୍କ ଦ୍ୱାରା ତବଲା ବାଦନ ପ୍ରଦର୍ଶିତ ହେବ ଏବଂ ପରେ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ ପ୍ରଦର୍ଶିତ ହେବ । ପରବର୍ତ୍ତୀ ପ୍ରସ୍ତୁତିରେ ପଣ୍ଡିତ ଶୁଭେନ୍ଦ୍ର ରାଓଙ୍କ ଦ୍ୱାରା ସୀତାର ବାଦନ ସହିତ ପଣ୍ଡିତ ହିରଣ୍ମୟ ମିତ୍ରଙ୍କ ଦ୍ୱାରା ହାରମୋନିୟମ ବାଦନ ଓ ପଣ୍ଡିତ ଦୁର୍ଜୟ ଭୌମିକଙ୍କ ଦ୍ୱାରା ତବଲା ବାଦନ ଏବଂ ଶେଷରେ ଭୁବନେଶ୍ୱରର ତ୍ରିଧାରା ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ପାନ୍ଥନିବାସରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । ହିନ୍ଦୁସ୍ତାନ ଆର୍ଟ ଆଣ୍ଡ ମ୍ୟୁଜିକ୍ ସୋସାଇଟିର ସଚିବ ପଣ୍ଡିତ ପ୍ରସନ୍‌ଜିତ ପୋଦ୍ଦାର ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଡକ୍ଟର ଗଜେନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଏହି ଉତ୍ସବର ପରିକଳ୍ପନା କରାଯାଇଛି ।



ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ବୁଲିଲେ ବସ୍ତିର ଛାତ୍ରଛାତ୍ରୀ

# ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ଜୟନ୍ତୀ ସମାରୋହ ଉଦ୍‌ଯାପିତ

**ଭୁବନେଶ୍ୱର (ପିପିଏସ୍):** ତିନିଦିନ ବ୍ୟାପୀ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ଓ ଫାଉଣ୍ଡେସନ୍‌ର ୩୧ତମ ବାର୍ଷିକୋତ୍ସବର ଆଜିଥିଲା ଉଦ୍‌ଯାପନୀ ସନ୍ଧ୍ୟା । ବିଭିନ୍ନ କାର୍ଯ୍ୟକ୍ରମ ସହ ଉକ୍ତ ସନ୍ଧ୍ୟାରେ ପୁରସ୍କାର ପ୍ରଦାନ ସହ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ନିର୍ଦ୍ଦେଶିତ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା । ଗତକାଲି ଦ୍ୱିତୀୟ ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ଆୟୋଜିତ ଉତ୍ସବରେ କଣ୍ଠ ସଙ୍ଗୀତ ଓ ଯନ୍ତ୍ର ସଙ୍ଗୀତର ମିଳିତ ଉପସ୍ଥାପନାରେ ଆସର ହୋଇଛି ସଙ୍ଗୀତ ମୁଖର । ଏହି ସଙ୍ଗୀତ ମାଧ୍ୟମରେ ଓଡ଼ିଶା ଶାସ୍ତ୍ରୀୟ ଓ ସୁଗମ ସଙ୍ଗୀତର ସ୍ୱର ସାଧକଙ୍କୁ ଶିଳ୍ପୀମାନେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ସାଂସ୍କୃତିକ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ଶିବାଗ୍ନି ଅନୁଷ୍ଠାନର ଶିଳ୍ପୀବୃନ୍ଦଙ୍କ ରୋଚକ ପରିବେଷଣରେ ପଲ୍ଲୀ ଗୀତ, ଶାସ୍ତ୍ରୀୟ ସଙ୍ଗୀତ ସହ ସଙ୍ଗୀତ ସୁଧାକରଙ୍କ ସଂଯୋଜିତ ସୁଗମ ସଙ୍ଗୀତଗୁଡ଼ିକ ପରିବେଷିତ ହୋଇଥିଲା । ପରିଚିତ ବେହେଲା ବାଦକ ଅଗ୍ନିମିତ୍ର ବେହେରା ଓ ବଂଶୀବାଦକ ଶ୍ରୀନିବାସ ଶତପଥୀଙ୍କ ପରିଚାଳନାରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଙ୍ଗୀତ ପରିବେଷିତ ହୋଇଥିଲା । ଏହି ଅବସରରେ ବିଧାୟକ ପ୍ରଫୁଲ୍ଲ ସାମଲ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ଶାସନ ସଚିବ ମନୋରଞ୍ଜନ ମହାପାତ୍ର ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ସଙ୍ଗୀତ ଗୁରୁ ରାମହରି ଦାସ ସ୍ୱାଗତ ଭାଷଣ ସହ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଉପସଭାପତି କ୍ଷୀରୋଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଆବାହକ ଅରକ୍ଷିତ ଦାଶ ସଭା ପରିଚାଳନାରେ ସହଯୋଗ କରିଥିଲେ ।

# ମାଟ୍ରିକ୍‌ରେ କିସ୍‌ର ସଫଳତା

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଏଥିରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍(କିସ୍)କୁ ଶତ ପ୍ରତିଶତ ସଫଳତା ମିଳିଛି । କିସ୍‌ର ମୋଟ ୧୮୮୦ ଛାତ୍ରଛାତ୍ରୀ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ଦେଇଥିବା ବେଳେ ୪୫ ପ୍ରତିଶତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀ ଓ ୫୫ ପ୍ରତିଶତ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି । କିସ୍ ଛାତ୍ର ମକରା ମୁର୍ମୁ ସର୍ବାଧିକ ୫୫୩ ନମ୍ବର ରଖି ସ୍କୁଲ୍ ଟପ୍ପର ହୋଇଛନ୍ତି । ସେହିପରି ମୟୂରଭଞ୍ଜର ଦୀନେଶ ହେମ୍ବ୍ରମ୍ ଓ ଝାଡ଼ଖଣ୍ଡରୁ ଆସି କିସ୍‌ରେ ପଢୁଥିବା ଡିଜିଜି ଟୁଡୁ ୯୦.୩୩ ପ୍ରତିଶତ ଅର୍ଥାତ ୫୪୨ ନମ୍ବର ରଖିଥିବା ବେଳେ ସୁନ୍ଦରଗଡ଼ର ନମିତା ଓରାମ୍ ଓ କେନ୍ଦୁଝରର ରଶ୍ମିତା ସାଂସି ୯୦ ପ୍ରତିଶତ ନମ୍ବର ରଖି ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।

# ଭିନ୍ନକ୍ଷମଙ୍କୁ କୃତ୍ରିମ ଅଙ୍ଗ ଯୋଗାଇଲା ଓଡ଼ିଶା-ମୋ ପରିବାର

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଶା-ମୋ ପରିବାର ମାଧ୍ୟମରେ ବିଭିନ୍ନ ଦୁର୍ଘଟଣାରେ ନିଜର ଅଙ୍ଗ ହରାଇଥିବା ତିନିଜଣ ଭିନ୍ନକ୍ଷମଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ ଦିଆଯାଇଛି । ସୂଚନାନୁସାରେ, କଟକ ଜିଲ୍ଲା ବାଙ୍କୀ ଅଞ୍ଚଳର ବାସିନ୍ଦା ଗାନ୍ଧିନ୍ ପ୍ରଧାନ(୫୯) ଦିନମଜୁରିଆ ଭାବେ କାମ କରି ପରିବାର ଚଳାଉଥିବାବେଳେ ୧୯୮୯ମସିହାରେ ଏକ ଦୁର୍ଘଟଣାର ଶିକାର ହୋଇ ବାମ ଗୋଡ଼ ହରାଇଥିଲେ । ଏକ ସଂସ୍ଥା ମାଧ୍ୟମରେ ୨ଥର କୃତ୍ରିମ ଗୋଡ଼ ଲଗାଇଥିଲେ ବି ତାଙ୍କୁ ସନ୍ତୁଷ୍ଟିକର ଲାଗିନଥିଲା । ତେଣୁ ଏକ ଉନ୍ନତମାନର କୃତ୍ରିମ ଗୋଡ଼ ପାଇଁ ସ୍ଥାନୀୟ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କୁ ଅନୁରୋଧ କରିଥିଲେ । ଶ୍ରୀ ତ୍ରିପାଠୀ ଘଟଣା ସମ୍ପର୍କରେ ଓଡ଼ିଶା-ମୋ ପରିବାରକୁ ଜଣାଇବା ଥିଲେ । ସେହିପରି ଅନ୍ୟ ଦୁଇଜଣ ଭିନ୍ନକ୍ଷମ, ଚିତ୍ତରଞ୍ଜନ ପଟ୍ଟନାୟକ (୫୫) ଏବଂ ଏ. ହରେରାମ ପାତ୍ର(୬୦) ବିଭିନ୍ନ ଦୁର୍ଘଟଣାରେ ନିଜର ଗୋଡ଼ ହରାଇ ଦୁର୍ଦ୍ଦଶା ଭୋଗୁଥିଲେ । ଗୋଡ଼ ବିନା ଜୀବନ ବିତାଇବା ଯେ କେତେ କଷ୍ଟକର, ସେ କଥା ଏମାନଙ୍କ ମୁହଁରୁ ସ୍ପଷ୍ଟ ବାରି ହୋଇପଡୁଥିଲା । ନିଜର ଦୈନନ୍ଦିନ କାମ କରିବା ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭର କରୁଥିଲେ । ତେଣୁ ସେମାନେ ଓଡ଼ିଶା-ମୋ ପରିବାର ପକ୍ଷରୁ କୃତ୍ରିମ ଅଙ୍ଗ ଯୋଗାଣ ସମ୍ପର୍କରେ ସୂଚନା ପାଇବା ପରେ ଓଡ଼ିଶା-ମୋ ପରିବାର ହେଲ୍ପଲାଇନ ମାଧ୍ୟମରେ ଯୋଗାଯୋଗ କରିଥିଲେ । ଓଡ଼ିଶା-ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ



କ୍ୟାପିଟାଲ ହସ୍ପିଟାଲ ପରିସରସ୍ଥିତ ଏ.ଆର.ସି ସହିତ ସମନ୍ୱୟ ରକ୍ଷା କରି ତିନିଜଣଙ୍କୁ ଗୁରୁବାର କୃତ୍ରିମ ଅଙ୍ଗ ଯୋଗାଇ ଦିଆଯାଇଛି । କୃତ୍ରିମ ଅଙ୍ଗ ଲାଗିବା ସମୟରେ ଓଡ଼ିଶା-ମୋ ପରିବାର ଆବାହକଙ୍କ ସମେତ ବିଜୁ ଜନତା ଦଳ ଯୁଗ୍ମ ସମ୍ପାଦକ (ଓଡ଼ିଶା-ମୋ ପରିବାର) ରୁଦ୍ର ନାରାୟଣ ସାମନ୍ତରାୟ, ସ୍ୱାସ୍ଥ୍ୟ ଉପଦେଷ୍ଟା ଡ. ସତ୍ୟଜିତ ଦାଶଙ୍କ ସମେତ ଓଡ଼ିଶା-ମୋ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ । କୃତ୍ରିମ ଅଙ୍ଗ ଲାଗିବା ପରେ ତିନିଜଣ ଭିନ୍ନକ୍ଷମଙ୍କ ମୁହଁରେ ଖୁସିର ଲହରୀ ଖେଳିଯାଇଥିଲା । ଏଥିପାଇଁ ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଓଡ଼ିଶା-ମୋ ପରିବାରକୁ ଅଶେଷ ଧନ୍ୟବାଦ ଜଣାଇଥିଲେ ।

# ଚୌଦ୍ୱାର ଟପ୍ପର ହେଲେ ପ୍ରିତି ପ୍ରଜୋଜିତା



ଚୌଦ୍ୱାର,(ପିପିଏସ୍) : ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ସ୍ଥାନୀୟ କଳିଙ୍ଗ ନୋଡ଼ାଲ ହାଇସ୍କୁଲରେ ପାସ ହାର ଶତ ପ୍ରତିଶତ ହୋଇଛି ।ପରୀକ୍ଷା ଦେଇଥିବା ବିଦ୍ୟାଳୟର ମୋଟ ୮୧ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଏ-୧ରେ ଜଣେ,ଏ-୨-୭ଜଣ,ବି-୧-୧୫ଜଣ,ବି-୨-୧୬ଜଣ,ସି-୨୩ ଜଣ,ଡି-୧୧ଜଣ ଏବଂ ଇ-୮ଜଣ ପାସ୍ କରିଛନ୍ତି ।ଛାତ୍ରୀ ପ୍ରିତି ପ୍ରଜୋଜିତା ସାହୁ ସର୍ବୋଚ୍ଚ୫୭୧(୯୫.୧) ନମ୍ବର ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି । ଓଟିଏମ୍ ହାଇସ୍କୁଲ,ମ୍ୟୁନିସିପାଲ ସରକାରୀ ହାଇସ୍କୁଲ, କଳିଙ୍ଗ ପବ୍ଲିକ ସରକାରୀ ହାଇସ୍କୁଲ, ଶାଳଗାଁସ୍ଥିତ ସାଧୁସୁନ୍ଦର ବିଦ୍ୟାପୀଠ, ଦୌଲତାବାଦସ୍ଥିତ ନିଗମାନନ୍ଦ ବାଳିକା ହାଇସ୍କୁଲ, ହଳଦୀବସନ୍ତର ସିଦ୍ଧେଶ୍ୱର ବିଦ୍ୟାପୀଠ,ବାଣୀପଦା ପଞ୍ଚାୟତର ବାଲୁଙ୍କେଶ୍ୱର ବିଦ୍ୟାପୀଠ,ନପଙ୍ଗ ପଞ୍ଚାୟତ ବିରୋଳ ହାଇସ୍କୁଲ, ଜରିପଡ଼ାସ୍ଥିତ ପଞ୍ଚାୟତ ହାଇସ୍କୁଲ,ଚାଙ୍ଗୋସ୍ଥିତ ମେଘେଶ୍ୱର ଉଚ୍ଚ ବିଦ୍ୟାଳୟ, କୟଳପଡ଼ା ପଞ୍ଚାୟତ ବାଲୁଙ୍କେଶ୍ୱର ବିଦ୍ୟାପୀଠ,ଭଟିମୁଣ୍ଡା ପଞ୍ଚାୟତ ଭଟିମୁଣ୍ଡା ନୋଡାଲ ହାଇସ୍କୁଲ ଆଦିରେ ପାସ୍ ହାର ଶତ ପ୍ରତିଶତ ହୋଇଛି ।ଓଟିଏମ୍ ହାଇସ୍କୁଲର ଅନ୍ୱେଶା ଖଟୁଆ ଏବଂ ଆକାଂକ୍ଷା ଖଟୁଆ ଏ-୧ରେ ପାସ୍ କରିଥିବାବେଳେ ସାଧୁ ସୁନ୍ଦର ବିଦ୍ୟାପୀଠର ସୌମ୍ୟାଶ୍ରୀ ସ୍ୱାଇଁ,ସୋମେଶ ପାଣି,ଅଭିପ୍ସା ମହାନ୍ତି ଓ ଅଂକିତା ପଣ୍ଡା , କୟଳପଡ଼ା ବାଲୁଙ୍କେଶ୍ୱର ବିଦ୍ୟାପୀଠର ଜ୍ଞାନାଞ୍ଜୟ ସାହୁ,ଓ ଶୀତଲ ବେଉରା ଏ-୧ରେ ପାସ୍ କରିଛନ୍ତି । ବ୍ଲକ୍‌ରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ତରଫରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

## ମାଟ୍ରିକ ରେଜଲ୍ଟ, ଖୋର୍ଦ୍ଧାରେ ପାସ୍ ହାର ୯୭.୪୮ ପ୍ରତିଶତ

ଖୋର୍ଦ୍ଧା, (ହି.ସ.): ରାଜ୍ୟରେ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି । ରାଜ୍ୟରେ ପାସ ହାର ଶତକଡା ୯୬.୪୦ ପ୍ରତିଶତ ହୋଇଛି ।ତେବେ ଖୋର୍ଦ୍ଧା ଜିଲ୍ଲାରେ ପାସ ହାର ଶତକଡା ୯୭.୪୮ ପ୍ରତିଶତ ରହିଥିବା ବେଳେ ପାସ ହାରରେ ପ୍ରଥମ ସ୍ଥାନରେ କଟକ ଓ ଜଗତସିଂହପୁର ରହିଛି । ସେହିପରି ରାଜ୍ୟରେ ପାସ ହାରରେ ଖୋର୍ଦ୍ଧା ଜିଲ୍ଲା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଜଣାପଡିଛି । ଖୋର୍ଦ୍ଧା ଜିଲ୍ଲାର ସମୁଦାୟ ୩୩୩ ଗୋଟି ହାଇସ୍କୁଲରେ ୨୬,୩୮୦ ଜଣ ପରୀକ୍ଷାର୍ଥୀ ମାଟ୍ରିକ ଫର୍ମ ଫିଲଅପ କରିଥିବା ବେଳେ ୩୦୨ ଜଣ ଅନୁପସ୍ଥିତ ଥିଲେ । ସେହିପରି ଜିଲ୍ଲାରେ ମାଲପ୍ରାକ୍ଟିସରେ ୯ ଜଣ ପରୀକ୍ଷାର୍ଥୀ ବୁକ ହୋଇଥିବା ବେଳେ ଏ-୧ ଗ୍ରେଡ଼ରେ ୨୮୮, ଏ-୨ ଗ୍ରେଡ଼ରେ ୧୪୬୨ , ବି-୧ ଗ୍ରେଡ଼ରେ ୩୩୧୯ ଏବଂ ବି-୨ ଗ୍ରେଡ଼ରେ ୫୬୦୦ ଜଣ ପରୀକ୍ଷାର୍ଥୀ ପାସ କରିଥିବା ଜଣାପଡିଛି ।

# କଠିନ ବର୍ଜ୍ୟବସ୍ତୁ ପରିଚାଳନା ଆଇନ ଉଲ୍ଲଙ୍ଘନ
# ଡଷ୍ଟବିନ ବ୍ୟବହାର ପାଇଁ ଦୋକାନୀଙ୍କୁ ତାଗିଦ୍ କଲା ସିଏମ୍‌ସି




କଟକ, (ପିପିଏସ୍): ସିଏମସି ପରିମଳ ଏନଫୋର୍ସମେଣ୍ଟ ବିଭାଗ ପକ୍ଷରୁ ଗୁରୁବାର କ୍ୟାଣ୍ଟନମେଣ୍ଟ ରୋଡ ଓ ଏହାର ଆଖପାଖ ଅଂଚଳରେ ଚଢାଉ କରାଯାଇ ନ୍ୟୁ ଗିରନାର୍ ବାର୍ ଆଣ୍ଡ ରେଷ୍ଟୁରାଣ୍ଟଠାରୁ ୧୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା ବେଳେ ସେଠାରେ ଥିବା ଦୁଇଟି ପାନ ଦୋକାନ, ଗୋଟିଏ ବାଇକ୍ ସଜଡା ଗ୍ୟାରେଜ୍, ଫ୍ୟୁଜନ୍ ଫୁଡ୍ କାଫେ, ଗୋଟିଏ ସିଟ୍ କଭର ତିଆରି ଦୋକାନ, ଗଦି ମରାମତି ଦୋକାନ ଆଦି ଉପରେ ଚଢଉ କରାଯାଇ ପ୍ରତ୍ୟେକଙ୍କଠାରୁ ୫୦୦ ଟଙ୍କା ଲେଖାଏଁ ଜୋରିମାନା ଆଦାୟ କରାଯାଇଛି । ପ୍ରକାଶ ଥାଉକି, କଠିନ ବର୍ଜ୍ୟବସ୍ତୁ ପରିଚାଳନା ସଂକ୍ରାନ୍ତ ଆଇନ ବାରମ୍ବାର ଉଲ୍ଲଙ୍ଘନ କରିବା, ପରିବେଶ ସଫା ନ ରଖିବା, ଡଷ୍ଟବିନ୍ ବ୍ୟବହାର ନ କରିବା ଅଭିଯୋଗ ମିଳିବା ପରେ ସିଏମସି ପରିମଳ

## ୧୦ ହଜାର ଜରିମାନା ଗଣିଲା ନ୍ୟୁ ଗିରନାର୍

ଏନଫୋର୍ସମେଣ୍ଟ ବିଭାଗ ପକ୍ଷରୁ ନ୍ୟୁ ଗିରନାର୍ ଉପରେ ଅଚାନକ ଚଢାଉ କରାଯାଇଥିଲା । ରୋଷଘର ଓ ଖାଦ୍ୟ ପଦାର୍ଥ ରଖିବା ସ୍ଥାନ ଅପରିଷ୍କାର ଥିବାରୁ ଜୋରିମାନା ସ୍ୱରୂପ ୧୦ ହଜାର ଟଙ୍କା ଉକ୍ତ ରେଷ୍ଟୁରାଣ୍ଟ ମାଲିକଙ୍କ ନିକଟରୁ ଆଦାୟ କରାଯାଇଥିଲା । ସେହିପରି ରାସ୍ତା ଅବରୋଧ କରି ବ୍ୟବସାୟ ଚଳାଉଥିବା ଓ ପରିବେଶ ଅପରିଷ୍କାର କରୁଥିବା ନେଇ ଉପରୋକ୍ତ ପ୍ରତ୍ୟେକ ଦୋକାନୀଙ୍କ ନିକଟରୁ ୫୦୦ ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଥିଲା । ଏତଦ୍ ବ୍ୟତୀତ ସେଠାରେ ବ୍ୟବସାୟ କରୁଥିବା ଦୋକାନୀମାନଙ୍କୁ ସଚେତନ କରାଯିବା ସହ ଅଳିଆ ଆବର୍ଜନା ରାସ୍ତାରେ ନ ପକାଇବା ଓ ଡଷ୍ଟବିନ ବ୍ୟବହାର କରିବା ପାଇଁ ତାଗିଦ୍ କରାଯାଇଥିଲା । ସହକାରୀ କମିଶନର ତ୍ରିନାଥ ବେହେରା(ସାନିଟେସନ) ଓ ତ୍ରିଶୂଳ ମାର୍ଶଲ ଏହି ଚଢଉର ନେତୃତ୍ୱ ନେଇଥିବା ବେଳେ କନିଷ୍ଠ ସାନିଟେସନ ଏକ୍ସପର୍ଟ ସୁବ୍ରତ ମହାପାତ୍ର, ସାନିଟାରୀ ଇନ୍ସପେକ୍ଟର ପ୍ରତାପ ମହାନ୍ତି ଓ ସିଏମ୍‌ସି ସିଡିଇଏଫର ୨ ଟିମ୍ ଏଥିରେ ସହଯୋଗ କରିଥିଲେ ।

# ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ଉ
# ପାନୀୟଜଳ ବୋତଲ ଉତ୍ପାଦନ ୟୁନିଟ୍ ସିଲ୍



ଭଦ୍ରକ, (ପିପିଏସ୍): ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବରପଦା ଠାରେ ଥିବା ନାୟକ ଏଣ୍ଟରପ୍ରାଇଜସ୍‌ର ପାନୀୟଜଳ ବୋତଲ ପ୍ରସ୍ତୁତି ଓ ପ୍ୟାକେଜିଂ ୟୁନିଟ୍‌କୁ ଜିଲ୍ଲା ଖାଦ୍ୟ ନିରାପତ୍ତା ବିଭାଗ ଚଢ଼ଉ କରି ସିଲ୍ କରିଦେଇଛି । ସୂଚନା ଯୋଗ୍ୟକି ଏହି ଉଦ୍ୟୋଗର ବିଆଇଏସ୍ ପ୍ରମାଣ ପତ୍ରର ଅବଧି ସମାପ୍ତ ହୋଇଯାଇଥିଲେ ବି ତାର ନବୀକରଣ କରାନଯାଇ ଉତ୍ପାଦନ ଚାଲୁ ରହିଥିଲା । ଖାଦ୍ୟ ନିରାପତ୍ତା ବିଭାଗର ଡେଜିଗ୍‌ନେଟେଡ୍ ଅଧିକାରୀ ତଥା ଡିପିଚେଓ ଡା ଭାରତୀ ରାଉତଙ୍କୁ ନେତୃତ୍ୱରେ ଏହି ଚଢ଼ଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀ ବିଭୁଦତ୍ତ ଦାସଙ୍କ ସହିତ ପୋଲିସ୍ ଓ ଟିମ୍‌ର ଅନ୍ୟ କର୍ମଚାରୀ ସାମିଲ ଥିଲେ । ସେଠାରେ ଥିବା ସମସ୍ତ ପାନୀୟ ବୋତଲ ପ୍ୟାକେଟକୁ ନଷ୍ଟ କରି ଦିଆଯାଇଛି ।

## ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରର ବାର୍ଷିକୋତ୍ସବରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,(ହି.ସ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରର ବାର୍ଷିକ ଉତ୍ସବରେ ଯୋଗ ଦେଇଛନ୍ତି । ଦର୍ଶନ କରିବାର ସୌଭାଗ୍ୟ ଲାଭ କଲି ।

# ଆଦର୍ଶ ସ୍କୁଲ ଓ ମାଟିଆସାହି ସେତୁ ପରିଦର୍ଶନ କଲେ ଜିଲ୍ଲାପାଳ



ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ସନ୍ତପୁରା ନିକଟରେ ନିର୍ମାଣାଧୀନ ଆଦର୍ଶ ସ୍କୁଲ ଓ ମାଟିଆସାହି ଠାରେ ମନ୍ତେଇ ନଦୀରେ ଥିବା ସେତୁକୁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଚାନକ ପରିଦର୍ଶନ କରିଛନ୍ତି । ଆଦର୍ଶ ସ୍କୁଲକୁ ଯାଇ ବିଭିନ୍ନ କାର୍ଯ୍ୟକୁ ତଦାରଖ କରିବା ସହିତ ସ୍କୁଲର ନିର୍ମାଣ କାର୍ଯ୍ୟ ସଠିକ୍ ଭାବେ କରି ଶିଘ୍ର ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ଜିଲାପାଳ ଶ୍ରୀ ବୋନ୍ଦର ମାଟିଆସାହି ସେତୁ ନିକଟରେ ପହଞ୍ଚି ଆପ୍ରୋଚ ରୋଡ଼ର ପାର୍ଶ୍ୱ ପ୍ରାଚୀର ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲାପାଳଙ୍କ ସହିତ ବିଡିଓ ଜ୍ୟୋତିର୍ମୟ କର, ଗ୍ରାମ ଉନ୍ନୟନ ବିଭାଗ ଏସଡିଓ ବଳଭଦ୍ର ମାରାଣ୍ଡି, ବ୍ଲକ ଏନଆରଇଜିଏସ ସହକାରୀ ସୁଧାଂଶୁ ଶେଖର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଚାରବାଟିଆ କେନ୍ଦ୍ରିୟ ବିଦ୍ୟାଳୟର ଟପ୍ପର ହେଲେ ଚିରଞ୍ଜିବ



ଚୌଦ୍ୱାର,(ପିପିଏସ୍) : ଚାରବାଟିଆସ୍ଥିତ କେନ୍ଦ୍ରିୟ ବିଦ୍ୟାଳୟରେ ସିବିଏସ୍‌ଇ ଦଶମ ପରୀକ୍ଷାରେ ସର୍ବୋଚ୍ଚ୯୮.୨ ପ୍ରତିଶତ ମାର୍କ ରଖି ଛାତ୍ର ଚିରଞ୍ଜିବ ଗୋଛାୟତ ଟପ୍ପର ହୋଇଛନ୍ତି ।ସେ ମୋଟ ୫୦୦ ନମ୍ବରରୁ ୪୯୧ ନମ୍ବର ରଖିଛନ୍ତି । ସ୍ଥାନୀୟ କପାଳେଶ୍ୱରରେ ରହୁଥିବା ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ କଖଡ଼ି ପଞ୍ଚାୟତ ମହାଳପଡ଼ା ଗ୍ରାମର ବିକଳ ଚନ୍ଦ୍ର ଗୋଛାୟତ ଓ ପୁଷ୍ପଲତା ଖୁଣ୍ଟିଆଙ୍କ ପୁତ୍ର ଚିରଞ୍ଜିବ କଟକ ଜିଲାସ୍ତରରେ ଟପ୍ପର ଏବଂ ଭୁବନେଶ୍ୱର ମଣ୍ଡଳ ସ୍ତରରେ ତୃତୀୟସ୍ଥାନରେ ରହିଥିବା ଜଣା ପଡ଼ିଛି ।ସେ ଜଣେ ମେଧାବୀ ଛାତ୍ର ଭାବେ ବିଦ୍ୟାଳୟରେ ସୁପରିଚିତ ।ସେ ଗଣିତ ଅଲମ୍ପିଆଡ଼ରେ ସ୍ୱର୍ଣ୍ଣପଦକ ହାସଲ କରିଥିବାବେଳେ ତାଇକୋଣ୍ଡାରେ ଏଲୋ ବେଲ୍ଟ ହାସଲ କରିଛନ୍ତି । ତାଙ୍କର ଏ ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି । ତାଙ୍କର ଏ ସଫଳତା ପାଇଁ ପିତାମାତା ଏବଂ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ସେ ଶ୍ରେୟ ଦେଇଛନ୍ତି ।

# ତ୍ରୁଟିପୂର୍ଣ୍ଣ କ୍ୟାଡର ରିଷ୍ଟ୍ରକଚରିଙ୍ଗ୍ ଅର୍ଡରକୁ ପ୍ରତ୍ୟାହାର କଲା ଓପିଟିସିଏଲ୍ ମାନବ ସମ୍ବଳ ବିଭାଗ

ଭୁବନେଶ୍ୱର (ପିପିଏସ୍): ତୃତୀୟ ଦିନର ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ଆନ୍ଦୋଳନ ପରେ ସଭାପତି ସୁବାସ ସିଂ ଓ କାର୍ଯ୍ୟକାରୀ ସଭାପତି ରାଜୀବ ମହାନ୍ତିଙ୍କ ହସ୍ତକ୍ଷେପ ବଳରେ ଓପିଟିସିଏଲ୍ ଚେୟାରମ୍ୟାନ ସଂଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ମାନବ ସମ୍ବଳ ମୁଖ୍ୟ ରଘୁନାଥ ପ୍ରତିହାରୀ, ସାଧାରଣ ସମ୍ପାଦକ ଅମର କୁମର ପ୍ରତାପ ସିଂ, ଓପିଟିସିଏଲ୍ ଜୋନାଲ୍ ସମ୍ପାଦକ ପ୍ରଭାକର ଶତପଥୀ, ଉପସଭାପତି ଗଣେଶ ବିନ୍ଧାଣୀ ଓ ଯୁଗ୍ମ ସମ୍ପାଦକ ପ୍ରିୟବ୍ରତ ନାୟକ ପ୍ରମୁଖ ଉପସ୍ଥିତ ରହି ଟେକ୍ନିକାଲ୍ ବର୍ଗର ଶ୍ରମିକ ମାନଙ୍କର ମୂଳ ଦରମାକୁ କିରାଣୀ ବର୍ଗର ମୂଳ ଦରମା ସହ ସମାନ କରିବା ସହ ମଇ ମାସ ୧୨ତାରିଖ ଓ.ପି.ଟି.ସି.ଏଲ୍. ବିଭାଗ ଦ୍ୱାରା ପ୍ରକାଶିତ କ୍ୟାଡର ରିଷ୍ଟ୍ରକଚରିଙ୍ଗ ଅର୍ଡରକୁ ପ୍ରତ୍ୟାହାର କରିବା ପାଇଁ ସିଏମ୍‌ଡି, ଓପିଟିସିଏଲ୍. ନିର୍ଦ୍ଦେଶ ଦେଇଥିଲେ । ଏଥିସହ ଅନ୍ୟାନ୍ୟ ଦାବି ଯଥା ଟେକ୍‌ନିସିଆନ୍ ୩/୨/୧କୁ ଆଡ୍‌ମିନ୍‌ଷ୍ଟ୍ରେଟିଭ୍୩/୨/୧ ସହ ସମାନ କରିବା ଏବଂ ଅସଂଜତି ଗ୍ରେଡ୍ ପେ' ୩୩୩୦/-କୁ ଉଚ୍ଛେଦ ଦାବି ଉପରେ ଆଉ ଏକ ପରବର୍ତ୍ତୀ ବୈଠକ କରିବା ପାଇଁ ସି.ଏମ୍.ଡି., ଓ.ପି.ଟି.ସି.ଏଲ୍. ନିବେଦନ କରିଥିଲେ । ପ୍ରତି ଉତରରେ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ତରଫରୁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା । କିନ୍ତୁ ସମସ୍ତ ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଧାରଣା ପ୍ରତ୍ୟାହାର କରିବାର ପ୍ରଶ୍ନ ଉଠୁନାହିଁ ଏହା ଆମ ତରଫରୁ ସ୍ପଷ୍ଟ ଭାବେ ସୂଚନା ପ୍ରଦାନ କରାଯାଇଥିଲା ।

## ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ ପାଳିତ

ଭୁବନେଶ୍ୱର(ହି.ସ): ଭୁବନେଶ୍ୱରସ୍ଥିତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବ ପାଳନ ଅବସରରେ ସଂଗ୍ରହାଳୟ ପରିଦର୍ଶନ କରିଥିବା ସମସ୍ତ ପରିଦର୍ଶକଙ୍କୁ ଫୁଲ ସହିତ ସ୍ୱାଗତ କରାଯିବା ସହ ଆଜି ଦିନର ମହତ୍ୱ ସଂପର୍କରେ ସେମାନଙ୍କୁ ଅବଗତ କରାଯାଇଥିଲା । ସନ୍ଧ୍ୟାରେ ସଂଗ୍ରହାଳୟ, ନିରନ୍ତରତା ଏବଂ କଲ୍ୟାଣ ଉପରେ ଆଧାରିତ ଚଳିତ ବର୍ଷର ବିଷୟବସ୍ତୁ ନେଇ ଏକ ପ୍ୟାନେଲ୍ ଆଲୋଚନାର ଆୟୋଜନ କରାଯାଇଥିଲା । ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ଇନ୍ଦ୍ରମଣିତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାରେ ଅଂଶଗ୍ରହଣ କରି ଏସ୍‌ସିଏସ୍‌ଟିଆରଟିଆଇର ପୂର୍ବତନ ଉପଦେଷ୍ଟା ତଥା ନିର୍ଦ୍ଦେଶକ ଓ ସତନ୍ତ୍ର ସଚିବ ପ୍ରଫେସର (ଡ.) ଅଖିଳ ବିହାରୀ ଓତା, ଓଡିଶା ରାଜ୍ୟ ଆଦିବାସୀ ସଂଗ୍ରହାଳୟର ବିବର୍ତ୍ତନ ଏବଂ ଏହାର ପ୍ରବର୍ତ୍ତିତ ବିଭିନ୍ନ ଡିଜିଟାଲ୍ ଟେକ୍ନୋଲୋଜି ଉପରେ ଆଲୋକପାତ କରିଥିଲେ ।

# ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧନା



ଫୁଲନଖରା (ପିପିଏସ): ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ରଙ୍କୁ ଜନ୍ମଦିନ ରେ ସମ୍ବର୍ଦ୍ଧନା କରାଯାଇଛି । ଫୁଲନଖରା ଅଂଚଳର ବରିଷ୍ଠ ସାମ୍ବାଦିକ,ରାଜ୍ୟ ଏସୟୁଜେର ବରିଷ୍ଠ ସଦସ୍ୟ, କଟକ ଜିଲ୍ଲା ସାମ୍ବାଦିକ ସଂଘ ର ବରିଷ୍ଠ ଉପଦେଷ୍ଟା, କଟକ ସଦର ପ୍ରେସ୍‌କ୍ଲବର ସଭାପତି ସୁରେନ୍ଦ୍ର ମହାପାତ୍ରଙ୍କ ୭୧ତମ ଜନ୍ମଦିନରେ ରାଜ୍ୟ ଏସୟୁଜେ ତରଫରୁ ରାଜ୍ୟ ଉପଦେଷ୍ଟା ରଘୁନାଥ ଆଚାର୍ଯ୍ୟ, କଟକ ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ବରିଷ୍ଠ ସଦସ୍ୟ କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀ ଓ ଆର୍ତତ୍ରାଣ ଦାସ ପ୍ରମୁଖ ତାଙ୍କ ବାଟ ପୂରଣ ସ୍ଥିତ ବାସଭବନ ରେ ପହଂଚି ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ ।

## ମ୍ୟାଟ୍ରିକ ଫଳ, ବ୍ଲକରେ ପାସ୍‌ହାର ୯୮%, ୨୧ ଛାତ୍ରଛାତ୍ରୀ ଏ-୧ ଗ୍ରେଡରେ ପାସ୍
# ୧୭ ହାଇସ୍କୁଲରେ ଫଳ ଶତପ୍ରତିଶତ; ଶୁଭସ୍ମିତା ରାଉତ ବ୍ଲକ ଟପ୍ପର, ଜିଲ୍ଲାରେ ୨ୟ





ଭଦ୍ରକ,(ପିପିଏସ୍): ଚଳିତ ବର୍ଷ ପ୍ରକାଶିତ ମ୍ୟାଟ୍ରିକ ପରୀକ୍ଷା ଫଳ ଭଣ୍ଡାରିପୋଖରୀ ବ୍ଲକରେ ଆଶାନୁରୂପ ହୋଇଛି । ବ୍ଲକର ପାସ ହାର ୯୮ ପ୍ରତିଶଦ ରୁ ଅଧିକ ରହିଛି । ବ୍ଲକର ୩୪ଟି ଉଚ୍ଚବିଦ୍ୟାଳୟର ରେଗୁଲାର ପରୀକ୍ଷା ଦେଇଥିବା ମୋଟ ୧୪୯୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪୬୪ ପରୀକ୍ଷାର୍ଥୀ ପାସ କରିଥିବା ଜଣାଯାଇଛି । ୧୭ ଟି ହାଇସ୍କୁଲର ଫଳ ଶତ ପ୍ରତିଶଦ ହୋଇଛି । ସାରୋ ଶ୍ୟାମସୁନ୍ଦର ବିଦ୍ୟାନିକେତନରେ ନାମ ଲେଖାଇ ଶାରଦା ବିଦ୍ୟାମନ୍ଦିରରେ ଅଧ୍ୟୟନ କରୁଥିବା ୧୪ଜଣ ଛାତ୍ରଛାତ୍ରୀ ଏ ୧ ଗ୍ରେଡ ହାସଲ କରିଛନ୍ତି । ଶାରଦା ବିଦ୍ୟାମନ୍ଦିର ଛାତ୍ରୀ ଶୁଭସ୍ମୀତା ରାଉତ ୫୭୫ ନମ୍ବର ହାସଲ କରି ବ୍ଲକ ଟପ୍ପର ହେବା ସହ ଜିଲ୍ଲାରେ ୨ୟ ସ୍ଥାନ ହାସଲ କରିଥିବା ଜଣାଯାଇଛି । ଶୁଭସ୍ମୀତା ପରୀକ୍ଷା ଫଳକୁ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି । ଭବିଷ୍ୟତରେ ଡାକ୍ତର ହେବାକୁ ଲକ୍ଷ୍ୟ ରହିଛି ବୋଲି ଶୁଭସ୍ମୀତା ପ୍ରକାଶ କରିଛନ୍ତି । ସେହି ସ୍କୁଲର ଛାତ୍ରୀ ଆଦ୍ୟାଶା ଦେବସ୍ମୀତା ସେନାପତି ୫୭୩ ନମ୍ବର ହାସଲ କରି ବ୍ଲକସ୍ତରରେ ୨ୟ ଓ ଜିଲ୍ଲା ସ୍ତରରେ ୪ର୍ଥ ସ୍ଥାନ ହାସଲ କରିଛନ୍ତି । ବୈଜ୍ଞାନିକ ହେବକୁ ଇଚ୍ଛା ପ୍ରକାଶ କରିଛନ୍ତି ଆଦ୍ୟାଶା । ଶାରଦା ବିଦ୍ୟାମନ୍ଦିର ଛାତ୍ର ଗୌତମ ସାହୁ ୫୬୯ ନମ୍ବର ହାସଲ କରି ବ୍ଲକସ୍ତରରେ ୩ୟ ସ୍ଥାନ ଓ ଜିଲ୍ଲାସ୍ତରରେ ୧୧ତମ ସ୍ଥାନ ହାସଲ କରିଛନ୍ତି । ଡାକ୍ତର ହେବାକୁ ଅଭିଳାଷ ବ୍ୟକ୍ତ କରିଛନ୍ତି ଗୌତମ । ଶାରଦା ବିଦ୍ୟାମନ୍ଦିର ଛାତ୍ରୀ ସାଗରିକା ବେହେରା ୫୬୮ ନମ୍ବର, ଇପ୍ସିତା ଧଳ ୫୬୮, ଗୌତମ ସେଠୀ ୫୬୫ ନମ୍ବର, ମୋବାରକପୁର ସରକାରୀ ହାଇସ୍କୁଲ ଛାତ୍ରୀ କ୍ରିଷ୍ଣା ପ୍ରିୟଦର୍ଶନୀ ପରିଡା ୫୫୯, ଶାରଦା ଛାତ୍ର ଦିବ୍ୟଜ୍ୟୋତି ଓଝା ୫୫୬, ଇପ୍ସିତା ପ୍ରିୟଦର୍ଶନୀ ସାହୁ ୫୫୪, ଭଣ୍ଡାରିପୋଖରୀ ସରକାରୀ ହାଇସ୍କୁଲ ଛାତ୍ରୀ ହରପ୍ରିୟା ନାୟକ ୫୫୪ ନମ୍ବର, ବାରିକପୁର ହାଇସ୍କୁଲ ଛାତ୍ର ପ୍ରିୟବ୍ରତ ଦାସ ୫୫୨ ନମ୍ବର, ଶାରଦା ଛାତ୍ର ପର୍ଶୁରାମ ସାହୁ ୫୪୯, ଭାଗ୍ୟଶ୍ରୀ ସାହୁ ୫୪୭, ବର୍ଷା ପ୍ରିୟଦର୍ଶନୀ ଦାଶ ୫୪୭, ଶୁଭଦର୍ଶନୀ ନାୟକ ୫୪୬, ଭଣ୍ଡାରିପୋଖରୀ ହାଇସ୍କୁଲ ଛାତ୍ର ଅଭିଷେକ ବେହେରା ୫୪୬, ଶାରଦା ଛାତ୍ର ତନ୍ମୟ କୁମାର ସାହୁ ୫୪୨, ସରସଦା ହାଇସ୍କୁଲ ଛାତ୍ରୀ ଶୁଶ୍ରୀ ଶୈବାଳିନି ୫୪୦, ମଣିନାଥପୁର ନରେନ୍ଦ୍ର କୁମାର ପରିଡା ଉଚ୍ଚବିଦ୍ୟାପୀଠ ଛାତ୍ର ହରସ୍ମିତ ବିଶ୍ୱାଳ ୫୪୦, ବାରିକପୁର ହାଇସ୍କୁଲ ଛାତ୍ରୀ ଦିପ୍ତିମୀ ପାଲ ୫୪୦ ଓ ଶାରଦା ଛାତ୍ରୀ ଦେବବ୍ରତ ଜେନା ୫୪୦ ନମ୍ବର ହାସଲ କରି ଏ ୧ ଗ୍ରେଡରେ ପାସ କରିଛନ୍ତି ।

# ପ୍ରକାଶ ପାଇଲା ମଧ୍ୟମା ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଫଳ

ଭୁବନେଶ୍ୱର (ପିପିଏସ): ମାଧ୍ୟମିକ ଶିକ୍ଷା ପରିଷଦ, କଟକ ପକ୍ଷରୁ ମଧ୍ୟମା ପରୀକ୍ଷା ଫଳ ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଫଳ ପ୍ରକାଶ ପାଇଛି । ଚଳିତ ବର୍ଷ ମଧ୍ୟମା ପରୀକ୍ଷା ନିମନ୍ତେ ୩୬୨୭ ଜଣ ଫର୍ଜୀକରଣ କରିଥିବାବେଳେ ୪୭୯ ଜଣ ପରୀକ୍ଷା ଦେଇନଥିଲେ । ଚଳିତ ମଧ୍ୟମା ପରୀକ୍ଷାରେ ୩୧୧୭ ଜଣ ପାସ୍ କରିଛନ୍ତି । ସେମାନଙ୍କ ମଧ୍ୟରୁ ଏ-୧ରେ ୧୪ ଜଣ, ଏ-୨ରେ ୫୮୯ ଜଣ, ବି-୧ରେ ୧୦୫୧ ଜଣ, ବି-୨ରେ ୮୩୪ ଜଣ, ସି ଗ୍ରେଡ୍‌ରେ ୪୭୫ ଜଣ, ଡି ଗ୍ରେଡ୍‌ରେ ୧୦୩ ଜଣ, ଇ- ଗ୍ରେଡ୍‌ରେ ୫୧ ଜଣ, ଏଫ୍ ଗ୍ରେଡ୍‌ରେ ୩୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ଚଳିତ ବର୍ଷ ମଧ୍ୟମା ପରୀକ୍ଷାରେ ପାସ ହାର ୮୫.୯୪ ଶତକଡ଼ା ରହିଛି । ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଦେବା ପାଇଁ ୫୦୧୮ ଜଣ ଫର୍ଜୀକରଣ କରିଥିବାବେଳେ ୫୨୮ ଜଣ ପରୀକ୍ଷା ଦେଇନଥିଲେ । ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୭୪୬ ଜଣ କୃତକାର୍ଯ୍ୟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଏ-୨ରେ ୨୧ ଜଣ, ବି-୧ରେ ୧୬୮ ଜଣ, ବି-୨ରେ ୭୧୬ ଜଣ, ସି ଗ୍ରେଡ୍‌ରେ ୯୧୩ ଜଣ, ଡି ଗ୍ରେଡ୍‌ରେ ୧୨୦୪ ଜଣ, ଇ ଗ୍ରେଡ୍‌ରେ ୭୨୪ ଜଣ, ଏଫ୍ ଗ୍ରେଡ୍‌ରେ ୭୦୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ଚଳିତ ବର୍ଷ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାରେ ପାସ୍ ହାର ୭୫.୦୭ ଶତକଡ଼ା ରହିଛି ।

# ରାଜ୍ୟରେ ୫ ହଜାରରୁ ଅଧିକ କରୋନା ଟେଷ୍ଟ

ଭୁବନେଶ୍ୱର ,(ପିପିଏସ୍): ରାଜ୍ୟରେ କରୋନାର ନୂଆ ମାମଲା ଲଗାତର ଭାବରେ ବଢିଚାଲିଛି । କରୋନା ଟେଷ୍ଟ କରିବା ପ୍ରକ୍ରିୟା ମଧ ପ୍ରତିଦିନ ଜାରି ରହିଛି । ଗତ ୨୪ ଘଂଟାରେ ପୁରା ରାଜ୍ୟରେ ସମୁଦାୟ ୫ ହଜାର ୧୧ ଜଣଙ୍କର କରୋନା ଟେଷ୍ଟ କରାଯାଇଅଛି ।

ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗର ଟ୍ୱିଟର ସୂଚନା ଅନୁସାରେ ଗୁରବାର ସକାଳ ସୁଦ୍ଧା ସମୁଦାୟ କରୋନା ଟେଷ୍ଟ ୩ କୋଟି ୪୯ ଲକ୍ଷ ୯୧ ହଜାର ୫୧୭ରେ ପହଂଚିଛି ।

# କେନ୍ଦ୍ର ରେଳମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ସ୍ମାରକପତ୍ର

ଭୁବନେଶ୍ୱର, (ହି.ସ): 'ବନ୍ଦେ ଭାରତ ଏକ୍ସପ୍ରେସ' ଉଦ୍‌ଘାଟନ ଅବସରରେ ଓଡ଼ିଶାଗସ୍ତରେ ଆସିଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଭେଟି ଏକ ସ୍ମାରକ ପତ୍ର ଦେବା ପାଇଁ ଅନୁମତି ମଗାଯାଇଥିଲା । କିନ୍ତୁ ଦୁଃଖର କଥା ମନ୍ତ୍ରୀଙ୍କ ପକ୍ଷରୁ ପ୍ରତିନିଧି ଦଳଙ୍କୁ ଭେଟିବା ପାଇଁ କୌଣସି ଅନୁମଳତି ନ ମିଳିବାରୁ ଦଳ ପକ୍ଷରୁ ଏକ ୫ ଦଫା ସମ୍ବଳିତ ଦାବିପତ୍ର ରେଳମନ୍ତ୍ରୀଙ୍କୁ ଇ-ମେଲ ଯୋଗେ ପଠାଯାଇଛି । ଏହି ସ୍ମାରକପତ୍ରରେ ଦଳ ପକ୍ଷରୁ (୧) ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ନିକଟ ଶୀତଳପଲ୍ଲୀଠାରେ ଏକ ରେଳ ୱାଗନ ଫ୍ୟାକ୍ଟ୍ରି ପ୍ରତିଷ୍ଠା କରିବା (୨) ପାରାଦ୍ୱୀପ ହରିଦାସପୁର ରେଳ ଲାଇନରେ କେନ୍ଦ୍ରାପଡା ଜିଲ୍ଲା ସଦର ମହକୁମା ଦେଇ ଯାତ୍ରୀବାହୀ ରେଳ ଚଳାଚଳ କରିବା (୩) ଭୁବନେଶ୍ୱର-ହାଇଦ୍ରାବାଦ ଓ ଭୁବନେଶ୍ୱର-ରାୟପୁର ଭାୟା ଝାରସୁଗୁଡ଼ା, ରାଉରକେଲା ଦେଇ ଆଉ ଦୁଇଟି ବନ୍ଦେ ଭାରତ ଏକ୍ସପ୍ରେସ ଚଳାଇବା (୪) ଭୁବନେଶ୍ୱର ମୁମ୍ବାଇ ଦେଇ ଏକ ଏକ୍ସପ୍ରେସ୍ ଟ୍ରେନ ଚଳାଇବା ଏବଂ (୫) ଭୁବନେଶ୍ୱର-ନୂଆଦିଲ୍ଲୀ ଭାୟା ସମ୍ବଲପୁର ଦେଇ ଏକ ସପୁରଫାଷ୍ଟ ଟ୍ରେନ ଚଳାଇବା ପାଇଁ ଏହି ସ୍ମାରକ ପତ୍ରରେ ଦାବି କରାଯାଇଛି ।

ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ଯୁବନେତା ସୁବ୍ରତ ଲେଙ୍କା, କୋଷାଧ୍ୟକ୍ଷ ସଞ୍ଜୟ ନାୟକ ଓ ଆଡ୍‌ଭୋକେଟ ଶରତ ଚନ୍ଦ୍ର ବେହେରା ପ୍ରମୁଖଙ୍କ ଦସ୍ତଖତ ସମ୍ବଳିତ ଏହି ଦାବିପତ୍ରଟି ରେଳମନ୍ତ୍ରୀଙ୍କ ସମେତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ ପଠାଯାଇଛି । ତୁରନ୍ତ ଓଡ଼ିଶାର ସ୍ୱାର୍ଥକୁ ଆଖି ଆଗରେ ରଖି ପାରାଦ୍ୱୀପ ହରିଦାସପୁର ରେଳ ଲାଇନରେ ଯାତ୍ରୀବାହୀ ଟ୍ରେନ ଚଳାଇବା, ଆଉ ଦୁଇଟି ବନ୍ଦେ ଭାରତ ଏକ୍ସପ୍ରେସ ତୁରନ୍ତ ଓଡ଼ିଶା ମଧ ଦେଇ ଚଳାଇବା ଏବଂ ଗଞ୍ଜାମର ଶୀତଳପଲ୍ଲୀଠାରେ ରେଳ ୱାଗନ ଫ୍ୟାକ୍ଟ୍ରି ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆନଗଲେ ସମାଜବାଦୀ ପାର୍ଟି ରାଜରାସ୍ତାକୁ ଓହ୍ଲାଇବ ବୋଲି ଦଳର ସଭାପତି ରବି ବେହେରା ପ୍ରକାଶ କରିଛନ୍ତି । ନିର୍ବାଚନ ପୂର୍ବରୁ ରେଳ ବିଭାଗ ତୁରନ୍ତ ଓଡ଼ିଶାର ସ୍ୱାର୍ଥକୁ ଗୁରୁତ୍ୱ ଦେଇ ବିଭିନ୍ନ ପ୍ରକଳ୍ପ ପୂର୍ଣ୍ଣ କରିବାକୁ ଶ୍ରୀ ବେହେରା ଦାବି କରିଛନ୍ତି ।

# ବିରଞ୍ଚି ନାରାୟଣ ମାଧବାର୍ଜୁନ କଲେଜର ବାର୍ଷିକ ଉତ୍ସବ
# ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ହେଲେ ଶିକ୍ଷାର ଯଥାର୍ଥତା ପ୍ରତିପାଦିତ ହୋଇପାରିବ



ଭଦ୍ରକ,(ପିପିଏସ୍): ଭଦ୍ରକ ଜିଲା ତିହିଡି ବ୍ଲକ ଅଧିନ ପାଳିଆବିନ୍ଧା ସ୍ଥିତ ବିରଞ୍ଚି ନାରାୟଣ ମାଧବାର୍ଜୁନ କଲେଜର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । କଲେଜର ଛାତ୍ର ସଂସଦ,ନାଟ୍ୟ ସଂସଦ ଓ ଯୁକ୍ତ ଦୁଇ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ କଲେଜର ଅଧକ୍ଷ ପ୍ରାଧ୍ୟାପକ ଅମୂଲ୍ୟ କୁମାର ପରିଡା ପୌରୋହିତ୍ୟ କରିଥିଲେ । ମୁଖ୍ୟ ଅତିଥି ଭାବେ ସାଂସଦ ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଉତ୍ସବକୁ ଉଦଘାଟନ କରି କହିଥିଲେ ଯେ, ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ହେଲେ ଶିକ୍ଷାର ଯଥାର୍ଥତା ପ୍ରତିପାଦିତ ହୋପାରିବ । ମୁଖ୍ୟବକ୍ତା ରୂପେ ଆଚାର୍ଯ୍ୟ ହେମନ୍ତ କୁମାର ପଣ୍ଡା, ବରେଣ୍ୟ ଅତିଥି କଲେଜର ପ୍ରତିଷ୍ଠାତା ସଦସ୍ୟ ବସନ୍ତ କୁମାର ନାୟକ ଓ ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ଅନ୍ୟତମ ଅତିଥି ଜିଲା ପରିଷଦ ସଭ୍ୟା ରୁଜାତା ପଣ୍ଡା, ଆଧ୍ୟାତ୍ମିକ ପ୍ରବକ୍ତା ପଦ୍ମଲୋଚନ ସାମଲ, ସଙ୍ଗୀତଜ୍ଞ ଶାନ୍ତିଲତା ଦୀକ୍ଷିତ ଓ ସରପଞ୍ଚ ଯଶୋଦା ମଲ୍ଲିକ ଯୋଗ ଦେଇ ଶିକ୍ଷା ସାହିତ ଛାତ୍ରଛାତ୍ରୀମାନଙ୍କୁ ଆଧ୍ୟାତ୍ମିକ ମନସ୍କ କରାଇ ପାରିଲେ ସମାଜ ଶୃଙ୍ଖଳିତ ହୋଇପାରିବ ବୋଲି କରିଥିଲେ । ପ୍ରାରମ୍ଭରେ ଅତିଥିମାନେ କଲେଜର ପ୍ରାଚୀରପତ୍ର 'ତାରୁଣ୍ୟ'କୁ ଉନ୍ମୋଚନ କରିବା ସହ ପ୍ରତିଷ୍ଠାତା ଅର୍ଜୁନ ଚରଣ ବଳଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଡେମୋନଷ୍ଟ୍ରେଟର ସପ୍ନା ରାୟଙ୍କ ସମେତ ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରିଥିଲେ । ଛାତ୍ର ସଂସଦର ଉପଦେଷ୍ଟା ଅଧ୍ୟାପକ ସରୋଜ କୁମାର ମହାପାତ୍ର ବିବରଣୀ ପାଠ କରିଥିଲେ । ନାଟ୍ୟ ସଂସଦର ଉପସଭାପତି ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ବାଗ ସ୍ୱାଗତ ଭାଷଣ ଓ ସାଂସ୍କୃତିକ ସଂସଦର ଉପସଭାପତି ଡ.ବିଶ୍ୱରଞ୍ଜନ ଦାସ ଅତିଥି ପରିଚୟ ଦେଇଥିଲେ । ଡ. ସୁଜାତା ଗିରି ବେଦପାଠ କରିଥିଲେ ଓ ନାଟ୍ୟ ସଂସଦ ଉପସଭାପତି ଶେଷରେ ଡ. ସାନ୍ତ୍ରା ରୋଜାରିଓ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର, ଅଧ୍ୟାପକ ସୁଧାଂଶୁ ପଣ୍ଡା, ଅଧ୍ୟାପକ ତପନ ନାୟକ, ଅଧ୍ୟାପିକାର ଚିନ୍ମୟୀ ସେନାପତି, ଅଧ୍ୟାପିକା ଅନୀତା ତ୍ରିପାଠୀ, ଅଧ୍ୟାପକ ଭାଗିରଥି ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଆଇପିଏଲ୍-୨୦୨୩

# ହାଇଦ୍ରାବାଦକୁ ୨ୱିକେଟ୍‌ରେ ପରାସ୍ତ କଲା ବାଙ୍ଗାଲୋର



ହାଇଦ୍ରାବାଦ(ଏଜେନ୍ସି): ବିରାଟ ଓ ଫାପ୍ ଡୁପ୍ଲେସିସ୍‌ଙ୍କ କମାଲ। ଜବରଦସ୍ତ ବ୍ୟାଟିଂ କରି ଜିତିଲା ବାଙ୍ଗାଲୋର। ହାଇଦ୍ରାବାଦରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ହାଇଭୋଲଟ୍ଟେଜ୍ ମ୍ୟାଚ୍ ଦେଖିବାକୁ ମିଳିଛି। ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ ୧୮୬ ରନ୍ କରିଥିଲା। ଜବାବରେ ବାଙ୍ଗାଲୋର ୨ ୱିକେଟ୍ ହରାଇ ୧୮୭ ରନ୍ ଟାର୍ଗେଟ୍ ହାସଲ କରିନେଇଛି। ଆଜି ବାଙ୍ଗାଲୋର ପକ୍ଷରୁ ବ୍ୟାଟିଂ ଆସିଥିବା ଫାପ୍ ଡୁପ୍ଲେସିସ୍ ଓ ବିରାଟ କୋହଲିଙ୍କ ବ୍ୟାଟିଂ ଖୁବ ଚମତ୍କାର ଥିଲା। ଓପନିଂ ଆସିଥିବା ଦୁଇ ବ୍ୟାଟର ପଡ଼ିଆର ସବୁ କୋଣକୁ ବଡ଼ ବଡ଼ ଶଟ୍ ମାରି ଦଳକୁ ବିଜୟ ଅଭିମୁଖେ ନେଇଯାଇଥିଲେ। ବିରାଟ କୋହଲି ସର୍ବାଧିକ ମାତ୍ର ୬୩ ବଲ୍ରେ ଶତକ ହାସଲ କରିଥିବା ବେଳେ ଡୁପ୍ଲେସିସ୍ ୪୭ ବଲ୍ରେ ୭୧ ରନ୍ କରି ଆଉଟ୍ ହୋଇଥିଲେ। ବିରାଟ କୋହଲି ଶତକ ହାସଲ କରିବା ପରେ ୧୭.୫ ଓଭରରେ ଆଉଟ୍ ହୋଇଥିଲା। ଫଳରେ ଦଳର ପ୍ରଥମ ୱିକେଟ୍ ପଡ଼ିଥିଲା। ଏହାପରେ ୧୮.୨ ଓଭରରେ ଡୁପ୍ଲେସିସ୍‌ଙ୍କ ୱିକେଟ୍ ଯାଇଥିଲା। ସେତେବେଳେର ଦଳର ସ୍ଥିତି ୨ ୱିକେଟ୍ ହରାଇ ୧୭୭ ରନ୍ ଥିଲା। ଏହାପରେ ବ୍ୟାଟିଂ କରିବାକୁ ଆସିଥିଲେ ଗ୍ଲେନ୍ ମାକ୍ସୱେଲ୍ ଓ ମାଇକେଲ ବ୍ରାସେଲ୍। ଦୁଇ ଜଣ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ଦଳକୁ ମ୍ୟାଚ୍ ଜିତାଇଥିଲେ। ବାଙ୍ଗାଲୋର ନିର୍ଦ୍ଧାରିତ ୧୯.୨ ଓଭରରେ ୨ ୱିକେଟ ହରାଇ ୧୮୭ ରନ୍ ହାସଲ କରିନେଇଛି। ଅନ୍ୟପଟେ ଆଜି ହାଇଦ୍ରାବାଦ ଉଭୟ ବ୍ୟାଟିଂ ଓ ବୋଲିଂରେ ଦୁର୍ବଳ ପ୍ରଦର୍ଶନ କରିଥିଲା। ଦଳ ପକ୍ଷରୁ କୌଣସି ବୋଲର ବାଙ୍ଗାଲୋରକୁ ରୋକିବାରେ ସମର୍ଥନ ହୋଇନଥିଲେ। ୧୭.୫ ଓଭର ପର୍ଯ୍ୟନ୍ତ ବାଙ୍ଗାଲୋରର ଗୋଟିଏ ବି ୱିକେଟ୍ ନେଇପାରି ନଥିଲେ। ଭୁବନେଶ୍ୱର କୁମାର ଓ ଟି. ନଟରାଜନ ଗୋଟିଏ ଲେଖାଏ ୱିକେଟ୍ ନେଇଥିବା ବେଳେ ଅନ୍ୟ କୌଣସି ବଲ ୱିକେଟ୍ ନେଇପାରି ନଥିଲେ। ତେବେ କୋହଲିଙ୍କର ସମୁଦାୟ ୬ଟି ଶତକ ମଧ୍ୟରୁ ୪ଟି ଶତକ ସେ ଗୋଟିଏ ବର୍ଷରେ ହାସଲ କରିଥିଲେ। ୨୦୧୬ ମସିହାରେ ୪ଟି ଦମଦାର ଶତକ ସହିତ ସେହି ସିଜନରେ ସର୍ବାଧିକ ୯୭୩ ରନ୍ କରି ଅରେଞ୍ଜ କ୍ୟାପ ହାସଲ କରିଥିଲେ ବିରାଟ। ତେବେ ବିରାଟ ସର୍ବାଧିକ ୨ଟି ଶତକ ଗୁଜୁରାଟ ଲାୟନ୍ସ ବିପକ୍ଷରେ ହାସଲ କରିଛନ୍ତି। ଏହାବ୍ୟତୀତ ରାଇଜିଙ୍ଗ ପୁଣେ ସୁପର ଜିଆଣ୍ଟସ, ପଞ୍ଜାବ କିଙ୍ଗସ ଏବଂ କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ଗୋଟିଏ ଲେଖାଏଁ ଶତକ ଅର୍ଜନ କରିଛନ୍ତି କିଙ୍ଗ କୋହଲି। ବର୍ତ୍ତମାନ ଏହି ତାଲିକାରେ ସନ ରାଇଜର୍ସ ହାଇଦ୍ରାବାଦ ମଧ୍ୟ ଯୋଡି ହୋଇଛି। ଏହାପୂର୍ବରୁ ସେ ୨୦୧୯ରେ କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ନିଜର ପଞ୍ଚମ ଶତକ ହାସଲ କରିଥିଲେ। ଏହାସହିତ ବିରାଟ ଆଇପିଏଲରେ ସର୍ବାଧିକ ସ୍କୋର କରିଥିବା ଖେଳାଳିମାନଙ୍କ ତାଲିକାରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଆଜି ପର୍ଯ୍ୟନ୍ତ ଆଇପିଏଲରେ ସେ ମୋଟ ୭୧୬୨ ରନ୍ ସଂଗ୍ରହ କରି ସାରିଛନ୍ତି। ତେବେ ତାଙ୍କ ପରେ ଶିଖର ଧୱନ ୬୬୦୦ ରନ୍ କରିଥିବା ବେଳେ ଡାଭିଡ ୱାର୍ଣ୍ଣର ୬୩୧୧ ଏବଂ ରୋହିତ ଶର୍ମା ୬୧୩୬ ରନ୍ ହାସଲ କରିଛନ୍ତି। ଏହି ତାଲିକାରେ ୫୦୭୬ ରନ୍ ସହ ୭ ନମ୍ବରରେ ସ୍ଥାନ ପାଇଛନ୍ତି ଚେନ୍ନାଇ ସୁପର କିଙ୍ଗସର ଅଧିନାୟକ ଏମ.ଏସ ଧୋନୀ।

# କ୍ରିକେଟ୍ ଖେଳାଳିରୁ ପାଲଟିଗଲେ ରାଜନେତା ଅଶୋକ ଦିଣ୍ଡା



ମୁମ୍ବାଇ(ଏଜେନ୍ସି): ଟିମ୍ ଇଣ୍ଡିଆରେ ଅଛନ୍ତି ଅନେକ ଖେଳାଳି। ଯେଉଁମାନଙ୍କ କ୍ୟାରିୟର ଦୀର୍ଘ ସମୟ ଧରି ରହିପାରିନଥିଲା ତିଷ୍ଠି। ଖୁବଶୀଘ୍ର ଏମାନେ କ୍ରିକେଟ୍ ଜଗତକୁ କହିଥିଲେ ବାଏ ବାଏ। ଏମିତି ଜଣେ ଖେଳାଳି ହେଉଛନ୍ତି ପୂର୍ବତନ ଭାରତୀୟ କ୍ରିକେଟର। ଭାରତ ପାଇଁ ସେ ଖେଳିଥିଲେ ମାତ୍ର ୨୨ଟି ମ୍ୟାଚ୍। କ୍ରିକେଟରୁ ଅବସର ନେବା ପରେ ରାଜନୀତିରେ ମାରିଥିଲେ ଏଣ୍ଟ୍ରି। ଆଉ ରାଜନୀତି ମୈଦାନରେ ବି ସେ ମାରିଥିଲେ ଛକା। ବିପୁଳ ବିଜୟ ସହ ବନିଥିଲେ ବିଧାୟକ। ସେ ଆଉ କେହି ନୁହାଁନ୍ତି ସେ ହେଉଛନ୍ତି ବେଟାରାନ ବୋଲର ଅଶୋକ ଦିଣ୍ଡା। କ୍ରିକେଟ୍ କ୍ୟାରିୟରର କାହାଣୀ ଅତ୍ୟନ୍ତ ରୋଚକମୟ। କୋଲକାତାର ଏକ ଛୋଟ ଗାଁ ମୋଇନାର ବାସିନ୍ଦା ଅଶୋକ। ୨୦୦୪-୨୦୦୫ ମସିହାରେ ସେ ନିଜେ କୋଲକାତାରେ ଦେଇଥିଲେ ତାଙ୍କ ଜୀବନର ପ୍ରଥମ ଟେଷ୍ଟ। ଯେଉଁଠାରେ କୋଚ୍ ତାଙ୍କ ବୋଲିଂକୁ ଖୁବ୍ ପସନ୍ଦ କରିଥିଲେ। ଏହାପରେ ସେ ରଣଜୀ ଦଳରେ ସ୍ଥାନ ପାଇଲେ। ପରେ ସେ ଟିମ୍ ଇଣ୍ଡିଆରେ ମଧ୍ୟ ସୁଯୋଗ ପାଇଲେ। ଅଶୋକ ଦିଣ୍ଡା ଅନ୍ତର୍ଜାତୀୟ ଟି-୨୦ ମ୍ୟାଚରେ କରିଥିଲେ ଡେବ୍ୟୁ। ସେ ଶ୍ରୀଲଙ୍କା ବିପକ୍ଷରେ ଖେଳିଥିଲେ ପ୍ରଥମ ମ୍ୟାଚ୍। ଏହି ମ୍ୟାଚ୍‌ରେ ସେ ୩ ଓଭର ବୋଲିଂ କରିବାର ସୁଯୋଗ ପାଇଥିଲେ। ସେହି ମ୍ୟାଚ୍‌ରେ ସେ ଗୋଟିଏ ମାତ୍ର ୱିକେଟ ନେଇ ଦେଇଥିଲେ ୩୪ ରନ୍। ୨୦୧୩ ପରେ, ଦିଣ୍ଡା ଟିମ୍ ଇଣ୍ଡିଆରେ କୌଣସି ସୁଯୋଗ ପାଇଲେ ନାହିଁ। ପରେ ୨୦୨୧ ମସିହାରେ, ଦିଣ୍ଡା କ୍ରିକେଟ୍ ଦୁନିଆକୁ କହିଥିଲେ ବାଏ ବାଏ। ଆଉ ଆରମ୍ଭ କରିଥିଲେ ଅଲଗା କ୍ୟାରିୟର। ସିଧାସଳଖ କ୍ରିକେଟ ଦୁନିଆରୁ ରାଜନୀତିରେ ମାରିଥିଲେ ଏଣ୍ଟ୍ରି। ସେ ବେଙ୍ଗାଲୁରୁ ବିଧାନସଭା ୨୦୨୧ରେ ମୋୟନା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ଏବଂ ବହୁ ସଂଖ୍ୟାରେ ଜିତିଥିଲେ। ଦିଣ୍ଡା ବର୍ତ୍ତମାନ ବଙ୍ଗଳାର ବିଧାନସଭା ସଦସ୍ୟ ଅଛନ୍ତି।

# ସଚିନ-ବିରାଟଙ୍କ ରେକର୍ଡ ଭାଙ୍ଗିବା ଅନ୍ୟମାନଙ୍କ ପାଇଁ କଷ୍ଟସାଧ



ନୂଆଦିଲ୍ଲୀ(ଏଜେନ୍ସି): ଦିନକୁ ଦିନକ ଭାରତରେ କ୍ରିକେଟ ଖେଳର ଲୋକପ୍ରିୟତା ବଢ଼ିବାରେ ଲାଗିଛି। ଦଶନ୍ଧି ଦଶନ୍ଧି ପୂର୍ବରୁ ଦେଶରେ ବହୁ କିମ୍ବଦନ୍ତୀ କ୍ରିକେଟର ଜନ୍ମ ଲାଭ କରିବା ସହିତ ଟିମ୍ ଇଣ୍ଡିଆକୁ ବିଶ୍ୱବିଜୟୀ କରି ଦେଶ ପାଇଁ ବହୁ ଗୌରବ ଆଣିଛନ୍ତି। ତେବେ ନବେ ଦଶକ ପରଠାରୁ ଭାରତୀୟ କ୍ରିକେଟ ଜଗତ ଅନେକ ବଡ଼ ବଡ଼ ବ୍ୟାଟ୍ସମ୍ୟାନ ଓ ବୋଲରଙ୍କୁ ଦେଖିଛି। ସେମାନଙ୍କ ମଧ୍ୟରୁ ସଚିନ ତେନ୍ଦୁଲକର ଭାରତୀୟ କ୍ରିକେଟର ମୁଖ୍ୟ କର୍ଣ୍ଣଧାର ସାଜିଥିଲେ। ସଚିନ ଆଉଟ ହେବା ପରେ ଦର୍ଶକ ଟିଭି ସାମ୍ନାକୁ ନିରାଶ ହୋଇ ଉଠିଯାଉଥିଲେ। ସେଥିପାଇଁ ସଚିନଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାର 'ଭାରତ ରତ୍ନ' ସମ୍ମାନ ପ୍ରଦାନ କରାଯାଇଛି। ତେବେ ଏହା ମଧ୍ୟରେ ଭାରତୀୟ କ୍ରିକେଟରେ ପୁଣି ଜଣେ ମହାନାୟକ ବିରାଟ କୋହଲି ଜନ୍ମ ନେଇସାରିଛନ୍ତି। ବିଶ୍ୱ କ୍ରିକେଟରେ କେବଳ ବିରାଟ ହିଁ ସଚିନଙ୍କର ରେକର୍ଡକୁ ଭାଙ୍ଗିପାରିବେ ବୋଲି ବହୁ କ୍ରିକେଟ ବିଶ୍ଳେଷକ ଭବିଷ୍ୟବାଣୀ କରିଛନ୍ତି। ଜଣେ ଭାରତୀୟ ଆଉ ଜଣେ ଭାରତୀୟ କିମ୍ବଦନ୍ତୀଙ୍କ ରେକର୍ଡ ଅତିକ୍ରମ କରିବା ନିଶ୍ଚିତ ଭାବେ ଏକ ବଡ଼ କଥା। ଯଦିଓ ପ୍ରତ୍ୟେକ ଖେଳାଳିଙ୍କର ନିଜସ୍ୱ କିଛି ସତନ୍ତ୍ର କ୍ରୀଡ଼ା ନୈପୁଣ୍ୟତା ଥାଏ, ତଥାପି ଅନେକ ସମୟରେ ସୋସିଆଲ ମିଡ଼ିଆରେ ଅନେକ ଚର୍ଚ୍ଚା ହୋଇଥାଏ। ସଚିନ-ବିରାଟଙ୍କ ମଧ୍ୟରୁ କିଏ ଶ୍ରେଷ୍ଠ ସେ ନେଇ କ୍ରୀଡ଼ାପ୍ରେମୀମାନେ ପ୍ରଶ୍ନ କରିଥାନ୍ତି। ତେବେ ଦୁଇଜଣଙ୍କର ବ୍ୟାଟିଂ ଷ୍ଟାଇଲ, ଟେକନିକ, ରେକର୍ଡ ନିଶ୍ଚିତ ଭାବେ ଅଲଗା ରହିବ। କାହାକୁ ସଚିନ ଭଲ ଲାଗନ୍ତି ତ ଆଉ କାହାକୁ ବିରାଟ ଭଲ ଲାଗନ୍ତି। ତେବେ ସଚିନ ଓ ବିରାଟ ବିଶ୍ୱ କ୍ରିକେଟର ଦୁଇଜଣ ଅପ୍ରତିଦ୍ୱନ୍ଦ୍ୱୀ ମହାନାୟକ, ଏଥିରେ ଦ୍ୱିମତ ନାହିଁ। ସଚିନ ୧୯୮୯ରୁ ୨୦୧୨ ମଧ୍ୟରେ ମୋଟ ୪୬୩ଟି ଦିନିକିଆ ମ୍ୟାଚ ଖେଳିଛନ୍ତି। ସେ ଗୋଟିଏ ଦ୍ୱିଶତକ, ୪୯ଟି ଶତକ ଓ ୯୬ଟି ଅର୍ଦ୍ଧଶତକ ସହାୟତାରେ ୧୮,୪୨୬ ରନ୍ ସଂଗ୍ରହ କରିଛନ୍ତି। ତାଙ୍କର ଆଭରେଜ ୪୪.୮୩ ରହିଥିବା ବେଳେ ଷ୍ଟ୍ରାଇକ ରେଟ୍ ରହିଛି ୮୬.୨୩। ସଚିନଙ୍କର ରନର ନିକଟର ଥିବା ବିଶ୍ୱର ସମସ୍ତ ବ୍ୟାଟ୍ସମ୍ୟାନ ଅବସର ନେଇ ସାରିଲେଣି। କେବଳ ବିରାଟ ହିଁ ଏବେ ଅନ୍ତର୍ଜାତୀୟ ମ୍ୟାଚ ଜାରି ରଖିଛନ୍ତି। ବିରାଟ ୨୦୦୮-୨୦୨୩ ମଧ୍ୟରେ ୨୭୪ଟି ଦିନିକିଆ ଖେଳି ୧୨,୮୯୮ ରନ୍ ସଂଗ୍ରହ କରିଛନ୍ତି। ସେ ୪୬ଟି ଶତକ, ୬୫ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ତାଙ୍କର ଆଭରେଜ ୫୭.୩୨ ରହିଥିବା ବେଳେ ଷ୍ଟ୍ରାଇକ ରେଟ୍ ୯୩.୬୨ ରହିଛି। ସେହିପରି ସଚିନ ମୋଟ ୨୦୦ଟି ଟେଷ୍ଟ ମ୍ୟାଚ ଖେଳି ୧୫,୯୨୧ ରନ୍ ସଂଗ୍ରହ କରିଛନ୍ତି। ସେଥିରେ ୬ଟି ଦ୍ୱିଶତକ, ୫୧ଟି ଶତକ ଓ ୬୮ଟି ଅର୍ଦ୍ଧଶତକ ରହିଛି। ତାଙ୍କର ରେକର୍ଡ ନିକଟତର ଅଧିକାଂଶ ଖେଳାଳି ଏବେ ଅବସର ନେଇ ସାରିଲେଣି। ବିରାଟ ମୋଟ ୧୦୮ଟି ଟେଷ୍ଟ ମ୍ୟାଚ ଖେଳି ୮,୪୧୬ ରନ୍ ସଂଗ୍ରହ କରିଛନ୍ତି। ସେଥିରେ ୭ଟି ଦ୍ୱିଶତକ, ୨୮ଟି ଶତକ ଓ ୨୮ଟି ଅର୍ଦ୍ଧଶତକ ରହିଛି। ତେବେ ସଚିନଙ୍କର ଦିନିକିଆ ରେକର୍ଡ ଅପେକ୍ଷା ଟେଷ୍ଟ ରେକର୍ଡକୁ ଅତିକ୍ରମ କରିବା ବିରାଟଙ୍କ ପାଇଁ ବହୁତ କଷ୍ଟସାଧ ହୋଇପାରେ। ମାତ୍ର କିକେଟରେ କିଛି ବି ଅସମ୍ଭବ ନୁହେଁ।

# ଅବସର ନେଇ ଇସାରା ଦେଲେ କିମ୍ବଦନ୍ତୀ ଟେନିସ ଖେଳାଳି ରାଫେଲ ନାଦାଲ



ନୂଆଦିଲ୍ଲୀ(ଏଜେନ୍ସି): ଅବସର ନେଇ ଇସାରା ଦେଲେ କିମ୍ବଦନ୍ତୀ ଟେନିସ ଖେଳାଳି ୨୨ ଥର ଗ୍ରାଣ୍ଡ ସ୍ଲାମ ଚାମ୍ପିୟନ ରାଫେଲ ନାଦାଲ। ୨୦୨୪ ସଂସ୍କରଣ ତାଙ୍କର ଶେଷ ମ୍ୟାଚ୍ ହୋଇପାରେ ବୋଲି ନାଦାଲ କହିଛନ୍ତି। ଗୁରବାର(ମେ ୧୮) ସ୍ପେନ୍‌ର ମାଲୋର୍କାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଏହି ଇଶାର ଦେଇଥିଲେ ନାଦାଲ। ଏଥିସହିତ ଫ୍ରେଞ୍ଚ ଓପନରେ ସେ ପ୍ରତ୍ୟାହାର କରି ନେଇଥିବା ସେ ସୂଚନା ଦେଇଛନ୍ତି। ୨୦୦୫ ଠାରୁ ଟାଇଟଲ ଜିତିବା ପରେ ନାଦାଲ କେବେ ବି ଫ୍ରେଞ୍ଚ ଓପନ ମିସ୍ କରିନଥିଲେ। କିନ୍ତୁ ଚଳିତ ଥର ସେ ମ୍ୟାଚ୍ ଖେଳିବେ ନାହିଁ। ୨୦୦୫ରେ କ୍ଲେ କୋର୍ଟ ଗ୍ରାଣ୍ଡ ସ୍ଲାମ୍‌ରେ ଡେବ୍ୟୁ କରିଥିଲେ। ନାଡାଲ ୧୪ ଥର ଫ୍ରେଞ୍ଚ ଓପନ ଟାଇଟଲ ଜିତିଥିବା ଏକମାତ୍ର ଟେନିସ ଖେଳାଳି ହୋଇଛନ୍ତି। ସେ କହିଛନ୍ତି ଯେ ଏକାଧିକ ଆହତ ଯୋଗୁ ଆସନ୍ତା ବର୍ଷ ପେଷାଗତ ଜୀବନରେ ଯବନିକା ପକାଇବା କଥା ଚିନ୍ତା କରୁଛି। ଏବେ ଅଣ୍ଟାରେ ଆହତ ଯୋଗୁ ଦୁଇ ଦଶନ୍ଧୀ ପରେ ଫ୍ରେଞ୍ଚ ଓପନ ଖେଳିବି ନାହିଁ ବୋଲି ସ୍ଥିର କରିଥିବା ନାଦାଲ କହିଛନ୍ତି।

# ଦୁଷ୍କର୍ମ ମାମଲାରୁ ଶ୍ରୀଲଙ୍କା କ୍ରିକେଟର ଦାଶୁନ ଗୁଣତିଳକାଙ୍କୁ ମିଳିଲା ଆଶ୍ୱସ୍ତି



କଲମ୍ବୋ(ଏଜେନ୍ସି): ଶ୍ରୀଲଙ୍କା କ୍ରିକେଟର ଦାଶୁନ ଗୁଣତିଳକାଙ୍କ ବିରୋଧରେ ଗତବର୍ଷ ଆସିଥିବା ଦୁଷ୍କର୍ମ ମାମଲାର ୪ଟିରୁ ତିନିଟିରେ ତାଙ୍କୁ ଆଶ୍ୱସ୍ତି ମିଳିଛି। ଗତବର୍ଷ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ସମୟରେ ଜଣେ ମହିଳାଙ୍କ ସହ ସହମତିବିନା ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ଗୁଣତିଳକାଙ୍କୁ ହୋଟେଲ୍ ରୁମ୍‌ରୁ ସିଡ୍‌ନି ପୁଲିସ୍ ଗିରଫ କରିଥିଲା। ହେଲେ ଗୁରୁବାର ସିଡ୍‌ନି କୋର୍ଟରେ ହୋଇଥିବା ଶୁଣାଣି ସମୟରେ ସରକାରୀ ଓକିଲ ଗୁଣତିଳକାଙ୍କ ଉପରେ ଲଗାଯାଇଥିବା ୩ ଅଭିଯୋଗକୁ ଉଠାଇ ନେଇଥିଲେ। କାଏମ୍ ରହିଥିବା ଗୋଟିଏ ଅଭିଯୋଗ କ୍ରମେ ଗୁଣତିଳକା ପୀଡ଼ିତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବା ବେଳେ ଗୋଟିଏ ହାତରେ ତାଙ୍କ ବେକକୁ ୨୦ରୁ ୩୦ ସେକେଣ୍ଡ ପର୍ଯ୍ୟନ୍ତ ଚାପି ରଖିବାରୁ ସେ ଶ୍ୱାସରୁଦ୍ଧ ହୋଇଥିଲେ ବୋଲି ଦର୍ଶାଯାଇଛି। ବିଶ୍ୱକପ୍ ସମୟରେ ନିଜ ଦେଶ ପାଇଁ କେବଳ ଗୋଟିଏ ମ୍ୟାଚ୍‌ରେ ଗୁଣତିଳକା ଖେଳିପାରିଥିଲେ। ନାମିବ୍ୟା ବିପକ୍ଷରେ ଖେଳିବା ପରେ ଆହତ ଯୋଗୁଁ ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକ ଖେଳିପାରିନଥିଲେ। ୨୦୨୧ରେ ଇଂଲଣ୍ଡ ଗସ୍ତ ସମୟରେ ଜୈବ ବଳୟ ଭାଙ୍ଗିବା ଅଭିଯୋଗରେ ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ ତାଙ୍କୁ ବର୍ଷେ ବାସନ୍ଦ କରିଥିଲା। ଏଥିପୂର୍ବରୁ ବିଶୃଙ୍ଖଳିତ ଆଚରଣ ଯୋଗୁଁ ୨୦୧୮ରେ ୬ ମାସ ଓ ୨୦୧୭ରେ ୬ ମ୍ୟାଚ୍ ପାଇଁ ତାଙ୍କୁ ବାସନ୍ଦ କରାଯାଇଥିଲା।

# ଆଇପିଏଲ୍‌ରେ ଷଷ୍ଠଥର ଶତକ ହାସଲ କଲେ କୋହଲି



ନୂଆଦିଲ୍ଲୀ(ଏଜେନ୍ସି): ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ବିସ୍ଫୋରକ ଶତକ ହାସଲ କରିଛନ୍ତି ଷ୍ଟାର ଖେଳାଳି ବିରାଟ କୋହଲି। ଏହାସହିତ ଆଇପିଏଲ କ୍ୟାରିୟରରେ ନିଜର ଷଷ୍ଠ ଶତକ ହାସଲ କରିଛନ୍ତି ବିରାଟ। ଏହି ମ୍ୟାଚରେ କୋହଲିଙ୍କ ବ୍ୟାଟରୁ ୬୩ ବଲରେ ୧୦୦ ରନର ଏକ ବିସ୍ଫୋରକ ଇନିଂସ ଦେଖିବାକୁ ମିଳିଛି। ଯେଉଁଥିରେ ୧୨ଟି ଚୌକା ଏବଂ ୪ଟି ବିଶାଳ ଛକା ସାମିଲ ରହିଥିଲା। ତେବେ ଏହି ବିସ୍ଫୋରକ ଶତକ ସହ ଏକ ମହାରେକର୍ଡ ନିଜ ନାମରେ କରିଛନ୍ତି କିଙ୍ଗ କୋହଲି। ଆଇପିଏଲ ଇତିହାସରେ ଏଭଳି କାରନାମା କରିବାରେ କୋହଲି ଭାରତର ପ୍ରଥମ ଖେଳାଳି ପାଲଟିଛନ୍ତି। ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ନିଜର ଷଷ୍ଠ ଶତକ ହାସଲ କରିଛନ୍ତି ବାଙ୍ଗାଲୋରର ଏହି ଷ୍ଟାର ଖେଳାଳି, ଯାହା ତାଙ୍କ କ୍ୟାରିୟରର ଷଷ୍ଠ ଶତକ ପାଲଟିଛି। ତେବେ ଏହାସହିତ ଆଇପିଏଲରେ ସର୍ବାଧିକ ଶତକ ହାସଲ କରିବାରେ ସେ ଭାରତର ପ୍ରଥମ ଖେଳାଳି ହୋଇଛନ୍ତି। କିନ୍ତୁ ଆଇପିଏଲରେ ଦ୍ୱିତୀୟ ଖେଳାଳି ଭାବରେ ସେ ଏହି କାରନାମା କରିଛନ୍ତି। ତେବେ ତାଙ୍କ ପୂର୍ବରୁ ଆରସିବିର ପୂର୍ବତନ ଓପନର ତଥା ୟୁନିଭର୍ସ ବସ୍ କ୍ରିସ ଗେଲ ଏହି ରେକର୍ଡ ନିଜ ନାମରେ କରିଛନ୍ତି। ଏହି ଦୁଇ ଖେଳାଳିଙ୍କ ବ୍ୟତୀତ ରାଜସ୍ଥାନର ଓପନର ଜୋସ ବଟଲରଙ୍କ ନାମରେ ୫ଟି ଶତକ ରହିଛି। ସେହିପରି ଏହି ତାଲିକାରେ କେ.ଏଲ ରାହୁଲ, ଡାଭିଡ ୱାର୍ଣ୍ଣର ଏବଂ ସେନ୍ ୱାଟସନ ୪ଟି ଲେଖାଏଁ ଶତକ ଅର୍ଜନ କରିଛନ୍ତି।


# ବାସନ୍ଦ ଦଣ୍ଡ ଲାଗୁ ଥିବା ସତ୍ତ୍ୱେ ମହିଳା ଜିମ୍ନାଷ୍ଟ ଦୀପା କର୍ମକାରଙ୍କୁ ଜାତୀୟ ଶିବିର ପାଇଁ ଡାକରା

ନୂଆଦିଲ୍ଲୀ(ଏଜେନ୍ସି): ବାସନ୍ଦ ଦଣ୍ଡ ଲାଗୁ ଥିବା ସତ୍ତ୍ୱେ ମହିଳା ଜିମ୍ନାଷ୍ଟ ଦୀପା କର୍ମକରଙ୍କୁ ଜାତୀୟ ଶିବିର ପାଇଁ ମନୋନୀତ କରାଯାଇଛି। ଏସୀୟ ଚାମ୍ପିଅନ୍‌ସିପ୍, ଏସୀୟ କ୍ରୀଡ଼ା ଓ ଅନ୍ୟ ଆନ୍ତର୍ଜାତିକ ପ୍ରତିଯୋଗିତାଗୁଡ଼ିକ ପାଇଁ ଜାତୀୟ ଶିବିର ଆସନ୍ତା ୨୩ ତାରିଖରୁ ଆରମ୍ଭ ହେଉଛି। ଭାରତୀୟ ଜିମ୍ନାଷ୍ଟିକ୍ସ ମହାସଂଘ (ଜିଏଫ୍ଆଇ) ଜାରି କରିଥିବା ସମ୍ଭାବ୍ୟ ତାଲିକାରେ ଦୀପାଙ୍କ ନାମ ସ୍ଥାନ ପାଇଥିବାରୁ ଏହା ସମସ୍ତଙ୍କୁ ଚକିତ କରିଛି। ଡୋପ୍ ଟେଷ୍ଟରେ ବିଫଳ ହେବା ପରେ ଆନ୍ତର୍ଜାତିକ ଟେଷ୍ଟିଂ ଏଜେନ୍ସି ଦୀପାଙ୍କୁ ୨୧ ମାସର ବାସନ୍ଦ ଲାଗୁ କରାଯାଇଛି। ଯାହାକି ଆସନ୍ତା ଜୁଲାଇ ୧୦ ତାରିଖରେ ଶେଷ ହେବ। କିନ୍ତୁ ଜିଏଫ୍ଆଇ ଜାରି କରିଥିବା ସମ୍ଭାବ୍ୟ ତାଲିକାରେ ସ୍ଥାନ ପାଇଥିବା ଜିମ୍ନାଷ୍ଟମାନେ ଶିବିରକୁ ଆସିବା ବେଳେ ଆନ୍ତର୍ଜାତିକ ଜିମ୍ନାଷ୍ଟିକ୍ସ ମହାସଂଘ (ଏଫ୍ଆଇଜି) ଲାଇସେନ୍ସ ଆଣିବା ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ଦୀପାଙ୍କ ଉପରେ ବାସନ୍ଦ ଦଣ୍ଡାଦେଶ ଲାଗୁ ହେବା ପରଠୁ ତାଙ୍କର ଏଫ୍ଆଇଜି ଲାଇସେନ୍ସ ଫେରାଇ ନିଆଯାଇଛି। ଏପରିକି ଏଫ୍ଆଇଜି ୱେବସାଇଟ୍‌ରେ ଦୀପାଙ୍କୁ ଜଣେ ନିଲମ୍ବିତ ଜିମ୍ନାଷ୍ଟ ଭାବେ ଦର୍ଶାଯାଉଛି। ତେଣୁ ଦୀପାଙ୍କ ପାଖରେ ବୈଧ ଏଫ୍ଆଇଜି ଲାଇସେନ୍ସ ନଥିବା ସତ୍ତ୍ୱେ ଜିଏଫ୍ଆଇ ସବୁ ପ୍ରକାରର ନିୟମକୁ ଏଡ଼ାଇ ଦେଇଛି। ଏମିତିକି ତାଙ୍କର ଡୋପ୍ ବାସନ୍ଦାଦେଶକୁ ଅମାନ୍ୟ କରି ଜିଏଫ୍ଆଇ ଦୀପାଙ୍କୁ ଗଳାବାଟ ଦେଇ ଶିବିରରେ ସାମିଲ କରାଇବାକୁ ଉଦ୍ୟମ କରିଛି। ଦୀପାଙ୍କ ସହିତ ଭୁବନେଶ୍ୱରରେ ଗତ ୫ ଓ ୬ ତାରିଖରେ ହୋଇଥିବା ଟ୍ରାଏଲ୍ସରେ ଅନ୍ୟତମ ତ୍ରିପୁରା ଝିଅ ପ୍ରତିସ୍ଥା ସାମନ୍ତ ମଧ୍ୟ ଭାଗ ନେଇନଥିଲେ। ତଥାପି ଦୁହିଁଙ୍କ ନାମକୁ ସମ୍ଭାବ୍ୟ ତାଲିକାରେ ସ୍ଥାନ ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଭାରତରେ ୧୩ ଜଣ ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟଙ୍କୁ ବୈଧ ଏଫ୍ଆଇଜି ଲାଇସେନ୍ସ ମିଳିଛି। କିନ୍ତୁ ଚୀନର ହାଙ୍ଗଝେରେ ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୮ ତାରିଖ ମଧ୍ୟରେ ଏସୀୟ କ୍ରୀଡ଼ା ଆୟୋଜନ ହେବ ଏବଂ ଏଥିପାଇଁ ଚୂଡ଼ାନ୍ତ ଖେଳାଳି ତାଲିକା ଜୁଲାଇ ୧୫ ତାରିଖ ସୁଦ୍ଧା ଦାଖଲ କରିବାକୁ ହେବ। ଦୀପା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁ ବୋଲି ଜିଏଫ୍ଆଇ ଚାହୁଁଛି। ତେଣୁ ଜାତୀୟ ଶିବିରରେ ତାଙ୍କୁ ଅଭ୍ୟାସରେ ରଖିବା ପାଇଁ ଜିଏଫ୍ ?ଆଇ ଦୀପାଙ୍କୁ ସୁଯୋଗ ଦେଉଥିବା ଏକ ସୂତ୍ରରୁ ଜଣାପଡ଼ିଛି।


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୨୧ ମେ-୨୭ ମେ ୨୦୨୩




କର୍ଣ୍ଣାଟକରେ କଂଗ୍ରେସ

କର୍ଣ୍ଣାଟକ ବିଧାନସଭା ନିର୍ବାଚନର ଜନାଦେଶ ପ୍ରଭାବଶାଳୀ ବିଜେପି ବିରୁଦ୍ଧରେ ଯିବା ସହ କଂଗ୍ରେସ ସପକ୍ଷ ଯାଇଛି। ବିଜେପି ବଡ଼ ପରାଜୟ ବରଣ କରିଥିବା ବେଳେ ଏକ ସମୟରେ ଦୁର୍ବଳ କୁହାଯାଉଥିବା କଂଗ୍ରେସ ବିଜେପି ଠାରୁ ୨ଗୁଣାରୁ ଅଧିକ ଆସନ ହାସଲ କରି କର୍ଣ୍ଣାଟକ ଗାଦିରେ ବସିବାକୁ ଯାଇଛି। କର୍ଣ୍ଣାଟକକୁ ଦକ୍ଷିଣ ଭାରତର ଦ୍ୱାର କୁହାଯାଉଥିବା ବେଳେ ଏହି ପରାଜୟ ବିଜେପି ପାଇଁ ଦକ୍ଷିଣର ଦ୍ୱାରକୁ ବନ୍ଦ କରିଥିବା ଚର୍ଚ୍ଚା ହେଉଛି। ଏପରିକି ମୁଖ୍ୟମନ୍ତ୍ରୀ ବସଭରାଜ ବୋମ୍ମାଇଙ୍କ ୧୧ ମନ୍ତ୍ରୀ ମଧ୍ୟ ନିଜ ଆସନ ହରାଇଛନ୍ତି। ମମୁଖ୍ୟମନ୍ତ୍ରୀ ବସଭରାଜ ସିହଗାଓଁ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱିନ୍ଦିତା କରିଥିବା ବେଳେ ସେ ପ୍ରାୟ ୩୫ ହଜାର ଖଣ୍ଡ ଭୋଟ ବ୍ୟବଧାନରେ ବିଜୟ ମୁକୁଟ ପିନ୍ଧିଛନ୍ତି। ଏକଦା ଦୁର୍ବଳ କଂଗ୍ରେସ ଶକ୍ତିଶାଳୀ ବିଜେପିକୁ କ୍ଷମତାଚ୍ୟୁତ କରିବା କୁ ସହଜ ରେ ହଜମ କରିପାରୁନାହାନ୍ତି କିଛି ରାଜନୈତିକ ସମୀକ୍ଷକ।କେତେକଙ୍କ ମତରେ ୨୦୧୮ ବିଧାନସଭା ନିର୍ବାଚନର ତ୍ରୁଟି ସୁଧାରି ବିଜେପିକୁ ଚେକ ଦେବାରେ ସଫଳତା ପ୍ରାପ୍ତି କରିଛି କଂଗ୍ରେସ। ସଫଳ ହୋଇଛି ସିଦ୍ଧରମୈୟା ଶିବକୁମାରଙ୍କ ଯୋଡି। କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପ୍ରଚାରରେ ବିଜେପି ବ୍ୟାକଫୁଟରେ ଥିଲା।

**ଜାତୀୟ:** କର୍ଣ୍ଣାଟକରେ ପରାଜୟ ପରେ ମଧ୍ୟପ୍ରଦେଶରେ ବିଜେପିର ରଣନୀତି କ'ଣ ହେବ ?

**ସ୍ୱତନ୍ତ୍ର ପ୍ରସଙ୍ଗ:** ଝାରସୁଗୁଡ଼ା ଉପନିର୍ବାଚନର ବିଶ୍ଳେଷଣ, ଦୀପାଳିଙ୍କ ବିଜୟ ସ୍ୱାଭାବିକ, ବିଜେପି କହିଲା ଗୁଣ୍ଡାରାଜ

**ନାରୀ:** ତ୍ୱଚାରେ ନିଖାର ଆଣିବା ପାଇଁ ହଳଦିର ଉପକାରିତା

**କ୍ଷୁଦ୍ରଗଳ୍ପ:** ଶେଷ ଝିଅର ବାହାଘର

**ଚଳଚ୍ଚିତ୍ର:** ଭଲ ଆୟ କରୁଛି ଫିଲ୍ମ 'ଦ କେରଳ ଷ୍ଟୋରୀ', ବାଂଲାଦେଶରେ ଧୁମ୍ ମଚାଇଲା ପଠାନ୍, ବିବାଦରେ 'ତାରକ୍ ମେହତା କା ଉଲ୍‌ଟା ଚଷମା'ର ମେକସ, ମେଡିକାଲରେ ଭର୍ତ୍ତି ହେଲେ ଗାୟକ ପପନ, ଝିଅ ପାଇଁ ଇମୋସନାଲ ହେଲେ ଆଲିଆ, ଅଭିନୟ କଲେ ବିଗ୍ ବିଙ୍କ ନାତୁଣୀ, ସିବିଆଇର ସମୀର ୱାନଖଡେଙ୍କ ଘରେ ଚଢାଉ, ମା'ହେଲେ ଗୌହର୍ ଖାନ୍, ନୂଆ ଫିଲ୍ମ କରିବେଅଜୟ

**ଖେଳ:** ବାପା ହେବାକୁ ଚାହୁଁଛନ୍ତି ଦୂତୀ ଚାନ୍ଦ, ପ୍ରଶଂସା ସାଉଁଟିଲେ ରାଶିଦ ଖାନ, ଭାରତକୁ ଚେତାବନୀ ଦେଲେ ପିସିବି ଅଧ୍ୟକ୍ଷ ନଜମ ସେଠୀ ,ଆଇପିଏଲ୍‌ରେ ସର୍ବାଧିକ ୱିକେଟ୍ ହାସଲ କଲେ ୟୁଜଭେନ୍ଦ୍ର ଚହଲ, ଜବରଦସ୍ତ ଫର୍ମକୁ ଫେରିଲେ ମିଷ୍ଟର ୩୬୦ ଡିଗ୍ରୀ, ଲେବଲ-୧ ଅଫେନ୍ସ ପାଇଁ ଦଣ୍ଡିତ ହେଲେ ଜସ୍ ବଟଲର, ବୋମାନ ଓ ବେଲିଙ୍କୁ ଜର୍ସି ଉପହାର ଦେଲେ ମହେନ୍ଦ୍ର ସିଂ ଧୋନି

ଏବଂ **ଶେଷପୃଷ୍ଠା** ରେ ଭର୍ତ୍ତୃହରି ମହତାବଙ୍କ " ମଝି ରାସ୍ତାରେ ଚାଲିଲେ ଦୁର୍ଘଟଣା ନିଶ୍ଚିତ''

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ



ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583